

ଏନଏସ ସୁବ୍ରମଣି ନୂଆ ପ୍ରତିରକ୍ଷା ମୁଖ୍ୟ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 48 ଭାଗ ୩୪ | ସଂଖ୍ୟା ୪୮ | Sunday 10 May 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୦ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର



## କ୍ୟାବିନେଟ୍‌ରେ ଅଗ୍ନିମିତ୍ରାଙ୍କ ସମେତ ୫ ସାମିଲ୍

କୋଲକାତା,୯।୫(ସଂଚାର ବ୍ୟୁରୋ): ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶନିବାର ଶପଥ ନେଇଛନ୍ତି। କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ଭବ୍ୟ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ଆରଏନ ରବି ନୂଆ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶୁଭେନ୍ଦୁଙ୍କ ଶପଥ ଗ୍ରହଣ ସହ ପଶ୍ଚିମବଙ୍ଗକୁ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ମିଳିଛି। ଏଥିସହ ପ୍ରଥମେ ବାମଗଡ଼ ଓ ପରେ ଦିଦିଙ୍କ ଦୁର୍ଗ କୁହାଯାଉଥିବା ପଶ୍ଚିମବଙ୍ଗ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଦଖଲକୁ ଯାଇଛି। ୨୦୧୧ରୁ ନିରବଚ୍ଛିନ୍ନ ବଙ୍ଗ ଶାସନର ଡୋର ସମ୍ଭାଳି ଆସିଥିବା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ପରେ ଶୁଭେନ୍ଦୁ ଅଧିକାରୀ ହେଉଛନ୍ତି ପଶ୍ଚିମବଙ୍ଗର ନବମ ପୃଷ୍ଠା-୬



## ଶୁଭେଚ୍ଛା ଜଣାଇଲେ ମୋହନ

ଭୁବନେଶ୍ୱରः ପଶ୍ଚିମବଙ୍ଗରେ ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଏବେ ପଶ୍ଚିମବଙ୍ଗରେ ବିକାଶର ନୂଆ ଧାରା ବହିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏଥିସହ ବଙ୍ଗବାସୀ ଗତ ୧୫ ବର୍ଷର ଅତ୍ୟାଚାରୀ ଓ ମନମୁଖୀ ସରକାର ବିରୋଧରେ ଭୋଟ ଦେଇ ବିକାଶ ଧାରାରେ ସାମିଲ ହୋଇଛନ୍ତି। ବିଜେପି ଉପରେ ବଙ୍ଗବାସୀ ଯେଉଁ ଆଶା ଭରାସା ରଖିଛନ୍ତି, ନୂଆ ମୁଖ୍ୟମନ୍ତ୍ରୀ ତାକୁ ସାକାର କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚୟନରେ ସହ ପର୍ଯ୍ୟବେକ୍ଷକ ଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ଆଜି ଶପଥ ଗ୍ରହଣ ମଞ୍ଚରେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

### ବାଲିଅନ୍ତା ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ

# କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ



## ଘଟଣାର ପୁନରାବୃତ୍ତି ନ ହେବାକୁ ଡିଜିପିଙ୍କୁ ତାଗିଦ

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିଅନ୍ତା ଅଞ୍ଚଳରେ ହୋଇଥିବା ଭିଡ଼ ହତ୍ୟା ବା ମବ୍ ଲିଞ୍ଚିଂ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ପରେ କ୍ରାଇମବ୍ରାଞ୍ଚ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଆଗାମୀ ଦିନରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପାଇଁ ପୁଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ କରିଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୁଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ବାଲିଅନ୍ତା ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟା ଘଟଣାରେ ଏବେ ସୁଦ୍ଧା ପୁଲିସ ୧୧ ଜଣଙ୍କୁ ଗିରଫ କରିଛି। ଆଜି ୬ ଜଣଙ୍କୁ ଗିରଫ କରଥିବା ବେଳେ ପୂର୍ବରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ବାଲିଅନ୍ତା ଥାନାରେ ଦୁଇଟି ପୃଥକ ପୃଥକ ମାମଲା ଦାୟର ହୋଇଛି। ପୃଷ୍ଠା-୬

# ଆଡଭାନ୍ସ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



## ଏକକାଳୀନ ଏକାଧିକ ଲକ୍ଷ୍ୟ ଭେଦ କରିପାରିବ

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଶନିବାର ଓଡ଼ିଶା ଉପକୂଳବର୍ତ୍ତୀ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ବହୁମୁଖୀ ସ୍ୱାଧୀନ-ଲକ୍ଷ୍ୟଭେଦୀ ରି-ଏଣ୍ଟ୍ରି ଭେଇକିଲ (ଏମଆଇଆରଭି) କୌଶଳଯୁକ୍ତ ଆଡଭାନ୍ସ ଅଗ୍ନି ମିସାଇଲର ଗୁରୁତ୍ୱପୂର୍ଣ୍ଣ ଉଡ଼ାଣ-ପରୀକ୍ଷା ସଫଳତାର ସହ କରାଯାଇଛି। ଏହା ବିକ୍ଷିପ୍ତ ଭାବେ ଏକ ବିସ୍ତାରିତ ଅଞ୍ଚଳରେ ଥିବା ଟାର୍ଗେଟ୍‌ଗୁଡ଼ିକୁ ଏକସଙ୍ଗେ ଭେଦ କରିପାରିବାରେ ସକ୍ଷମ ବୋଲି ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ କୁହାଯାଇଛି। ଏଥିସହ ଭାରତ ହିନ୍ଦ୍ ମହାସାଗରରେ ନିଜର ପରାକାଷ୍ଠା ଦେଖାଇଛି। ସାଧାରଣତଃ କୌଣସି ମିସାଇଲ୍‌ରୁ ଥରକେ ଗୋଟିଏ ଲକ୍ଷ୍ୟକୁ ଭେଦ କରିବା ସକାଶେ କ୍ଷେପଣ କରାଯାଇଥାଏ। କିନ୍ତୁ ଆଜି ପରୀକ୍ଷଣ ହୋଇଥିବା ଆଡଭାନ୍ସ ଅଗ୍ନି ମିସାଇଲ୍‌ରୁ ପୃଷ୍ଠା-୬

## ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ ଘୋଷିତ

# ୫ଟି ବର୍ଗରେ ପୁରସ୍କୃତ ହେବ ଓଡ଼ିଶା

ନୂଆଦିଲ୍ଲୀ,୯।୫: କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷିତ ହୋଇଛି। ଏଥିରେ ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି। ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ। ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ। ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ୩ଟି ବର୍ଗରେ ଏହି ପୁରସ୍କାର ଦିଆଯିବ। ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଓ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ପ୍ରଦାନ କରାଯିବ।

ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ବାବଦରେ ୫ କୋଟି ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ। ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ମନୋନୀତ ହୋଇଛି। ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ମିଳିବ। ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ୩ୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ସାଢ଼େ ୩୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ସାମାଜିକ ନ୍ୟାୟ ଓ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପଞ୍ଚାୟତକୁ ମଧ୍ୟ ସାଢ଼େ ୩୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଏ ବାବଦରେ ୩ କୋଟି ଟଙ୍କାର ପୁରସ୍କାର ମିଳିବ।




## ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତରେ ଗଞ୍ଜାମ ସାମିଲ୍

### ଦୂର ହେଲା ତାମିଲନାଡୁ ଦ୍ୱନ୍ଦ୍ୱ

# ଆଜି ଶପଥ ନେବେ ବିଜୟ

## ସରକାର ଗଢ଼ିବାକୁ ରାଜ୍ୟପାଳଙ୍କ ଆମନ୍ତ୍ରଣ

## କଂଗ୍ରେସ ସମେତ ୫ ଦଳର ସମର୍ଥନ



ଚେନ୍ନାଇ,୯।୫: ଗତ କିଛି ଦିନ ଧରି ତାମିଲନାଡୁରେ ସରକାର କିଏ ଗଠନ କରିବ, ତାକୁ ନେଇ ଚାଲିଥିବା ହାଇଡ୍ରାମାରେ ଆଜି ଯବନିକା ପଡ଼ିଛି। ଏକାଧିକ ଥର ରାଜ୍ୟପାଳଙ୍କୁ ଭେଟିଥିବା ଟିଭିକେ ମୁଖ୍ୟ ବିଜୟ ଥାଲାପତି ବିଜୟ ଶନିବାର ସରକାର ଗଠନ କରିବା ସକାଶେ ଆମନ୍ତ୍ରଣ ପାଇଛନ୍ତି। ଏହି ଅନୁସାରେ, ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ଏଠାକାର ନେହରୁ ଷ୍ଟାଡିଅମ୍‌ରେ ବିଜୟ ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏନେଇ ଆଜି ସନ୍ଧ୍ୟାରେ ଲୋକ ଭବନରୁ ଏକ ବିବୃତ୍ତିରେ ସୂଚନା ଦିଆଯାଇଛି। ଶନିବାର ବିଜୟ ଚତୁର୍ଥ ଥର ପାଇଁ ରାଜ୍ୟପାଳ ଆରଭି ଆର୍ଲେକରଙ୍କୁ ଲୋକଭବନରେ ଭେଟିଥିଲେ ଓ ସରକାର ଗଠନ ପାଇଁ ତାଙ୍କ ନିକଟରେ ଆବଶ୍ୟକ ବିଧାୟକ ତାଙ୍କ ସପକ୍ଷରେ ରହିଛନ୍ତି ବୋଲି ପ୍ରମାଣ ଉପସ୍ଥାପନ କରିଥିଲେ। ପୃଷ୍ଠା-୬

## ଚର୍ଚ୍ଚାରେ ସାଦା ପୋଷାକଧାରୀ ଆଇପିଏସ୍ !

ବାଲିଅନ୍ତା ମବ୍ ଲିଞ୍ଚିଂ ଘଟଣାରେ ଏବେ ସାରା ରାଜ୍ୟ ଉଠୁଛି ପଡୁଛି। ତା ଭିତରେ ସନ୍ଦେହ ଘେରରେ ଆସୁଛନ୍ତି ଜଣେ ସାଦା ପୋଷାକ ଧାରୀ ଆଇପିଏସ ଅଫିସର, ଯିଏ ରାତି ଅଧରେ ବାଲିଅନ୍ତା ଯାଇ ରାଜନୈତିକ ନିଆଁ ଲଗେଇ ନିଜ ଘରେ ଏସି ରୁମରେ ମଜା ନେଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ଘଟଣା ଘଟିବାର ଠିକ୍ ପର ଦିନ ଗତ ସରକାରରେ ବିଶ୍ୱସ୍ତ ଥିବା ଏହି ଆଇପିଏସ ଅଧିକାରୀ ଅଧା ରାତିରେ ଜଣେ ଚାଟୁକାରଙ୍କୁ ସାଙ୍ଗରେ ନେଇ ଉକ୍ତ ଅଞ୍ଚଳରେ କିଛି ଗୁପ୍ତ ବୈଠକ କରିଥିଲେ। ଏହି ଘଟଣା କିଭଳି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବ, ଚାରିଆଡ଼େ କିଭଳି ଭୟର ବାତାବରଣ ସୃଷ୍ଟି ହେବ, ସେ ବିଷୟରେ ପ୍ଲାନ କରିଥିଲେ। ତେଣୁ ଠିକ୍ ପରଦିନ ବିଜେଡି ସମର୍ଥିତ କେତେକ ଗୋଷ୍ଠୀ ରାସ୍ତାରୋକ କରି ହୋହଲ୍ଲା କରିଥିଲେ, ଆଉ ତା' ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

ଏଠି ପ୍ରଶ୍ନ ଉଠୁଛି ଯେ ଉକ୍ତ ଆଇପିଏସ ଜଣକ କିଏ? ତାଙ୍କର ଏଠି ରାଜନୈତିକ ଉଦ୍ଦେଶ୍ୟ କ'ଣ? ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ ଗତ ନିର୍ବାଚନରେ ସେହି ଅଫିସରଙ୍କର ବିଜେଡି ସହ ଭିତିରି ସମ୍ପର୍କ ଥିଲା। ସେତେବେଳେ ସେ ନିଜ ପଦରୁ ଇସ୍ତଫା ଦେଇ ନିର୍ବାଚନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହୋଇଥିଲା। ବାତ୍ୟାଠାରୁ ଆରମ୍ଭ କରି ରଥଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସେ ବିଜେଡି ସରକାରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହୁଥିଲେ। ବର୍ତ୍ତମାନର ସରକାରଙ୍କର ମଧ୍ୟ ସେ ଗେହ୍ଲାପୁଅ ସାଜିଛନ୍ତି। ସରକାର ସବୁ ଜାଣି ମଧ୍ୟ କାହିଁକି ତାଙ୍କ ମୁଖା ନ ଖୋଲି ନିଜ ହାତରେ ନିଜ ତଣ୍ଟି କାଟୁଛନ୍ତି, ତାହା ଭଗବାନଙ୍କୁ ଜଣା।



### ନବୀନ ନିବାସ ସାମ୍ନାରେ ବ୍ୟାରିକେଡ୍, ଦ୍ୱନ୍ଦ୍ୱରେ ସରକାର

# ହାଇକୋର୍ଟଙ୍କ ଅସନ୍ତୋଷ, ତତ୍ପର ପୂର୍ତ୍ତ ବିଭାଗ

## ଚାରି ମାସ ହେଲା ହୋଇପାରୁନି ନିଷ୍ପତ୍ତି

## ଗୃହ ବିଭାଗକୁ ମଗାଗଲା ସ୍ପଷ୍ଟୀକରଣ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ନବୀନ ନିବାସ ସାମ୍ନାରୁ ବ୍ୟାରିକେଡ୍ ହଟିବ କି ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱରେ ସରକାର। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ତ୍ତ ବିଭାଗ ତତ୍ପରତା ପ୍ରକାଶ କରିଥିଲେ ବି ଗୃହ ବିଭାଗ ଜରିଆରେ କମିଶନରେଟ ପୁଲିସ ଓ ଟ୍ରାଫିକ ଡିସିପିଙ୍କ ମତାମତ ଲୋଡ଼ିଛି ବିଭାଗ। ନବୀନ ନିବାସ ସମ୍ମୁଖରେ ବ୍ୟାରିକେଡ ସାଙ୍ଗକୁ ବିକଳ୍ପ ରାସ୍ତା କରିବା ପାଇଁ ଗତ ୨୦୧୬ରେ ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ କିଛି ଜମି ନିଆଯାଇଥିଲା। ଏଥିପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ବିକଳ୍ପ ଜମି ସରକାର ଯୋଗାଇଦେଇଥିଲେ। ତେଣୁ ଏବେ ରାସ୍ତା ଭାବେ ଚିହ୍ନିତ ଏହି ଜମି ଉପରେ ବ୍ୟାରିକେଡ କରାଯିବା ଉଚିତ କି ନୁହେଁ, ସେନେଇ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଫଳରେ ସାଧାରଣ ପ୍ରଶାସନ ବିଭାଗ ପୂର୍ତ୍ତ ବିଭାଗଠାରୁ ଆଉ ପୂର୍ତ୍ତ ବିଭାଗ ଗୃହ ବିଭାଗଠାରୁ ମତାମତ ଲୋଡ଼ିଥିବା ଜଣାପଡ଼ିଛି।

ନବୀନ ନିବାସ ସାମ୍ନାରୁ ବ୍ୟାରିକେଡ୍ ହଟିବା ନେଇ ପ୍ରକାଶ ଚନ୍ଦ୍ର ଦାସ ନାମକ ଜନୈକ ବ୍ୟକ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଭୀମପୁର ମୌଜାରେ ବ୍ୟାରିକେଡ କରାଯାଇ ଜନସାଧାରଣଙ୍କ ଯାତାୟାତରେ ପୃଷ୍ଠା-୬

# ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ୍ ଓ ୫ ସ୍ୱତନ୍ତ୍ର ସାଇବର କୋର୍ଟ



## ପରସ୍ଥିତି ସହ ଆଇନ ବ୍ୟବସ୍ଥାକୁ ସମୟୋପଯୋଗୀ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି। ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି। ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି। ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଜି ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ପିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପୃଷ୍ଠା-୬



## କାନ ଡେରିଥା

କେହି ଏଠିଏବେ
ସୁରକ୍ଷିତ ନୁହେଁ
ବାଲିଅନ୍ତା କହିଦେଲା
କଙ୍ଗାରୁ କୋର୍ଟ ଫଇସଲା କରେ
ଘଟଣା ବଢେଇଦେଲା
ଆଇନ ଶୃଙ୍ଖଳା ଢିଲା...
ହଣା କଟା ଚାଲେ
ଦିନ ଦ୍ୱିପ୍ରହରେ
ପୋଲିସ ଦେଖୁଛି ପାଲା ।

■ ଦେବାଶିଷ

# ବେଙ୍ଗଲ ପରେ ଟାର୍ଗେଟ୍‌ରେ ପଞ୍ଜାବ ଓ ହିମାଚଳ

## ପଞ୍ଜାବରେ ଏକାକୀ ଲଢ଼ିବାକୁ ଶାହଙ୍କ ଯୋଜନା

## ମାସେ ହେବ କ୍ଷେତ୍ର ପ୍ରସ୍ତୁତ କରୁଛି ବିଜେପି



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ବିଜେପିର ବମ୍ପର ବିଜୟ ପରେ ଏବେ ପୂରା ପୂର୍ବ ଭାରତ ବିଜେପି ଦଖଲକୁ ଚାଲିଯାଇଛି। ସେପଟେ ସାରା ଦେଶରେ ୨୨ଟି ରାଜ୍ୟରେ ଚାଲିଛି ବିଜେପି ଓ ଏନ୍‌ଡିଏ ସରକାର। ତେଣୁ ବର୍ତ୍ତମାନ ବିଜେପି ଟାର୍ଗେଟରେ ପଞ୍ଜାବ ଓ ହିମାଚଳ ପ୍ରଦେଶ। ପଞ୍ଜାବ ଓ ହିମାଚଳ ପ୍ରଦେଶ ପାଇଁ ଭିନ୍ନ ଭିନ୍ନ ରଣନୀତି କରୁଛନ୍ତି ଦଳର ଚାଣକ୍ୟ ଅମିତ ଶାହା।

ପଞ୍ଜାବରେ ମଧ୍ୟ ବିଜେପି କେବେ ବି କ୍ଷମତାକୁ ଆସିନାହିଁ। ଏପରିକି ସେଠାରେ ବିଜେପିର ଗଡ଼ ମଧ୍ୟ ଅପେକ୍ଷାକୃତ ଦୁର୍ବଳ। ଆସନ୍ତା ୨୦୨୭ରେ ପଞ୍ଜାବ ସରକାରକୁ ୫ ବର୍ଷ ପୂରିବ। ତେଣୁ ମାର୍ଚ୍ଚ-ଏପ୍ରିଲ ସୁଦ୍ଧା ନିର୍ବାଚନ ହେବାର ସମ୍ଭାବନା ରହିଛି। ପଞ୍ଜାବ ସହ ମଣିପୁର, ଉତ୍ତାରଖଣ୍ଡ, ଉତ୍ତର ପ୍ରଦେଶ, ଗୋଆ ସରକାରର କାର୍ଯ୍ୟକାଳ ମଧ୍ୟ ମାର୍ଚ୍ଚରୁ ମେ' ମଧ୍ୟରେ ସରୁଥିବାରୁ ଏହିସବୁ ରାଜ୍ୟରେ ଏକାସାଙ୍ଗେ ନିର୍ବାଚନ ହେବାର ସମ୍ଭାବନା ରହିଛି। ପଞ୍ଜାବ ବ୍ୟତୀତ ଅନ୍ୟ ୪ଟିଯାକ ରାଜ୍ୟ ଏବେ ବିଜେପି ଦଖଲରେ ଅଛି। ଗତ ୨୦୨୨ ବିଧାନସଭା ନିର୍ବାଚନରେ, ବିଜେପି ୬.୬ ପ୍ରତିଶତ ଭୋଟ ପାଇ ଦୁଇଟି ଆସନ ଜିତିଥିଲା। ୧୧୭ ଆସନ ବିଶିଷ୍ଟ ବିଧାନସଭାରେ ଆପ ୯୨ଟି ଦଖଲ କରି ସରକାର ଗଠନ କରିଛି। ୨୦୨୪ ଲୋକସଭା ନିର୍ବାଚନରେ ଯଦିଓ ଦଳ ଗୋଟିଏ ବି ଲୋକସଭା ଆସନ ଜିତିବାରେ ସଫଳ ହୋଇ ନ ଥିଲା, କିନ୍ତୁ ଭୋଟ ହାର ୧୮ ପ୍ରତିଶତକୁ ବଢ଼ିଥିଲା। ଦୁଇ ବର୍ଷ ମଧ୍ୟରେ ଭୋଟ ହାର ୬.୬ରୁ ୧୮ ପ୍ରତିଶତକୁ ବଢ଼ିବା ଦଳକୁ ଉତ୍ସାହିତ କରିଛି। ୨୦୨୨ରେ ବିଜେପି ଶିରୋମଣି ଅକାଳୀ ଦଳ (ସଂଯୁକ୍ତ) ଓ ପଞ୍ଜାବ ଲୋକ କଂଗ୍ରେସ ଦଳ ସହ ମେଣ୍ଟ କରିଥିଲା। ହେଲେ ୨୦୨୭ରେ ବିଜେପି ପଞ୍ଜାବରେ ଏକାକୀ ଲଢ଼ିବାକୁ ଯୋଜନା କରିଛି।

ଏଥିପାଇଁ ବିଜେପି ଏବେଠାରୁ ରଣନୀତି ଆରମ୍ଭ କରିଦେଇଛି। ନିକଟରେ ଆପ୍‌ର ୭ ଜଣ ସାଂସଦକୁ ନିଜ ଶିବିରକୁ ଟାଣିବାରେ ଦଳ ସକ୍ଷମ ହୋଇଛି। ପଞ୍ଜାବରେ ନିଶା କାରବାର ବ୍ୟାପକ ହୋଇଥିବା ବେଳେ ମହିଳାମାନେ ସମ୍ପୂର୍ଣ୍ଣ ଅବହେଳିତ। ଏଥିସହ ଯୁବ ବର୍ଗ ପାଇଁ କୌଣସି ବିଶେଷ ଯୋଜନା ହୋଇନାହିଁ। ଯଦିଓ ଆପ୍ ପୃଷ୍ଠା-୬

# ଅସନ୍ତୋଷର ଦୃଢ଼ ପ୍ରତିଜବାବ

## ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର

## ବୌଦ୍ଧିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବ ବଙ୍ଗ



ସମ୍ବଲପୁର,୯।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ବିଜେପିର ବିଜୟ କେବଳ ଏକ ରାଜନୈତିକ ସଫଳତା ନୁହେଁ, ବରଂ ଏହା ୧୯୦୫ ମସିହାର ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ବେଦନା ଓ ଅସନ୍ତୋଷର ଏକ ଦୃଢ଼ ପ୍ରତିଜବାବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ବିଗତ ପ୍ରାୟ ୧୨୦ ବର୍ଷ ଧରି ବହୁସଂଖ୍ୟକ ସମାଜ ଯେଉଁ ଅଣଦେଖାର ଶିକାର ହୋଇଥିଲା, ଆଜି ସେହି ସମାଜ ନିଜର ମନକଥା ପ୍ରକାଶ କରିଛି। ପଶ୍ଚିମବଙ୍ଗର ଜନସାଧାରଣ ଅନୁପ୍ରବେଶକାରୀ, ବେରୋଜଗାରୀ ଓ ମହିଳା ଅସୁରକ୍ଷିତତା ବିରୋଧରେ ମତ ଦେବା ସହ ସ୍ୱାବଲମ୍ବନ ଓ ବିକାଶ ସପକ୍ଷରେ ନିଷ୍ପତ୍ତି ନେଇଛନ୍ତି। ବିଜେପିର ମୂଳ ବିଚାରକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ଆଜି ତାଙ୍କ ନିଜ ମାତୃଭୂମିରେ ସେବା କରିବାର ସୁଯୋଗ ପାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ 'ଡବଲ ଇଞ୍ଜିନ' ସରକାର ଏବେ ପୃଷ୍ଠା-୬

# ସେବାଶ୍ରମରେ ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ମୋହିନୀ



ଗରଦପୁର,୯।୫(ସଂଚାର ବ୍ୟୁରୋ)ଃ ଆଜିକାଲି ଯୁବପିଢ଼ି ହୋଟେଲ ଓ ପାର୍ଟି ମାଧ୍ୟମରେ ଜନ୍ମଦିନ ପାଳନ କରୁଥିବା ବେଳେ, ପାଟକୁରା ଅଞ୍ଚଳ କିଣିଲୋ ଗ୍ରାମର ସମାଜସେବୀ ମୋହିନୀ ରାଉତ ନିଆରା ଢଙ୍ଗରେ ନିଜ ଜନ୍ମଦିନ ପାଳନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ସେ ପାଟକୁରା ଅଞ୍ଚଳର କୋରୁଆ ସେବାଶ୍ରମକୁ ଯାଇ ସେଠାରେ ଥିବା ଅସହାୟ ଛାତ୍ରଛାତ୍ରୀଙ୍କ ସହ ଜନ୍ମଦିନ ପାଳନ କରିଥିଲେ।

ଏହି ଅବସରରେ ମୋହିନୀ କେକ୍ କାଟି ପିଲାମାନଙ୍କ ସହ ଖୁସି ବାଣ୍ଟିବା ସହିତ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକୀୟ ଜିନିଷ ବଣ୍ଟନ କରିଥିଲେ। ପିଲାମାନଙ୍କ ପାଇଁ ନାଚଗୀତ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା। ମୋହିନୀ ସ୍ୱୟଂ ପିଲାମାନଙ୍କ ସହ ଯୋଗଦେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ କୃତୀ ପିଲାମାନଙ୍କୁ ପୁରସ୍କୃତ ମଧ୍ୟ କରିଥିଲେ। ସେବାଶ୍ରମ ପକ୍ଷରୁ ମୋହିନୀଙ୍କ ଏହି ମାନବିକ ପଦକ୍ଷେପକୁ ସ୍ୱାଗତ କରାଯାଇଥିଲା। ମୋହିନୀ କହିଥିଲେ ଯେ, ସମାଜର ଅସହାୟ ପିଲାମାନଙ୍କ ସହ ଖୁସି ବାଣ୍ଟିବାରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅନ୍ୟ କୌଣସି ଆନନ୍ଦରେ ମିଳେନାହିଁ। ତାଙ୍କର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

# ବ୍ଲକ୍ ସ୍ତରୀୟ ମାଟ୍ରିକ୍ ଟପର୍ ଛାତ୍ରଛାତ୍ରୀଙ୍କୁ ମହେଶ କର ସ୍ମୃତି ସମ୍ମାନ



ଡେରାବିଶ/ଗରଦପୁର,୯।୫(ସଂଚାର ବ୍ୟୁରୋ)ଃ ଚଳିତ ବର୍ଷ ଡେରାବିଶ ବ୍ଲକ୍‌ରେ ୧୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି । ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରି ସର୍ବାଧିକ ଏ-୧ଗ୍ରେଡ୍ ପାସ୍‌ଧାରୀ ବିଦ୍ୟାଳୟ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଖ୍ୟାତି ଅର୍ଜନ କରିଛି। ଏଥିସହିତ ଏହି ବିଦ୍ୟାଳୟର ଛାତ୍ରୀ ଏସ ଆର, ସୋନାଲି ଶ୍ୱେତାଲିନା ଦାଶ ୫୭୦ ନମ୍ବର ରଖି ଡେରାବିଶ ବ୍ଲକ ଟପର ହୋଇଥିବାରୁ ତାଙ୍କୁ ସ୍ୱର୍ଗତ ମହେଶ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହେଶ କର ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତି, ଶିକ୍ଷାବିତ ନିରଞ୍ଜନ ବେହେରା ସାମ୍ବାଦିକ ସୁବ୍ରତ କୁମାର ସାମଲ ଉପସ୍ଥିତ ରହି ଏସ ଆର, ସୋନାଲି ଶ୍ୱେତାଲିନା ଦାଶଙ୍କୁ ମହେଶ କର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ଅପରାହ୍ନ ୫ଘଣ୍ଟିକା ସମୟରେ ଗରଦପୁର ବ୍ଲକ୍ ଅନ୍ତର୍ଗତ କୋରୁଆ ପଲିଶ୍ରୀ ସେବାଶ୍ରମରେ ଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଗରଦପୁର ବ୍ଲକର ସର୍ବୋଚ୍ଚ ୫୬୧ ନମ୍ବର ରଖି ମେଟ୍ରିକ୍ ଟପର୍ ହୋଇଥିବା ସ୍ମିତମ୍ ସୋନାଲିକା ପାଣିଙ୍କୁ ମହେଶ କର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ଶିକ୍ଷାବିତ୍ ନିରଞ୍ଜନ ବେହେରା, ମହେଶ କର ଫାଉଣ୍ଡେସନ ର ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତି, ସାମ୍ବାଦିକ ମୁକ୍ତେଶ୍ୱର ସ୍ୱାଇଁ, ସମାଜ ସେବୀ ଶ୍ରୀକାନ୍ତ ନାୟକ, ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ପିଲାମାନଙ୍କୁ ବହୁ ଉପାଦେୟ କଥା ଅଭିଭାଷଣ ମାଧ୍ୟମରେ କହିଥିଲେ। ଉପସ୍ଥିତ କୁନି କୁନି ଛାତ୍ରଛାତ୍ରୀ ଅତିଥିଙ୍କ ସମ୍ମୁଖରେ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

# ପୌର ପରିଷଦ ପକ୍ଷରୁ ପଲିଥିନ ଯାଞ୍ଚ



ପଟ୍ଟାମୁଣ୍ଡାଇ,୯।୫(ସଂଚାର ବ୍ୟୁରୋ)ଃପଟ୍ଟାମୁଣ୍ଡାଇ ପୌରପରିଷଦ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପଲିଥିନ ଯାଞ୍ଚ କାର୍ଯ୍ୟକ୍ରମ କରାଯାଇଥିଲା ପଟ୍ଟାମୁଣ୍ଡାଇ ପୌରପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ, ଖାଦ୍ୟ ସୁରକ୍ଷା ଅଧିକାରୀ ଭାରତ ଭୂଷଣ ସ୍ୱାଇଁ, ବହୁବିଧ କାର୍ଯ୍ୟକ୍ରମ ସହକାରୀ ପ୍ରଶାନ୍ତ କୁମାର ସାହୁ , ପାରାଦ୍ୱୀପ ପ୍ରଦୂଷଣ ବୋର୍ଡ କ୍ଷେତ୍ର ସହକାରୀ ମନୋଜ କୁମାର ନାୟକ ପୋଲିସ ଫୋର୍ସ ସହର ବିଭିନ୍ନ ଦୋକାନକୁ ଯାଇ ପଲିଥିନ ଯାଞ୍ଚ କରିବା ସହିତ ଜୋରିମାନା କରିଥିଲେ । ଏହି ଟିମ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ଭୋଜନାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଖାଦ୍ୟର ଗୁଣବତା ଯାଞ୍ଚ କରିବା ସହିତ ଏକକ ବ୍ୟବହୃତ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କରାଯିବା ନେଇ ଯାଞ୍ଚ କରିଥିଲେ । ଏହି ସମୟରେ ବିଭିନ୍ନ ଭୋଜନାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରୁ ୫ ରୁ ୬ କି.ଗ୍ରା ପଲିଥିନ, ୧୨ ଗୋଟି ସୋଲ ଗିନା ପ୍ୟାକେଟ ଏବଂ ବାସି ଖାଦ୍ୟ ମଧ୍ୟ ଜବତ ହୋଇଥିଲା । ପରିବେଶ ପ୍ରଦୂଷଣ , ସ୍ୱାସ୍ଥ୍ୟ ପାଇଁ ଖାଦ୍ୟର ମାନ ଏବଂ ସୁସ୍ଥ ପରିବେଶ ବିଷୟରେ ସଚେତନ କରାଯିବା ସହିତ ଜୋରିମାନା ବାବଦରେ ୩୦,୫୦୦ ଟଙ୍କା ଆଦାୟ କରାଯାଇଥିଲା ।

# ଅବୈଧ ମାଟି ଖନନ ନେଇ ଚାଷୀଙ୍କ ଅସନ୍ତୋଷ

## ନମ୍ବରବିହୀନ ଗାଡ଼ି ଚଳାଚଳକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦ୍ରାପଡ଼ା, ୯।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜମିରୁ ଅନିୟନ୍ତ୍ରିତ ଭାବେ ମାଟି ଖନନ ହେଉଥିବା ନେଇ ସ୍ଥାନୀୟ ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଅଭିଯୋଗ ଅନୁଯାୟୀ, ଖଣି ବିଭାଗ ଓ ତହସିଲ କାର୍ଯ୍ୟାଳୟ ନିର୍ଦ୍ଦିଷ୍ଟ ପରିମାଣରେ ମାଟି ଉଠାଇବାକୁ ଅନୁମତି ଦେଇଥିଲେ ମଧ୍ୟ କିଛି ଜମି ମାଲିକ ମନଇଚ୍ଛା ୧୦ରୁ ୧୫ ଫୁଟ ପର୍ଯ୍ୟନ୍ତ ଗଭୀର ଖାଲ କରି ମାଟି କାଟି ନେଉଛନ୍ତି । ଫଳରେ ପାଖପାଖି ଚାଷ ଜମିର ଅତଡା ଖାଇ ଜମି ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ଏନେଇ ତହସିଲଦାରଙ୍କୁ ଜଣାଇଲେ "ଆର୍‌ଆଇଙ୍କୁ ପଠାଉଛୁ" ବୋଲି କୁହାଯାଉଥିବା ବେଳେ ଖଣି ବିଭାଗ ପକ୍ଷରୁ "ମାଟି ଉଠାଇବା ପାଇଁ ପରିମିଶନ ନିଆଯାଇଛି" ବୋଲି କୁହାଯାଉଛି । ତେବେ ନିୟମ ମାନି ମାଟି କଟାଯାଉଛି କି ନାହିଁ, ସେଥିପାଇଁ ଯଥେଷ୍ଟ ତଦାରଖ ହେଉନଥିବା ଅଭିଯୋଗ ହେଉଛି ।

ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ମାଟି ପରିବହନରେ ଲାଗିଥିବା ଅନେକ ଜେସିବି ଓ ଟ୍ରାକ୍ଟରରେ କୌଣସି ରେଜିଷ୍ଟ୍ରେସନ ନମ୍ବର ନଥିବା ଦେଖିବାକୁ ମିଳୁଛି । ବିନା ନମ୍ବର ଗାଡି ଦ୍ରୁତ ଗତିରେ ରାସ୍ତାରେ ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ଯଦି କୌଣସି ଦୁର୍ଘଟଣା ଘଟେ, ତାହା ପାଇଁ କିଏ ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି ।

ଏପରି ସ୍ଥିତିରେ ପରିବହନ ବିଭାଗ, ସ୍ଥାନୀୟ ଥାନା ଓ ଖଣି ବିଭାଗର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ବିନା ନମ୍ବର ଗାଡି ଚଳାଚଳ ଓ ନିୟମ ଉଲ୍ଲଂଘନ କରି ଅତ୍ୟଧିକ ମାଟି ଖନନ କରୁଥିବା ଜମି ମାଲିକଙ୍କ ବିରୋଧରେ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ନେବ, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଡ. ଜ୍ୟୋତ୍ସ୍ନାରାଣୀ ଜେନା ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ



କେନ୍ଦ୍ରାପଡ଼ା,୯।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ଦକ୍ଷ ନାରୀନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ଭାରତୀୟ ଜନତା ପାର୍ଟିର କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ ଏ ନେଇ ଘୋଷଣା କରିଛନ୍ତି। ଡ. ଜେନା ଗତ ଦୀର୍ଘ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲ୍ଲାରେ ମହିଳା ସଂଗଠନକୁ ସୁଦୃଢ କରି ଆସୁଛନ୍ତି । ତାଙ୍କ କାର୍ଯ୍ୟଦକ୍ଷତାରେ ସନ୍ତୋଷ ପ୍ରକାଶ କରି ରାଜ୍ୟ ସଭାପତି ତାଙ୍କୁ ଏହି ପଦରେ ନିଯୁକ୍ତି ଦେଇଛନ୍ତି।

ଗତ ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପାଇଁ ମହିଳା ଭୋଟ ବ୍ୟାଙ୍କ ବୃଦ୍ଧି କରିବାରେ ଡ. ଜେନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାରଣ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ବିଜେଡିର ଗଡ଼ ଥିବା ବେଳେ ସେହି ଗଡ଼କୁ ଭାଙ୍ଗିବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ସାଂସଦ ଶ୍ରୀ ପଣ୍ଡା ଏନେଇ ତାଙ୍କୁ ପ୍ରଶଂସା କରିଥିଲେ । ସେ ୮ ନଂ. ଜୋନରେ ଜିଲ୍ଲା ପରିଷଦ ସଦସ୍ୟା ଥିଲେ । ଏହାସହ ସେ ବିଜେଡିରେ ଥିବା ବେଳେ ବିଭିନ୍ନ ଜିଲ୍ଲାର ପ୍ରଭାରୀ ଭାବେ ନିଯୁକ୍ତି ପାଇ ସଫଳତାର ସହ କାର୍ଯ୍ୟ କରିଥିଲେ । ଏବେ ସେ କେନ୍ଦ୍ରାପଡ଼ା ଦିଶା (ଡିଷ୍ଟ୍ରିକ୍ଟ ଡେଭେଲପମେଣ୍ଟ କୋର୍ଡିନେସନ ଆଣ୍ଡ ମନିଟରିଂ କମିଟି)ର ସଦସ୍ୟା ଅଛନ୍ତି । ଏହାସହ ସେ ମାନବାଧିକାର ପରିଷଦର ରାଜ୍ୟ ସଂପାଦିକା ଓ ଲାୟନ୍ସ କ୍ଲବର ଆଜୀବନ ସଦସ୍ୟା ଅଛନ୍ତି । ସେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟା ଥିଲେ ।

ସେ ବିଜେଡିରେ ଥିଲା ବେଳେ ଦଳୀୟ ସଂଗଠନକୁ ସୁଦୃଢ କରିଥିଲେ । ତାଙ୍କ ନାମ ଜିଲ୍ଲା ସଭାପତି ପାଇଁ ବହୁବାର ଯାଇଥିଲେ ମଧ୍ୟ ବିଜେଡିର କିଛି କୁଚକ୍ରୀ ନେତା ତାଙ୍କ ନାମକୁ କାଟି ଦେଉଥିଲେ । ତେଣୁ ବିଜେଡିରୁ ନିର୍ଯ୍ୟାତିତ ହୋଇ ସେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗ ଦେଇଥିଲେ । ବିପେଜିରେ ମାତ୍ର ଅଢେଇ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କ ସାଂଗଠନିକ ଦକ୍ଷତାକୁ ବିଜେପି ନେତାମାନେ ଅନୁଶୀଳନ କରିଥିଲେ। ଫଳରେ ତାଙ୍କୁ ଜିଲ୍ଲା ସଭାନେତ୍ରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଛି ।

ଶ୍ରୀମତୀ ଜେନାଙ୍କୁ ଏହି ପଦବୀ ମିଳବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭଦାଲୋ ଗ୍ରାମରେ ଭକ୍ତିମୟ ପରିବେଶରେ ଚନ୍ଦନ ଯାତ୍ରା ପାଳିତ



କେନ୍ଦ୍ରାପଡା,୯।୫(ସଂଚାର ବ୍ୟୁରୋ)ଃ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାର ଭଦାଲୋ ଗ୍ରାମରେ ଶ୍ରଦ୍ଧା ଓ ଭକ୍ତିର ସହ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଥମେ ଶ୍ରୀ ଶ୍ରୀ ନବୀନ କିଶୋରଙ୍କ ନିକଟରେ ତର୍ପଣ, ଭୋଗ, ଆଳତୀ ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ମହା ଆଡମ୍ବରରେ ବିରାଟ ଶୋଭାଯାତ୍ରାରେ ନେଇ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ସୌଜନ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଖୋଳ, ଝାଞ୍ଜ, କରତାଳ, ଢୋଲ ଓ ହରିନାମ ସଙ୍କୀର୍ତ୍ତନର ତାଳେ ତାଳେ ଭକ୍ତମାନେ ଉତ୍ସାହର ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଚିତ୍ରୋତ୍ପଳା ନଦୀ ମଧ୍ୟକୁ ପହଞ୍ଚିବା ପରେ ଠାକୁରଙ୍କ ଚନ୍ଦନ ଖେଳ ନୀତି ସମ୍ପନ୍ନ ହୋଇଥିଲା। ପରେ ଭକ୍ତମାନଙ୍କ ହରିବୋଲ ଧ୍ୱନି ମଧ୍ୟରେ ଠାକୁରଙ୍କୁ ପୁନର୍ବାର ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା।

# ଭଙ୍ଗା ଗୃହରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

## ସିଡିପିଓଙ୍କ ଦୃଷ୍ଟି ପଡ଼ିଲାନି

## ଜିଲ୍ଲାପାଳଙ୍କୁ ଅବଗତ କଲେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ



ଡେରାବିଶ,୯।୫(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ଶିଶୁ ବିକାଶ ଯୋଜନାରେ ସୁଧାର ଆଣିବା ସହିତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ଯୋଜନା ଉପରେ ଯୋଜନା ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଶିଶୁ ମାନଙ୍କର ସବୁ ପ୍ରକାର ବିକାଶ କରାଯାଉଥିବା କଥା କୁହାଯାଉଛି ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଶିଶୁ ବିକାଶ ସମ୍ପନ୍ଧିତ କାର୍ଯ୍ୟଳୟ ଅଧୀନସ୍ଥ ବାସ୍ତବ ଚିତ୍ର ଭିନ୍ନ। ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତରେ ।

ଏହି ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡେଇ ଅଙ୍ଗନବାଡି କେନ୍ଦ୍ର ଏକ ପରିତ୍ୟକ୍ତ ଗୃହରେ ଚାଲିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରକାଶ ଯେ ଏହି ଅଙ୍ଗନବାଡି କେନ୍ଦ୍ରଟି ବାଙ୍କିମୁଣ୍ଡେଇ, ତୋଟାସାହି ଓ ନୂଆପାଟଣା ଗ୍ରାମର କୁନିକୁନି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଷ୍ଠା ହୋଇଛି। ଏହି କେନ୍ଦ୍ରରେ ୧୬ରୁ ଊର୍ଦ୍ଧ୍ୱ ଶିଶୁ ଅଧୟନ କରୁଥିବା ବେଳେ ୩୨ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସେବା ଯୋଗାଇ ଦିଆଯାଉଛି। ତେବେ ଏହି କେନ୍ଦ୍ରର ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଉପଜାତିର ହୋଇଥିବା ପ୍ରକାଶ କରିଛନ୍ତି କର୍ମୀ କବିତା ନାୟକ।

ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ଏହି ଗୃହକୁ ଯେକେହି ଦେଖିଲେ ଚକିତ ହୋଇଯିବେ। ଭଙ୍ଗା ଆଜବେଷ୍ଟସ ପଡ଼ିଥିବା ଏହି ପରିତ୍ୟକ୍ତ ଗୃହର ଝରକା ନଥିବା ବେଳେ କବାଟ ନାମକୁ ମାତ୍ର ଝୁଲି ରହିଛି । ଯେ କୌଣସି ସମୟରେ ବଡ଼ ଅଘଟଣକୁ ଏଡାଇ ଦିଆଯାଇନପାରେ। ଏପରି ସ୍ଥଳେ କୁନି କୁନି ପିଲାଙ୍କର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୋଷେଇ କରିବା ପାଇଁ କୌଣସି ସୁବିଧା ନ ଥିବାରୁ କର୍ମୀଙ୍କ ଘରେ ଖାଦ୍ୟ ରନ୍ଧା ଯାଇ ପିଲାଙ୍କୁ ଦିଆଯାଉଛି ।

ହେଲେ ଦୁଃଖ ଓ ପରିତାପର ବିଷୟ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ହରପ୍ରିୟା ଦେବୀଙ୍କ ଏଥି ପ୍ରତି କୌଣସି ଦୃଷ୍ଟି ପଡୁ ନାହିଁ। ଏପରିକି ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବି ସିଡିପିଓଙ୍କ ନିଦ ଭାଙ୍ଗି ନଥିଲା। ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ସ୍ଥାନ ନିରୂପଣ ସମସ୍ୟା ଯୋଗୁଁ ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ଓ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ତେବେ ଯେଉଁ ସମସ୍ୟା ଥାଉ ନା କାହିଁକି କୁନିକୁନି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ଏହା ଉପରେ ପ୍ରାଥମିକତା ଦେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।

ଖବର ପାଇ ଆଜି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ସୁଷମା ମହାନ୍ତି ହଟାତ୍ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନରେ ଆସି ଘଟଣାର ସତ୍ୟ ସତ୍ୟା ଦେଖି ତାଜୁବ୍ ହୋଇଯାଇଥିଲେ। ଏହାପରେ ସିଡିପିଓଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହିତ ସିଡିପିଓଙ୍କ ଉଦାସୀନତା ଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣରେ ବିଳମ୍ବ ଘଟିଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା କଥା ଜଣାପଡିଛି।

# ଆଧ୍ୟାତ୍ମିକ ସମ୍ମିଳନୀରେ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ




କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ପରମାଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଗୁଜୁରାଟର ଅହମଦାବାଦସ୍ଥିତ ସାବରମତୀ ଆଶ୍ରମରେ ଏକ ବିଶାଳ ଧର୍ମସଭାରେ ଯୋଗଦେଇ କହିଲେ ଭାରତ ହେଉଛି ବସୁଧୈବ କୁଟୁମ୍ବକମର ଦେଶ । ଯେଉଁଠି ସାରା ବସୁଧା ହେଉଛି ଏକ ଓ ସମସ୍ତେ ହେଉଛନ୍ତି ତାହାର ସନ୍ତାନ। ଏଥିସହିତ ସମଗ୍ର ଭାରତବର୍ଷରେ ଶାନ୍ତି ବିରାଜମାନ କରୁ ଓ ଧର୍ମ ସ୍ଥାପନା ହେଉ ବୋଲି ଶ୍ରୀମା ବକ୍ତବ୍ୟ ରଖିଥିଲେ । ଏଥିସହିତ ଶ୍ରୀମା କହିଥିଲେ ମାନବ ଜାତି ତା'ର ସତ୍ତା ହରାଇ ବସୁଥିବା ବେଳେ ଦେଶର ପ୍ରତ୍ୟେକ ସ୍ଥାନରେ ଧର୍ମସଭା, ଧର୍ମ ଜାଗରଣ, ରାଷ୍ଟ୍ରଗଠନ, ଶୁଭ ଚିନ୍ତନ ଓ ସୁମତାମତ ପ୍ରଦାନ ଦ୍ୱାରା ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ରର ମର୍ଯ୍ୟାଦାକୁ ବଜାୟ ରଖିପାରିବ ବୋଲି କହିଛନ୍ତି । ଏକ ଅଖଣ୍ଡ ଓ ସୁସ୍ଥ ଭାରତ ଗଠନ ପାଇଁ ସମସ୍ତେ ଏକତ୍ରିତ ହୋଇ ପ୍ରୟାସ ଜାରି ରଖିବାକୁ ଶ୍ରୀମା ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଟି ମାତାଜୀ, ଅରୁଣ ଓଝା, ଜିତୁ ବାବାଜୀ, ଜୟନ୍ତ ଦାସ, ପୁନ ମାତାଜୀ, ସ୍ୱାମୀ ପ୍ରତିଭା ଗିରୀ, ସ୍ୱାମୀ ଓମ ଆନନ୍ଦ ସରସ୍ୱତୀ, ସ୍ୱାମୀ ପତିତପାବନ ଗିରୀ, ସ୍ୱାମୀ ବଲ୍ଲଭାନନ୍ଦ ସରସ୍ୱତୀ, ବୈଷ୍ଣବ ମହନ୍ତ ପ୍ରମୁଖ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ, ସନ୍ଥମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ଦୀପ୍ତିମୟୀ କୁଅଁର ବିଜେପିର ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି



କୋରାଇ,୯।୫ (ସଂଚାର ବ୍ୟୁରୋ)ଃଭାରତୀୟ ଜନତା ପାର୍ଟି, ମହିଳା ମୋର୍ଚ୍ଚା, ଓଡ଼ିଶା ପକ୍ଷରୁ କୋରାଇ ବ୍ଲକ ଅନ୍ତର୍ଗତ ତୁଳତି ଗ୍ରାମପଂଚାୟତର ପୂର୍ବତନ ସରପଂଚ ଶ୍ରୀମତୀ ଦିପ୍ତିମୟୀ କୁଅଁର'ଙ୍କୁ ଯାଜପୁର ଜିଲ୍ଲାର ମହିଳା ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ।

କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଅନୁମୋଦନ କ୍ରମେ ଶ୍ରୀମତୀ କୁଅଁରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଚର୍ଚ୍ଚା ଚାଲିଛି। ତେବେ ଶ୍ରୀମତୀ କୁଅଁର ତୁଳତି ଗ୍ରାମପଂଚାୟତରେ ସରପଂଚ ଭାବେ କାର୍ଯ୍ୟ କରୁଥିବା ବେଳେ ସବୁବର୍ଗର ଲୋକଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବା, ବିଜେପି ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା, ବାତ୍ୟା, ବନ୍ୟା ସମୟରେ ସମାଜସେବା କାର୍ଯ୍ୟ କରି ଲୋକପ୍ରିୟ ହୋଇ ପାରିଛନ୍ତି।

ତାଙ୍କର ଏହି ନିଯୁକ୍ତି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ମହିଳାନେତ୍ରୀ ଡଃ ଏଶ୍ୱେରିୟା ରାୟ, ଶ୍ରୀମତୀ ଦେବଜାନୀ ପ୍ରଧାନ, ସାଂସଦ ଡଃ ରବିନାରାୟଣ ବେହେରା, ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ , ମାନ୍ୟବର ବିଧାୟକ ଶ୍ରୀ ଆକାଶ ଦାସନାୟକ, ଶ୍ରୀ ଆମର ନାୟକ, ଶ୍ରୀ ହିମାଂଶୁ ଶେଖର ସାହୁ, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀ ଗୌତମ ରାୟ, ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତୀ ବବିତା ମଲ୍ଲିକ, ବିଧାୟକ ପ୍ରାର୍ଥୀ ଶ୍ରୀ ଉମେଶ ଜେନା, ଯାଜପୁର ଜିଲ୍ଲା ଯୁବ ସଭାପତି ଶ୍ରୀ ସତ୍ୟ ସାଗର ଜେନା'ଙ୍କୁ ସମେତ ଯାଜପୁର ଜିଲ୍ଲାର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଓ ମହିଳା ଏବଂ ମାଆମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଅନେକ ଅନେକ ଧନ୍ୟବାଦ ଜଣାଇଛନ୍ତି। ଯାଜପୁର ଜିଲ୍ଲାର ମହିଳା ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ନିଷ୍ଠାର ସହିତ କାମ କରିବାକୁ ବାର୍ତ୍ତା ଦେଇଛନ୍ତି।

### ଗଣନା ଅଧିକାରୀଙ୍କ ମନମାନୀ

# ଗୃହଗଣନା ଓ ଜନଗଣନାରୁ ବଞ୍ଚିତ ପରିବାର

## ସମାଧାନ ନ ହେଲେ ଆଇନର ଆଶ୍ରୟ ଚେତାବନୀ

ଯାଜପୁର,୯।୫ (ସଂଚାର ବ୍ୟୁରୋ)ଃ ଯାଜପୁର ତହସିଲ ଅନ୍ତର୍ଗତ ମଇଦିପୁର ଗ୍ରାମର ଏଚଏଲବି ନଂ - ୦୧୬୬, ଗଣନାଅଧିକାରୀ ସୁଧୀର ଓଝାଙ୍କ ଯୋଗୁଁ ଦେବବ୍ରତ ପଣ୍ଡାଙ୍କ ପରିବାର ଗୃହଗଣନା ଓ ଜନ ଗଣନାରୁ ବଞ୍ଚିତ ହୋଇଛନ୍ତ। ଏ ସମ୍ପର୍କରେ ଯାଜପୁର ତହସିଲଦାରଙ୍କୁ ଅବଗତ କରାଯାଇଛି। ହେଲେ ଏଯାବତ ଏହାର କୌଣସି ସୁଫଳ ନ ମିଳିବା ଘଟଣା ଅଧିକ ରହସ୍ୟମୟ ହୋଇଛି। ଉଲ୍ଲେଖ ଯୋଗ୍ୟ, ଦେବବ୍ରତ ପଣ୍ଡା ଓ ତାଙ୍କ ପତ୍ନୀ ଉଭୟ କୌଣସି କାର୍ଯ୍ୟରେ ଘରେ ଚାବି ପକାଇ ବାହାରକୁ ଯାଇଥିଲେ। ତେବେ ଘରେ ଚାବିପକାଇ କର୍ମକ୍ଷେତ୍ରରେ ଥିବାବେଳେ ଗୃହଗଣନା ଓ ଜନଗଣନା କାର୍ଯ୍ୟରେ ନିଯୁକ୍ତ ଅଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରିଥଲେ । କିନ୍ତୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ସେ ତାଙ୍କ କ୍ଷମତାର ଅପବ୍ୟବହାର କରି ଗୃହଗଣନା ଓ ଜନଗଣନାରୁ ପରିବାରକୁ ବଞ୍ଚିତ କରିଛନ୍ତି। ଏ ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ପରିବାର ପକ୍ଷରୁ ସରକାରଙ୍କୁ ବିନମ୍ର ନିବେଦନ କରାଯାଇଛି। କାରଣ ଗଣନା ଅଧିକାରୀଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ଉପୁଜିଛି । ସରକାର ଏଥି ପ୍ରତି ଧ୍ୟାନ ନ ଦେଲେ ଆମ୍ଭେ ଆଇନର ଆଶ୍ରୟ ନେବୁ ବୋଲି ଚେତାବନୀ ଦେଇଛନ୍ତି ।

## କୋରେଇ ବିଇଓ କାର୍ଯ୍ୟାଳୟରେ ୫.୫୬ କୋଟି ଘୋଟାଲା ମାମଲା

# ବିଇଓ ସୁଦର୍ଶନ ମଲିକ ନିଲମ୍ବିତ

ଯାଜପୁର, ୯।୫ (ସଂଚାର ବ୍ୟୁରୋ)ଃ ଯାଜପୁର କୋରେଇ ବିଇଓ କାର୍ଯ୍ୟାଳୟରେ ୫,୫୬,୧୧,୪୯୫ କୋଟି ଟଙ୍କା ଘୋଟାଲାର ପର୍ଦ୍ଦା ଖୋଲୁଛି । ଯାହାକି କାର୍ଯ୍ୟରେ ଅବହେଳା କରିଥିବା କୋରେଇ ବିଇଓ ସୁଦର୍ଶନ ମଲିକଙ୍କୁ ନିଲମ୍ବନ କରଯାଇଛି । ଗଣ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ନଂ ୧୧୫୨୯ ତା ୬.୫.୨୦୨୬ରେ ଏହିଁ ନିଲମ୍ବନ ଆଦେଶ ଦିଆଯାଇଛି । ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଡ୍ରାଫ୍ଟ ଚାର୍ଜ ହୋଇଥିଲା। ନିଲମ୍ବନ ପରେ ସେ ଡିଇଓ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ହେବାକୁ ତାଙ୍କୁ ଆଦେଶ ନାମା ଜାରି ହୋଇଛି। କିନ୍ତୁ ଏହିଁ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାଁ ମୋଟା ଅଙ୍କର ବଟି ନେଇ ଚପାଇ ଦିଆଯିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖ ଯୋଗ୍ୟ ଯେ, ମୃତ ଓ ଅବସରପ୍ରାପ୍ତ ଶିକ୍ଷକ (ପେନସନଭୋଗୀ) ୧୩ ଜଣଙ୍କୁ ସକ୍ରିୟ ଭାବେ ଶିକ୍ଷକତା କରୁଥିବା ଦର୍ଶାଇ ମାସିକ ବିଲ ବାବଦ ଉକ୍ତ ସରକାରୀ ଟଙ୍କା ହଡପ କରାଯାଇଥିବା ଅଡିଟ ରିପୋର୍ଟରେ ନଜରକୁ ଆସିଥିଲା। ଯାହାଫଳରେ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଥିରୁମାଲ୍ଲା ନାୟକ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶୀକ୍ଷାଧିକାରୀ କୋରେଇ ଥାନାରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବା ପରେ ଘୋଟାଲାର ପର୍ଦ୍ଦା ଖୋଲିଥିଲା । ଏହି ଘଟଣାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି (ବିଇଓ କାର୍ଯ୍ୟାଳୟରେ ପୁନଃନିଯୁକ୍ତ )ତାଙ୍କ ପତ୍ନୀ ସୀତାରାଣୀ ମହାନ୍ତି, ତାଙ୍କ ପୁଅ ଜନ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ (ଭଦ୍ରକ)ର ଶାଖା ମୁଖ୍ୟ ମାତୃପ୍ରସାଦ ମହାନ୍ତି ଓ ବିଇଓ କାର୍ଯ୍ୟାଳୟର କିରାଣୀ ବିଷ୍ଣୁ ପ୍ରସାଦ ଦାସ ଗିରଫ ହୋଇ ଜେଲ ଯାଇଥିଲେ।

ତେବେ ଉଭୟ ପିତା - ପୁତ୍ର ଏହାର ମାଷ୍ଟର ମାଇଣ୍ଡ ଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ ଅବସର ନେବା ପରେ କୋରେଇ ବିଇଓ କାର୍ଯ୍ୟାଳୟରେ ଶିକ୍ଷକଙ୍କ ଦରମା ବିଲ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ଲିପ୍ତ ଥିଲେ । ଯାହାଦ୍ୱାରାକି ପ୍ରଦୀପ ମାନବ ସମ୍ବଳ ପରିଚାଳନା ପ୍ରଣାଳୀ (ଏଚଆରଏମଏସ)କୁ ଅବୈଧ ଭାବରେ ପ୍ରବେଶ କରିଥିଲେ। ଏହାର ସୁବିଧା ନେଇ ସେ ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକ (ପେନସନଭୋଗୀ)ଙ୍କୁ ସକ୍ରିୟ ଭାବେ ଶିକ୍ଷକତା କରୁଥିବା ଦର୍ଶାଇ ମାସିକ ବିଲ ପାଣ୍ଠି ହଡପ କରୁଥିଲେ । ଏହି ପାଣ୍ଠିକୁ ତାଙ୍କ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଭିନ୍ନ ଶାଖାରେ ଥିବା ଆକାଉଣ୍ଟଗୁଡ଼ିକୁ ପଠାଯାଇଥିଲା। ନଭେମ୍ବର ୨୦୧୮ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୬ ବର୍ଷ ଧରି ଏହିଁ ଜାଲିଆତି କାରବାର ଚାଲିଥିଲା । କଟକ ଭିଜିଲାନ୍ସ ପିଏସ୍ କେସ୍ ନଂ. ୧୧/୨୦୨୬ ଧାରା ୧୩ (୨) ଆର୍/ଡବ୍ଲୁ ୧୩ (୧)(କ) ପିସି (ସଂଶୋଧନ) ଆଇନରେ ମାମଲା ରୁଜୁ ହୋଇଥିଲା । ଏଥି ମଧ୍ୟରେ ୨ କିରାଣୀକୁ ଯାଜପୁରକୁ ସ୍ଥାନାନ୍ତରିତ କରାଯାଇଛି । ଦୀର୍ଘ ୬ ବର୍ଷ ଧରି ବିଇଓ କାର୍ଯ୍ୟାଳୟରେ ଏଭଳି ଘୋଟାଲା ଚାଲିଥିବା ବେଳେ ୪ ବିଇଓ କାର୍ଯ୍ୟରତ ଥିଲେ । ହେଲେ ଅନ୍ୟ ଅଧିକାରୀଙ୍କ ନିକଟରେ ଭିଜିଲାନ୍ସ ବିଭାଗ କଣ ପାଇଁ ପହଞ୍ଚି ପାରି ନାହିଁ ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି । କିନ୍ତୁ ପ୍ରଦୀପ, ସୀତାରାଣୀ, ମାତୃ ପ୍ରସାଦ ଏବେ ବି ବିଚାରାଧୀନ କଏଦୀ ଭାବେ ଜେଲରେ ଦିନ କାଟୁଛନ୍ତି ।

ଜିଲା ଶିକ୍ଷାଧିକାରୀ (ଡିଇଓ) ୧୨ ଜଣଙ୍କ ନାମରେ ସରକାରୀ ଟଙ୍କା ଆତ୍ମସାତ କୋରେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିରେ ଏବେ କାର୍ଯ୍ୟରତ ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ ଜଣ ପୂର୍ବତନ ବିଇଓ ସୁଶାନ୍ତ କୁମାର ଶତପଥୀ, ସୁମତି କୁମାରୀ ସାହୁ ଓ ଜଗବନ୍ଧୁ ଶତପଥୀଙ୍କ ନାମ ଥିବା ଜଣାପଡିଥିଲା। ତେବେ ଅନ୍ୟ ମାନଙ୍କ ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ତାହା ସମୟ ହିଁ କହିବ ।

# ପ୍ରାକ୍ତନ ସରପଞ୍ଚ ଶଶି ବିଶ୍ୱାଳଙ୍କ ପରଲୋକ



ଆଳି,୯।୫(ସଂଚାର ବ୍ୟୁରୋ)ଃ ଆଳି ବ୍ଲକ ଭୁଇଁପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଶଶି ବିଶ୍ୱାଳଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେବ ଶାରୀରିକ ଭାବରେ ଅସୁସ୍ଥ ହୋଇ ସାନପୁଅ ସରୋଜ ବିଶ୍ୱାଳ ପାଖରେ ଜମ୍ମୁ କାଶ୍ମୀରରେ ଥିଲେ। ସେ ଜଣେ ଧର୍ମ ପରାୟଣ ବ୍ୟକ୍ତିତ୍ୱ ଥିଲେ । ଶନିବାର ମଧ୍ୟାହ୍ନରେ ତାଙ୍କର ପରଲୋକ ଜମ୍ମୁ କାଶ୍ମୀରରେ ମେଡ଼ିକାଲରେ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଲୋକ ଓ ଭୁଇଁପୁରର ସରପଞ୍ଚ ରେଶ୍ମା ରାଣୀ ମଲିକ ଓ ପଞ୍ଚାୟତବାସୀ ଶୋକ ପ୍ରକଟ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି ଉପସ୍ଥିତ ଥିଲେ। ସ୍ୱର୍ଗତ ବିଶ୍ୱାଳ ୧୯୯୨ରୁ ୧୯୯୭ ପର୍ଯ୍ୟନ୍ତ ଭୁଇଁପୁର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।ଏକ ଶୋକାକୁଳ ପରିବେଶରେ ତାଙ୍କର ସନ ପୁଅ ସରୋଜ ମୁଖାଅଗ୍ନି ଦେବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଜନଗଣନାକୁ ନେଇ ଓଡ଼ିଶା-ଆନ୍ଧ୍ର ଟଣାଓଟରା



ଗଜପତି,୯।୫(ସଂଚାର ବ୍ୟୁରୋ): ସୀମାନ୍ତବର୍ତ୍ତୀ ଗାଁରେ ଆନ୍ଧ୍ର ଚଳାଇଛି ଦାଦାଗିରି। ସମ୍ପ୍ରତି ଜନଗଣନା ଚାଲୁଥିବା ବେଳେ ଏହାକୁ ନେଇ ସୀମାନ୍ତବର୍ତ୍ତୀ ଗାଁରେ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଟଣାଓଟଣା ଚାଲିଛି। ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନସ୍ଥ ଗଙ୍ଗାବାଡ଼ ପଞ୍ଚାୟତରେ ଆନ୍ଧ୍ର ନମ୍ବରିଂ କରିଥିଲେ ହେଁ ଓଡ଼ିଶା ପକ୍ଷରୁ ଏହାକୁ ଲିଭାଇ ଦିଆଯାଇଛି। ସରକାରଙ୍କ ଦ୍ୱାରା ଏବେ ଜନଗଣନା କାର୍ଯ୍ୟ ଜାରି ରହିଥିବା ବେଳେ ଆନ୍ଧ୍ର ଅଧିକାରୀମାନେ ଓଡ଼ିଶା ସୀମାରେ ଅନୁପ୍ରବେଶ କରିଛନ୍ତି। ସୀମାନ୍ତ ଗାଁଗୁଡ଼ିକରେ ମୋନେ ଘର ନମ୍ବରିଂ କରୁଛନ୍ତି। ଏନେଇ ଖବର ପାଇବା ପରେ ଗଜପତି ଜିଲ୍ଲା ପ୍ରଶାସନ ଉକ୍ତ ଗାଁରେ ପହଞ୍ଚି ଆନ୍ଧ୍ର ଲେଖାକୁ ତୁରନ୍ତ ଲିଭାଇବା ସହ ଓଡ଼ିଶା ଜନଗଣନା ନମ୍ବର ଲେଖିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଓ ଖୁଡ଼ିଖୁଡ଼ିକୁ ଅକ୍ତିଆର କରିବା ସକାଶେ ଆନ୍ଧ୍ର ବାରମ୍ବାର ପ୍ରୟାସ କରିଆସିଛି। ସ୍ଥାନୀୟ ଲୋକଙ୍କ ବିରୋଧ ଓ ଗଜପତି ଜିଲ୍ଲା ପ୍ରଶାସନର ପଦକ୍ଷେପ ଯୋଗୁଁ ଆନ୍ଧ୍ର ତା'ର ମନ୍ଦ ଉଦ୍ଦେଶ୍ୟରେ ସଫଳ ହୋଇପାରିନି। ଏବେ ଜନଗଣନା କାମ ଚାଲିଥିବାରୁ ଏହି ଦୁଇ ଗାଁରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘର ନମ୍ବର ଲେଖାଯାଇଥିଲା। ହେଲେ ଗାଁର କିଛି ମୁଷ୍ଟିମେୟ ଲୋକଙ୍କ ସମର୍ଥନରେ ଆନ୍ଧ୍ର ଅଧିକାରୀମାନେ ଅନୁପ୍ରବେଶ କରିଥିଲା। ଆନ୍ଧ୍ର ଅଧିକାରୀମାନେ ଜୋରଜବରଦସ୍ତ ଓଡ଼ିଶା ନମ୍ବର ଉପରେ ରଙ୍ଗ ମାରି ନିଜ ନମ୍ବର ଲେଖିଥିଲେ। ସେପଟେ ଖବର ପାଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୂପ କୁମାର ପଣ୍ଡା ଓ ରାୟଗଡ଼ ତହସିଲଦାର ପୁଲିସକୁ ଧରି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆନ୍ଧ୍ର ଲେଖିଥିବା ନମ୍ବରକୁ ଲିଭାଇ ସେମାନେ ଓଡ଼ିଶାର ଜନଗଣନା ନମ୍ବର ଲେଖିଥିଲେ।

**ସମସ୍ତ ୨୯ ସହରାଞ୍ଚଳରେ ୧୦୦ ପ୍ରତିଶତ ଜଳ ଯୋଗାଣ ସୁନିଶ୍ଚିତ**

# ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ପାଇଁ ବଡ଼ ନିବେଶ



ଭୁବନେଶ୍ୱର, ୯।୫ (ସଂଚାର ବ୍ୟୁରୋ): ଓଡ଼ିଶା ଜଳ ନିଗମ (ୱାଟ୍କୋ) ସହରାଞ୍ଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଷ୍ଟୋନ୍ ଅର୍ଜନ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଞ୍ଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଞ୍ଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି।

ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ୱାଟ୍କୋର ଏହି ସଫଳତା ସହ ଆଗାମୀ ଜଳ ଓ ସ୍ୱେରେଜ ଭିତ୍ତିଭୂମି ବିକାଶ ରୋଡ୍‌ମ୍ୟାପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟ୍କୋ ପ୍ରାୟ ୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଚାଲିଥିବା ବେଳେ ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର୍ ଭାବେ ଅଗ୍ରସର ହେଉଛି।

୨୦୨୫-୨୬ ଆର୍ଥିକ ବର୍ଷରେ ୱାଟ୍କୋ ନିଜର ୯୧୨ କୋଟି ଟଙ୍କାର ବଜେଟ୍‌କୁ ଶତପ୍ରତିଶତ ବ୍ୟୟ କରିବା ସହ ଅମୃତ ଓ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରି ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦କୋଟି ଟଙ୍କାର ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାଟକୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ ଓ ୫୮ଟି ଉଚ୍ଚକ୍ଷମତାସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି। ୱାଟ୍କୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି କହିଛନ୍ତି ଯେ ଆଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଓ ସ୍ଥିର ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସହରାଞ୍ଚଳରେ ବିଶ୍ୱସ୍ତରୀୟ ନାଗରିକ ସେବା ପ୍ରଦାନ କରାଯାଉଛି।

# ପ୍ରତାପ ରାଉତ ବିଜେଡି ସାଧାରଣ ସମ୍ପାଦକ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ରଘୁନାଥପୁର ଗ୍ରାମର ଗାନ୍ଧିବାଦୀ ତଥା ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ରାଉତଙ୍କୁ ବିଜେଡିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଦଳ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ସନ୍ଧ୍ୟାରେ ନିର୍ବାଚନମଣ୍ଡଳୀର ବିଭିନ୍ନ ବର୍ଗର ନେତା ପାଞ୍ଚ ପଞ୍ଚାୟତର ମୁରବୀ ଶ୍ରୀ ରାଉତଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ରଘୁନାଥପୁର ସରପଞ୍ଚ ଓ ବରିମୁଣ୍ଡ ପଞ୍ଚାୟତର ସମିତି ସଭ୍ୟ ଭାବେ ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ପାଞ୍ଚ ପଞ୍ଚାୟତର ମୁରବୀ ଭାବେ ପରିଚିତ ଶ୍ରୀ ରାଉତ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନର ମଧ୍ୟ ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଲୋକଙ୍କ ସୁଖଦୁଃଖରେ ଠିଆ ହୋଇ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ଦଳ ସଭାପତି ନବୀନ ପଟ୍ଟନାୟକ ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦଳୀୟ ଚିନ୍ତାଧାରାରେ ବିଜେଡିକୁ ସୁସଂଗଠିତ କରିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ଶ୍ରୀ ରାଉତ କହିଛନ୍ତି।

# ସୁଷମା ନନ୍ଦ ପାଇବେ ବସୁଧାମାତା ସମ୍ମାନ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ବିଶ୍ୱ ମାତୃ ଦିବସ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱେଚ୍ଛାସେବୀ ଅନଷ୍ଠାନ ୱିମେନ ଅର୍ଗାନାଇଜେସନ ଫର୍ ସୋସିଆଲ ୱେଲଫାର (ୱସ୍ୱ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବସୁଧାମାତା ସମ୍ମାନ ସମାରୋହରେ ସୁଷମା ନନ୍ଦଙ୍କୁ 'ବସୁଧା ମାତା' ସମ୍ମାନ ପ୍ରଦାନ କରାଯିବ। ଜଣେ ଆଦର୍ଶ ମାତା ଭାବେ ତାଙ୍କର ଜୀବନ ବ୍ୟାପୀ ସାଧନାକୁ ଦୃଷ୍ଟିରେ ରଖି ବସୁଧାମାତା ସମାରୋହ କମିଟି ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ୱସ୍ୱ ସମ୍ପାଦିକା ଜ୍ୟୋତ୍ସ୍ନା ଦାସ କହିଛନ୍ତି। ଏହି ରାଜ୍ୟସ୍ତରୀୟ ଉତ୍ସବରେ ଶ୍ରୀମତୀ ନନ୍ଦଙ୍କ ସହ ଆଉ ୧୦ ଜଣ ମା'ଙ୍କୁ ଆଦର୍ଶମାତା ସମ୍ମାନରେ ମଧ୍ୟ ସମ୍ମାନିତ କରାଯିବ।

ଶ୍ରୀମତୀ ନନ୍ଦ ଜଣେ ପ୍ରଖ୍ୟାତ ସାମାଜିକ କର୍ମୀ, ପୂର୍ବତନ ଜନପ୍ରତିନିଧି ଓ ଅନୁଭବୀ କ୍ରୀଡ଼ାବିତ୍, ଯାହାଙ୍କ ଜୀବନ ନାରୀ ସଶକ୍ତିକରଣ, ଦୀର୍ଘ ସମୟର ସେବା ଓ ବିବିଧ କ୍ଷେତ୍ରରେ କୁଶଳତାର ଏକ ଉଦାହରଣ। ସେ ଏମିତି ଏକ ସମୟରେ ନାରୀ ନେତୃତ୍ୱର ପଥ ପ୍ରଦର୍ଶନ କରିଥିଲେ, ଯେତେବେଳେ ସମାଜରେ ନାରୀଙ୍କ ପାଇଁ ସୁଯୋଗ ସୀମିତ ଥିଲା।

# ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ସମ୍ବର୍ଦ୍ଧିତ

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): କଟକର ଅଗ୍ରଣୀ ସାମାଜିକ ସଂଗଠନ 'ମୋ କଟକ ସୁରକ୍ଷା ମଞ୍ଚ' ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଚନ୍ଦ୍ରସାରଥି ବେହେରା ଅତିଥି ରୂପେ ଯୋଗଦେବାର ଥିଲା। କିନ୍ତୁ କୌଣସି କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପାରିନଥିଲେ। ଆଜି ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମଞ୍ଚ



ସମ୍ପାଦକ ଜିତେନ୍ଦ୍ର ସାହୁ, ସଭାପତି ଅକ୍ଷୟ ପଣ୍ଡା ଓ ଯୁବ ସମାଜସେବୀ ଆଶୁତୋଷ ମହାନ୍ତି ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ସମ୍ମାନ ପୂର୍ବକ ପ୍ରଦାନ କରି ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କଟକ ସହରରେ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ମଞ୍ଚ କରୁଥିବା କାର୍ଯ୍ୟକୁ ଶ୍ରୀ ବେହେରା ପ୍ରଶଂସା କରିଛନ୍ତି।

# ଇତିହାସ ରଚିଲା 'ମନ୍ତ୍ରମୁଗ୍ଧ'

## ପ୍ରଥମ ସପ୍ତାହରେ କୋଟିଏ କଲେକ୍ସନ୍



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ବିନା ପର୍ବରେ, ବିନା କୌଣସି ତାରକା କଳାକାରଙ୍କ ବିନା ସପ୍ତାହ ମଧ୍ୟରେ କୋଟିଏରୁ ଅଧିକ କଲେକ୍ସନ କରି ଇତିହାସ ରଚିଛି 'ମନ୍ତ୍ରମୁଗ୍ଧ'। ଦେଶସାରା ୭୦ରୁ ଅଧିକ ଥିଏଟର ଓ ଓଡ଼ିଶାରେ ୫୨ଟି ଥିଏଟରରେ ପ୍ରଦର୍ଶିତ ହେଉଛି ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'। ଗତ ୧ରେ ମୁକ୍ତିଲାଭ କରିଥିବା ଏହି ସିନେମା ଗୋଟିଏ ସପ୍ତାହ ମଧ୍ୟରେ ୧ କୋଟିରୁ ଅଧିକ କଲେକ୍ସନ କରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି।ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଭିନ୍ନ ଧାରାର କାହାଣୀ, ଭୟ, ହାସ୍ୟ ଓ ସଙ୍ଗୀତର ଅନନ୍ୟ ମିଶ୍ରଣ ଦର୍ଶକଙ୍କୁ ଆକର୍ଷିତ କରିଛି। ସନୋଜ, ମନ୍ମୟ, ସାର୍ଥକ, ଭୂମିକା, ସୂର୍ଯ୍ୟମୟୀ ଓ ଦୀପନ୍ୱିତଙ୍କ ଭଳି ଯୁବ କଳାକାରଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରୁଛନ୍ତି। ଏଥିସହ ଗୋଟିଏ ସିନେମାର ୫ଟି ଗୀତ ପାଇଁ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କ ଯୋଗଦାନ ମଧ୍ୟ ସିନେପ୍ରେମୀଙ୍କୁ ନୂଆ ଅନୁଭୂତି ଦେଇଛି। ଦୀପକ କୁମାରଙ୍କ ଉଚ୍ଚମାନର ଚିତ୍ରୋତ୍ତୋଳନ, ଆଧୁନିକ ଭିଏଫଏକ୍ସ ଓ ଏଡିଟିଂ ସିନେମାକୁ ଜାତୀୟ ସ୍ତରର ଅନୁଭୂତି ଦେଇଛି। ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବର୍ଷା ପଟ୍ଟନାୟକ ଓ ଅନୁପମ ପଟ୍ଟନାୟକ।

**● ଦିନକୁ ଦିନ ବଢ଼ୁଛି ହିଂସା ଘଟଣା**

# ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା

## ଅଶାନ୍ତ ହେଲାଣି ଶାନ୍ତିପ୍ରିୟ ଓଡ଼ିଶା



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ରାଜ୍ୟରେ ହିଂସାକାଣ୍ଡ ବୃଦ୍ଧି ପାଉଛି। ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ୟୁପି ଓ ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ୧୦ ଦିନରେ ରାଜ୍ୟରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ରାଜ୍ୟରେ ସତେ ଯେମିତି ଆଇନର ଶାସନ ନାହିଁ। ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ଗର୍ଭବତୀ ମହିଳାକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣାରୁ ସ୍ପଷ୍ଟ ଯେ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସୌମ୍ୟ ପୁଲିସ୍ ଏଡିଜିଙ୍କ ଜିମ୍‌ରେ ଟ୍ରେନର ଭାବେ କାମ କରୁଥିଲେ। ଉକ୍ତ ଏଡିଜିଙ୍କର ଭୁବନେଶ୍ୱରର ଅନେକ ସ୍ଥାନରେ ଜିମ୍ ବ୍ୟବସାୟ ଥିଲା। ଏହାଛଡ଼ା ତାଙ୍କର ଟ୍ରକ ବ୍ୟବସାୟ ଥିଲା। ଏକଥା ଡିଜି କେମିତି ଜାଣିପାରୁନଥିଲେ। ଯଦି ରାଜ୍ୟର କର୍ତ୍ତବ୍ୟରତ ପୁଲିସ୍ ବ୍ୟବସାୟରେ ଲିପ୍ତ ରହିବେ, ତା'ହେଲେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ। ଏହାଛଡ଼ା ମାତ୍ର ୨୦ ହଜାର ଟଙ୍କା ପାଇଁ ବାଲିପାଟଣା ଅଞ୍ଚଳରେ ଜଣଙ୍କୁ ପଥରରେ ଛେଚି ହତ୍ୟା କରାଗଲା। ଘଟଣା ସହ ଜଡ଼ିତ ଆସାମୀମାନଙ୍କୁ ବି ଗିରଫ କରାଯାଇନାହିଁ। ସରକାରଙ୍କ ବିଫଳତା ପାଇଁ ଶାନ୍ତିପୂର୍ଣ୍ଣ ରାଜ୍ୟ ଏବେ ଅପରାଧର ପେଣ୍ଠସ୍ଥଳୀ ହୋଇଛି ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

**କଂଗ୍ରେସର ଅଭିଯୋଗ**

# ଅପରାଧୀଙ୍କ ହାତକୁ ଚାଲିଗଲାଣି ରାଜ୍ୟ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଜି ସର୍ବନିମ୍ନ ସ୍ତରକୁ ଚାଲିଯାଇଛି। ସାରା ରାଜ୍ୟ ଆଜି ଅପରାଧପ୍ରବଣ ହୋଇପଡ଼ିଛି। ଅପରାଧୀମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଅତି ବର୍ବର ଓ ଅମାନବୀୟ କାଣ୍ଡ ଘଟାଉଛନ୍ତି। କିନ୍ତୁ ରାଜ୍ୟ ପୁଲିସ ଓ ରାଜ୍ୟ ସରକାର ଅପରାଧୀଙ୍କୁ

### ଅପରାଧ ନିୟନ୍ତ୍ରଣରେ ପୁଲିସ୍ ବିଫଳ

ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଅଭିଯୋଗ କରିଛନ୍ତି। ଏବେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ମନ୍ଦିରମାନଙ୍କରୁ ଅଳଙ୍କାର ଚୋରି ହେଉଛି। ସାଧାରଣ ଲୋକ ଭୟରେ ବାହାରକୁ ବାହାରିବାକୁ ଡରିଲେଣି। ପୁଲିସ କମିଶନରଙ୍କ ନାକ ତଳେ ଜଘନ୍ୟ ଅପରାଧ ଘଟୁଛି। କିନ୍ତୁ ସେଠାରେ ପୁଲିସ୍ ପହଞ୍ଚିପାରୁନାହିଁ, ଯାହାକି ଉଦବେଗର ବିଷୟ। ଏଥିପାଇଁ ଏବର ଅପାରଗ ସରକାର ଦାୟୀ ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି। ସେହିପରି ଦଳର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ପୁଲିସର ପ୍ରଥମ ଦାୟିତ୍ୱ ଜନସାଧାରଣଙ୍କୁ ସୁରକ୍ଷା ଦେବା। କିନ୍ତୁ ଆଜି ପୁଲିସ ପ୍ରଶାସନ ଅପରାଧୀମାନଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ। ତିନି ଦିନ ତଳେ ବାଲିଅନ୍ତାରେ ଜିଆର୍‌ପି କନେଷ୍ଟବଲଙ୍କୁ ଯେଉଁଭଳି ପିଟିପିଟି ମାରିଦିଆଗଲା ଓ ଘଟଣାସ୍ଥଳରେ ପୁଲିସ୍ ଉପସ୍ଥିତ ଥିଲା, ଏହା ଚିନ୍ତାର ବିଷୟ। ତେଣୁ ଡବଲ୍ ଇଞ୍ଜିନ୍ ସରକାରରେ ରାଜ୍ୟର ଡବଲ୍ ବିକାଶ ତ ହେଉନି, ବରଂ ଡବଲ ବିନାଶ ହେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଅନ୍ୟତମ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ଓ ହିମାଂଶୁ ଲେଙ୍କା, ମହିଳା କଂଗ୍ରେସର ଗଣମାଧ୍ୟମ ଅଧ୍ୟକ୍ଷ ଜୟସ୍ମିତା ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

# ଶରୀରର ଅନ୍ୟ ଅଙ୍ଗକୁ ପ୍ରଭାବିତ କରିପାରେ ଲୁପ୍‌ସ




ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ବିଶ୍ୱ ଲୁପସ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ୍ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ୍ (ଓଏଆର୍‌ଏଫ୍‌ଟି) ପକ୍ଷରୁ ଲୁପସ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଛି। ସିଷ୍ଟେମିକ ଲୁପସ ଏରିଥେମାଟୋସସ୍ (ଲୁପସ୍) ଏକ ଦୀର୍ଘସ୍ଥାୟୀ ଅଟୋଇମ୍ୟୁନ ରୋଗ। ଏହା ଶରୀରର ତ୍ୱଚା, ଗଣ୍ଠି, ବୃକକ୍, ହୃଦୟ ସହ ବିଭିନ୍ନ ଅଙ୍ଗକୁ ପ୍ରଭାବିତ କରିପାରେ। ଏହା ୧୫ରୁ ୪୫ ବର୍ଷର ମହିଳାଙ୍କଠାରେ ମୁଖ୍ୟତଃ ଅଧିକ ଦେଖାଯାଏ। ଜ୍ୱର, ଛାତିରେ ବ୍ୟଥା, କେଶ ଝଡ଼ିବା, ଚର୍ମରେ ଦାଗ ସୃଷ୍ଟି ହେବା, ଗଣ୍ଠିବେଦନା ଇତ୍ୟାଦି ଆଦି ଲୁପସର ଲକ୍ଷଣ। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା, ଯାହାକି ଭୁବନେଶ୍ୱର ଉତ୍ତର ବିଧାନୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଚିକିତ୍ସକ ଡା. ମନୋଜ ଛୋଟରାୟ, ସାମ୍ବାଦିକ ଗିରିଜା ଶଙ୍କର ଦାଶ, ଓଏଆର୍‌ସିର ମେଡିକାଲ ନିର୍ଦ୍ଦେଶକ ପ୍ର. ଡଃ ଜ୍ୟୋତି ରଞ୍ଜନ ପରିଡା, ର୍ୟୁମାଟୋଲୋଜିଷ୍ଟ୍ ଡା. ଦେବାଶିଷ ମାଇକାପ୍ ଓ ଓଏଆର୍‌ଏଫ୍‌ଟି ପ୍ରତିଷ୍ଠାତା ଚୈତନ୍ୟ ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ: ୨ ସ୍ତ୍ରୀଙ୍କ ସହ ସ୍ୱାମୀ ଗିରଫ



ପଦ୍ମପୁର, ୯।୫ (ସଂଚାର ବ୍ୟୁରୋ): ଜଗଦଲପୁର ପୋଲିସ ଛତିଶଗଡ଼ ଚାଲାଣ ହେଉଥିବା ପ୍ରାୟ ୧୧ କିଲୋ ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଜଣେ ଯୁବକ ଓ ୨ ଯୁବତୀଙ୍କୁ ଗିରଫ କରିଛି । ଶନିବାର ମଧ୍ୟାହ୍ନ ପ୍ରାୟ ୧:୩୦ ସମୟରେ ଜଗଦଲପୁର ଥାନା ପୋଲିସ ଟିମ ଜଗଦଲପୁର ସାପ୍ତାହିକ ବଜାର ନିକଟରେ ଗୋଟିଏ ଧଳା ରଙ୍ଗର କୁଇଦ କାର (ସିଜି ୦୭ -ବିବି ୦୮୫୨ )କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଗାଡିରୁ ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଧରାପଡିଥିଲା। ଗିରଫ ହୋଇଥିବା ତିନି ଅଭିଯୁକ୍ତ ହେଲେ, ଛତିଶଗଡ଼ ରାଜ୍ୟ ବଲୋଦା ବଜାରର ଶିବ କୁମାର ଯାଦବ ଓ ତାଙ୍କର ଦୁଇ ସ୍ତ୍ରୀ ମନୀଷା ଯାଦବ ଓ ଯୋଗେଶ୍ୱରୀ ଯାଦବ। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ ଓ ବ୍ୟବହାର ହୋଇଥିବା କାର ଜବତ କରାଯାଇଛି ।

# ବଢ଼ିଲା ଓଏମ୍‌ସିର କୋଡ଼ିଙ୍ଗାମାଳି ଖଣି କ୍ଷମତା

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଓଡ଼ିଶା ଖଣି ନିଗମ (ଓଏମସି) ଦ୍ୱାରା କୋଡ଼ିଙ୍ଗାମାଳି ଖଣି ବିଗତ ୮ ବର୍ଷ ଧରି ପରିଚାଳିତ ହୋଇଆସୁଛି, ଯାହାକି କୋରାପୁଟ ଓ ରାୟଗଡା ଜିଲ୍ଲାରେ ରହିଛି। ଏଠାରୁ ଉତ୍ପାଦିତ ବକ୍ସାଇଟ୍ ରାଜ୍ୟର ଶିଳ୍ପଗୁଡ଼ିକୁ ଯୋଗାଇ ଦିଆଯାଏ, ଯାହା ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏବେ ଏହି ଖଣି ବାର୍ଷିକ ୩.୬ ନିଯୁତ ଟନ୍ କ୍ଷମତାରେ କାର୍ଯ୍ୟ କରୁଛି। ବଢ଼ି ଚାଲିଥିବା ଶିଳ୍ପ ଚାହିଦା ଓ ଓଡ଼ିଶାର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଖଣି ଏବେ ବାର୍ଷିକ ୬.୦ ନିଯୁତ ଟନକୁ ସମ୍ପ୍ରସାରିତ ହେଉଛି।

ବର୍ତ୍ତମାନ କିଛି ଶିଳ୍ପବିରୋଧୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହି ସମ୍ପ୍ରସାରଣକୁ ବିରୋଧ କରିବା ସହ ଶିଳ୍ପ ପ୍ରଗତିରେ ବାଧା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। ଏହାଦ୍ୱାରା ବିକାଶମୂଳକ କାର୍ଯ୍ୟରେ

### ସମର୍ଥନ ଦେଉଛନ୍ତି ସ୍ଥାନୀୟ ବାସିନ୍ଦା

ବ୍ୟାଘାତ ସୃଷ୍ଟି ହୋଇଛି। କିନ୍ତୁ ଶିଳ୍ପ ଦ୍ୱାରା ହେବାକୁ ଥିବା ବିକାଶକୁ ହୃଦୟଙ୍ଗମ କରି ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଏହି ସମ୍ପ୍ରସାରଣକୁ ସମର୍ଥନ କରିଛନ୍ତି। ଖଣି ଆଖପାଖ ଗାଁର ୧୦ ହଜାରରୁ ଅଧିକ ବାସିନ୍ଦା ଆନୁଷ୍ଠାନିକ ଭାବେ ସମ୍ପ୍ରସାରଣକୁ ସମର୍ଥନ କରି ଏକ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ସମର୍ଥନ ଏହି ପ୍ରକଳ୍ପ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଜଳ ଯୋଗାଣ, ସଡ଼କ ସଂଯୋଗ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ଉପରେ ଆଲୋକପାତ କରିଛି। ଖଣି ସମ୍ପ୍ରସାରଣ ଦ୍ୱାରା ହେବାକୁ ଥିବା ବିକାଶ ଉପରେ ମତ ରଖି ଓଏମସି ସ୍ଥାୟୀ ଖନନ, ଗୋଷ୍ଠୀ କଲ୍ୟାଣ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛି। ଏହି ସମ୍ପ୍ରସାରଣ ଦ୍ୱାରା ପରିବେଶ ସୁରକ୍ଷା ଓ ସମସ୍ତ ନିୟମ ଅନୁପାଳନ ସୁନିଶ୍ଚିତ କରିବା ସହ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତି କରିବ ବୋଲି ଆଶା କରାଯାଉଛି।




# ଲୋକଙ୍କୁ ଶୋଷୁଛନ୍ତି ଘରୋଇ କ୍ୟାବ୍




ଭୁବନେଶ୍ୱର,୯।୫:ଯାତ୍ରୀ ପରିବହନ କରୁଥିବା କ୍ୟାବ୍‌ଗୁଡିକ ଲୋକଙ୍କୁ ଶୋଷଣ କରିଛନ୍ତି। ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଚାହୁଁଥିବା ଲୋକେ କ୍ୟାବ୍ ବୁକ୍ କଲେ ସେମାନଙ୍କୁ ଅଧିକ ଅର୍ଥ ଦାବି କରାଯିବା ସହ ବିଳମ୍ବିତ ରାତିରେ ବୁକିଂ ବାତିଲ କରିବାକୁ ବି ପଛାଉନାହାନ୍ତି।

ରାଜଧାନୀରେ ଏବେ ଏକାଧିକ କ୍ୟାବ୍ ପରିବହନ ସେବା ଯୋଗାଉଛନ୍ତି। ଲୋକଙ୍କ ଆକର୍ଷିତ କରିବାଜ ଲାଗି ଏମାନେ ବିଭିନ୍ନ ପ୍ରକାର ଆକର୍ଷଣୀୟ ଅଫର ବି ଦେଉଛନ୍ତି। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚଳାଉଛନ୍ତି। ତେବେ ଯେଉଁମାନେ କ୍ୟାବ୍ ବୁକିଂ କରୁଛନ୍ତି, ସେମାନେ କିନ୍ତୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସନ୍ଧ୍ୟା କିମ୍ବା ବିଳମ୍ବିତ ରାତିରେ ସମସ୍ୟା ଅଧିକ ପରିଲକ୍ଷିତ ହେଉଛି।

ଥରେ କ୍ୟାବ୍ ବୁକିଂ କରିସାରିଲା ପରେ ଦୁଇ ଚକିଆ ହେଉ କିମ୍ବା ଚାରି ଚକିଆ, କେହି ସହଜରେ ବୁକିଂ ହୋଇଥିବା ସ୍ଥାନରେ ପହଞ୍ଚୁ ନାହାନ୍ତି। ଦୁଇଚକିଆ କ୍ୟାବ୍ କ୍ଷେତ୍ରରେ ଏହି ସମସ୍ୟା ଅଧିକ ପରିଲକ୍ଷିତ ହୋଇଛି। ଗୋଟିଏ ଗାଡି ନମ୍ବର ବାତିଲ ହୋଇ ଛାଏଁ ଛାଏଁ ଆଉ ଗୋଟିଏ ଗାଡି ନମ୍ବର ଯୋଡିହୋଇ ଯାଉଛି। ଫଳରେ ସମୟ ଗଡି ଚାଲୁଛି। ଯଦି ଗ୍ରାହକଟି ବ୍ୟସ୍ତ ହୋଇ ନିଜ ଆଡୁ ଫୋନ୍ କରୁଛି, ତେବେ କ୍ୟାବ୍ ଚାଳକ ପ୍ରଥମେ କେତେ ଟଙ୍କାରେ ବୁକିଂ କରିବ ବୋଲି ପଚାରୁଛନ୍ତି। ବୁକିଂ ଦର ଶୁଣିବାପରେ ଏତିକିରେ ଯାଇ ହେବନାହିଁ କହୁଛନ୍ତି। ଏଥିସହ ଅଧିକ ଅର୍ଥ ଦାବି ବି କରୁଛନ୍ତି। ଯଦି ବୁକିଂ କରିଥିବା ଲୋକେ ଅଧିକ ଅର୍ଥ ଦେବାକୁ ରାଜି ହେଉନାହାନ୍ତି, ତେବେ କ୍ୟାବ୍ ବୁକିଂ ଛାଏଁ ଛାଏଁ ବାତିଲ ହେଉଛି, ନଚେତ୍ ସମୟ ଗଡ଼ିବାରେ ଲାଗୁଛି।

ରେଳ ଷ୍ଟସନଠାରୁ ବିମାନ ବନ୍ଦର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଯିବାକୁ କ୍ୟାବ୍ ବୁକିଂ କରୁଥିବା ଲୋକେ ଏବେ ପ୍ରତିଦିନ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ କାନମୁଣ୍ଡା ଆଉଁଷି ଅଧିକ ଦରରେ ଟ୍ୟାକ୍ସିଭଡ଼ା କରି ଯାଉଥିବା ବେଳେ କେହି କେହି କ୍ୟାବ୍ କମ୍ପାନୀ ନିକଟରେ ଅଭିଯୋଗ କରି ଝାମେଲାରେ ପଡ଼ିବାକୁ ଚାହୁଁନାହାନ୍ତି।

କେବଳ ଦୁଇଚକିଆ ନୁହେଁ, ତିନି ଓ ଚାରିଚକିଆ କ୍ୟାବ୍ ବି ବିଳମ୍ବିତ ରାତିରେ ଲୋକଙ୍କୁ ଅଧିକ ଅର୍ଥ ମାଗିବାକୁ ପଛାଉନାହାନ୍ତି। ଯିଏ ଅଧିକ ଅର୍ଥ ଦେବାକୁ ରାଜି ହେଉଛି ସେମାନେ ଆସୁଛନ୍ତି, ନହେଲେ ବୁକିଂ ବାତିଲ ପାଇଁ ବାଧ୍ୟ କରୁଛନ୍ତି। ଏପରିକି ମହିଳା ଗ୍ରାହକଙ୍କୁ ଫୋନ୍‌ରେ ଖରାପ ବ୍ୟବହାର କରିବାକୁ ବି ଏମାନେ ପଛାଉନାହାନ୍ତି। ଯେଉଁମାନେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଅଭିଯୋଗ କରିବାକୁ ବି ସେମାନେ ନାଲିଆଖି ଦେଖାଉଛନ୍ତି।

ରାଜଧାନୀର ରେଳଷ୍ଟେସନ ଓ ବିମାନ ବନ୍ଦରରେ ସରକାରଙ୍କ ପକ୍ଷରୁ ପୁଲିସ୍ ହେପାଜତରେ କ୍ୟାବ୍ ପରିଚାଳନା ଯୋଜନାଟି ବର୍ତ୍ତମାନ ସୁଦ୍ଧା ନାଲିଫିତା ତଳେ ରହିଯାଇଥିବାରୁ ଘରୋଇ କ୍ୟାବ୍ ଏବେ ଭାବେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଅବସ୍ଥା ଏଭଳି ହେଲାଣି ଯେ ରାତ୍ରୀ ସମୟରେ ଏମାନଙ୍କ ସହ ଯିବାକୁ ବି ଲୋକେ ସୁରକ୍ଷିତ ମଣୁନାହାନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ପୁଲିସ୍ ସହାୟତାରେ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ବିମାନବନ୍ଦରରୁ କ୍ୟାବସେବା ଆରମ୍ଭ କରିବା ସହ ଘରୋଇ କ୍ୟାବ୍‌ର ଶୋଷଣ ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

**ବିଲୁପ୍ତି ପଥେ ଗୋବର କଣ୍ଢେଇ କଳା**

# ଶଶିମଣିଙ୍କୁ ଭେଟିଲେ ଫିକି-ଏଫ୍‌ଏଲ୍‌ଓ ସଦସ୍ୟ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ୧୫ ବର୍ଷ ବୟସରେ ରଘୁରାଜପୁରର ବୋହୂ ସାଜିଥିବା ଶଶିମଣି ମହାରଣା ଗୋବର କଣ୍ଢେଇ ନିର୍ମାଣର କଳା ଆରମ୍ଭ କରିଥିଲେ। ୮୮ ବର୍ଷୀୟା ଶଶିମଣିଙ୍କ ଏହି 'ଗୋବର କଣ୍ଢେଇ' ଏବେ ଲୁପ୍ତପ୍ରାୟ। ତିନି ଦଶନ୍ଧି ପୂର୍ବେ ବାଲିଯାତ୍ରା, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଓ ପୁରୀ ଗସ୍ତ ସମୟରେ ବାଘ ଓ ହାତୀର ଗୋବରରେ ତିଆରି ପ୍ରତିକୃତି ମିଳୁଥିଲା। ଶିଳ୍ପୀ ପରିବାରରୁ ଆସିଥିବା ଶଶିମଣି ଏହି ଗୋବର କଣ୍ଢେଇ ହସ୍ତଶିଳ୍ପର ଜଣେ ଧୂରୀଣ ହସ୍ତଶିଳ୍ପୀ। ବିଭିନ୍ନ କାଗଜ ମଣ୍ଡ ଓ ଗୋବରର ଏକ ନିର୍ଦ୍ଦିଷ୍ଟ ଆନୁପାତିକ ସମ୍ମିଶ୍ରଣରେ ଏହି କଣ୍ଢେଇ ତିଆରି ହେଉଥିବା ବେଳେ ଏହାକୁ ରଙ୍ଗରେ ସୁନ୍ଦର ଖେଳଣାର ରୂପ ଦିଆଯାଉଥିଲା। ଏବେ ମୁଖାଚିତ୍ର ଏବଂ ପଟ୍ଟଚିତ୍ର ପ୍ରସ୍ତୁତିରେ ଗୋବର କଣ୍ଢେଇ କଳାକାର ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରୁଥିବାରୁ ଏହା ଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଯାଇଛି। ଶଶିମଣି ପରିବାର ଲୋକଙ୍କୁ ଏହି ଗୋବର କଣ୍ଢେଇ ନିର୍ମାଣର କଳା ଶିଖାଇଥିଲେ ମଧ୍ୟ ଏହାର ଚାହିଦା ତଥା ବିଶେଷ ବିକ୍ରି ନ ଥିବାରୁ ସେମାନେ ଅନ୍ୟ ହସ୍ତକଳା ପ୍ରତି ଆଗ୍ରହୀ ହେଉଛନ୍ତି। ତେବେ ଫେଡେରେସନ ଅଫ୍ ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ଲେଡିଜ୍ ଅର୍ଗାନାଇଜେସନ (ଫିକି-ଏଫଏଲଓ)ର ଅଧ୍ୟକ୍ଷା ବିୟତପ୍ରଜ୍ଞା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରଘୁରାଜପୁର ଗସ୍ତ କରି ପଞ୍ଚମୀ ମନୋ ଉକିଲଙ୍କ ମାନସ ସନ୍ତାନ 'ମହିଳା କାରିଗର ସହାୟତା ଓ ଜ୍ଞାନ ସମୃଦ୍ଧି କାର୍ଯ୍ୟକ୍ରମ' ଅନ୍ତର୍ଗତ ଶଶିମଣିଙ୍କ ସହ ସାକ୍ଷାତାଲୋଚନା କରିଛନ୍ତି। ଏହି ଅବସରରେ ଜଣେ ସଦସ୍ୟା ଶଶିମଣିଙ୍କ ହାତ ତିଆରି ଶେଷ ଦୁଇଟି ଗୋବର କଣ୍ଢେଇ କିଣିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ

SANCHAR
ସଂଚାର

ରବିବାର ୧୦ ମେ ୨୦୨୬, ଭୁବନେଶ୍ୱର
Sunday 10 May 2026, Bhubaneswar

# କେବେ ସମାପ୍ତ ହେବ ହର୍ମୁଜ୍ ସଙ୍କଟ?

ବିଶ୍ୱ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଧମନୀ ହେଉଛି ପର୍ସିୟାନ୍ ଗଲ୍ଫ ଏବଂ ଆରବୀୟ ସାଗରର ମଧ୍ୟରେ ଅବସ୍ଥିତ ହର୍ମୁଜ ପ୍ରଣାଳୀ। ଏହି ସଂକୀର୍ଣ୍ଣ ଜଳପଥ ମାଧ୍ୟମରେ ବିଶ୍ୱର ପ୍ରାୟ ୨୦ରୁ ୨୫% ତୈଳ ଏବଂ ଏଲଏନ୍ଜି ପରିବହନ ହୁଏ। କିନ୍ତୁ ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିବା ଆମେରିକା ଓ ଇସ୍ରାଏଲ୍ ବିରୋଧରେ ଇରାନ ଯୁଦ୍ଧ ଫଳରେ ଏହି ପ୍ରଣାଳୀ ପ୍ରାୟ ବନ୍ଦ ହୋଇଯାଇଛି। ଇରାନ୍ ଜାହାଜ ଉପରେ ଆକ୍ରମଣ, ମାଇନ୍ ବିଛାଇବା ଏବଂ ଟୋଲ୍ ଲଗାଇବା ଭଳି ପଦକ୍ଷେପ ନେଇ ଏହାକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରୁଛି, ଯାହା ଫଳରେ ବିଶ୍ୱବ୍ୟାପୀ ତୈଳ ମୂଲ୍ୟ ବୃଦ୍ଧି, ଇନ୍ଧନ ସଙ୍କଟ ଏବଂ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି ହୋଇଛି। ପ୍ରଶ୍ନ ହେଉଛି, ଏହି ସଙ୍କଟ କି ସମାପ୍ତ ହେବ ଏବଂ ଏହାର ସମାଧାନ କେଉଁ ପଥରେ ଯାଇପାରେ?

ଏହି ସଙ୍କଟର ମୂଳ କାରଣ ହେଉଛି ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ସାମରିକ ଅଭିଯାନ (ଅପରେସନ୍ ଏପିକ୍ ଫ୍ୟୁରୀ)। ସୁପ୍ରିମ ଲିଡର ଅଲି ଖାମେନେଇଙ୍କ ମୃତ୍ୟୁ ପରେ ଇରାନ ପ୍ରତିଶୋଧ ସ୍ୱରୂପ ହର୍ମୁଜ ବନ୍ଦ କରିଦେଇଥିଲା। ମାର୍ଚ୍ଚ ମାସରୁ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିବନ୍ଧକ ବ୍ୟବସ୍ଥା (ବ୍ଲକେଡ୍) ଲଗାଇ ଇରାନ୍ ବନ୍ଦରଗୁଡ଼ିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରୁଛନ୍ତି। ପ୍ରୋଜେକ୍ଟ ଫ୍ରିଡମ୍ ଭଳି ଅଭିଯାନ ମାଧ୍ୟମରେ ଆଟକି ରହିଥିବା ଜାହାଜଗୁଡ଼ିକୁ ବାହାର କରିବାର ପ୍ରୟାସ ଚାଲିଛି, କିନ୍ତୁ ଇରାନର ଡ୍ରୋନ୍, ମିସାଇଲ୍ ଏବଂ ଛୋଟ ଜାହାଜ ଆକ୍ରମଣ ଜାରି ରହିଛି। ଏପ୍ରିଲ୍ ମାସରେ ସ୍ୱଳ୍ପ ସମୟ ପାଇଁ ଖୋଲା ହୋଇଥିଲା କିନ୍ତୁ ପୁଣି ବନ୍ଦ ହୋଇଯାଇଛି। ମେ ମାସ ଯାଏଁ ଏହା ଚାଲୁ ରହିଛି।

ଏହି ସଙ୍କଟର ପ୍ରଭାବ ଯୋଗୁ ବିଶ୍ୱ ତୈଳ ମୂଲ୍ୟ ବୃଦ୍ଧି ପାଇଛି, ଯାହା ଫଳରେ ଭାରତ ପରି ଆମଦାନି ଉପରେ ନିର୍ଭର ଦେଶଗୁଡ଼ିକର ମୂଲ୍ୟବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବଢ଼ିଛି। ହଜାର ହଜାର ଜାହାଜ ଆଟକି ରହିଛି, ସମୁଦ୍ରୀ କର୍ମଚାରୀମାନେ ସଙ୍କଟରେ ପଡ଼ିଛନ୍ତି।



ଇୟୁରୋପ୍ ଓ ଏସିଆର ଅର୍ଥନୀତି ପ୍ରଭାବିତ ହୋଇଛି। ଇରାନ୍ ପାଇଁ ମଧ୍ୟ ଏହା ଆତ୍ମଘାତୀ, କାରଣ ତାହାର ତୈଳ ରପ୍ତାନି ବନ୍ଦ ହୋଇ ଅର୍ଥନୈତିକ ଚାପ ବଢ଼ିଛି। ତଥାପି ଇରାନ ଏହାକୁ ନିଜର ରଣନୈତିକ ଲାଭ ଭାବେ ବ୍ୟବହାର କରୁଛି।

ସମାଧାନର ଆଶା କେଉଁଠି ରହିଛି? ପାକିସ୍ତାନ୍ ମଧ୍ୟସ୍ଥତାରେ ଚାଲୁଥିବା ଆଲୋଚନା ଏକ ପ୍ରମୁଖ ଆଶା ଥିଲା। ଇରାନ ନ୍ୟୁକ୍ଲିୟର୍ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ବଦଳରେ ନିଷେଧାଜ୍ଞା ହଟାଇବା ଏବଂ ହର୍ମୁଜ ଖୋଲିବା ପାଇଁ ପ୍ରସ୍ତାବ ଦେଇଛି। ଟ୍ରମ୍ପ ପ୍ରଶାସନ ମଧ୍ୟ କେତେକ ପ୍ରଗତିର କଥା କହୁଛନ୍ତି ଏବଂ ପ୍ରୋଜେକ୍ଟ ଫ୍ରିଡମକୁ ସ୍ଥଗିତ ରଖିଛନ୍ତି। କିନ୍ତୁ ସିଜଫାୟାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନି। ଉଭୟ ପକ୍ଷର ଆକ୍ରମଣ ଜାରି ରହିଛି ଏବଂ ବିଶ୍ୱାସର ଅଭାବ ରହିଛି। ଇରାନ ହର୍ମୁଜ ଉପରେ ନିୟନ୍ତ୍ରଣ ଚାହୁଁଛି, ଯାହା ଆନ୍ତର୍ଜାତିକ ନିୟମ ବିରୋଧୀ। ଆମେରିକା ଏହାକୁ ଗ୍ରହଣ କରିବ ନାହିଁ।

ଦୀର୍ଘକାଳୀନ ଦୃଷ୍ଟିକୋଣରୁ ହର୍ମୁଜ ସଙ୍କଟ ସମାପ୍ତ ହେବା ପାଇଁ କେତେକ ପଦକ୍ଷେପ ଆବଶ୍ୟକ। ପ୍ରଥମତଃ, ଏକ ସ୍ଥାୟୀ କୂଟନୈତିକ ଚୁକ୍ତି, ଯେଉଁଥିରେ ଇରାନର ସୁରକ୍ଷା ଚିନ୍ତା ଓ ଆର୍ଥିକ ଲାଭ ସମ୍ମାନିତ ହେବ। ଦ୍ୱିତୀୟତଃ, ଆନ୍ତର୍ଜାତିକ ନୌସେନା ମିଶନ ମାଧ୍ୟମରେ ପ୍ରଣାଳୀର ସୁରକ୍ଷା ନିଶ୍ଚିତ କରିବା। ତୃତୀୟତଃ, ବିକଳ୍ପ ପଥ ବିକଶିତ କରି ପାଇପ୍ ଲାଇନ୍, ଅନ୍ୟ ବନ୍ଦର ଏବଂ ନବୀକରଣୀୟ ଶକ୍ତି ଉପରେ ଜୋର୍ ଦେବା। ସଙ୍କଟ ସମାପ୍ତ ହେବାର ସମ୍ଭାବନା ଅଛି କାରଣ ଉଭୟ ପକ୍ଷ ପାଇଁ ଏହା ଅଧିକ ଦିନ ଧରି ଚଳାଇବା କଷ୍ଟକର। କିନ୍ତୁ ଏହା ସହଜ ନୁହେଁ। ଇରାନର ଆଭ୍ୟନ୍ତରୀଣ ରାଜନୀତି, ଇସ୍ରାଏଲର ସୁରକ୍ଷା ଚିନ୍ତା ଏବଂ ଆମେରିକାର ରଣନୈତିକ ଲକ୍ଷ୍ୟ ଏକ ଜଟିଳ ସମୀକରଣ ସୃଷ୍ଟି କରିଛି। ଯଦି ମେ ମାସର ଆଲୋଚନା ସଫଳ ହୁଏ, ତେବେ ଜୁନରେ ପରିସ୍ଥିତି ଉନ୍ନତ ହୋଇପାରେ। ନହେଲେ ଏହା ଦୀର୍ଘସ୍ଥାୟୀ ହୋଇ ବିଶ୍ୱ ଅର୍ଥନୀତିକୁ ଆହତ କରିବ।

ହର୍ମୁଜ୍ କେବଳ ଏକ ଜଳପଥ ନୁହେଁ, ଏହା ଶାନ୍ତି ଓ ସହଯୋଗର ପରୀକ୍ଷା। ଆନ୍ତର୍ଜାତିକ ସମ୍ପ୍ରଦାୟକୁ ଏକତ୍ରିତ ହୋଇ ଏହାର ସମାଧାନ କରିବାକୁ ପଡ଼ିବ। ଯଦି କୂଟନୀତିର ବିଜୟ ହୁଏ, ତେବେ ସଙ୍କଟ ସମାପ୍ତ ହେବ ଏବଂ ବିଶ୍ୱ ପୁନଃ ସ୍ଥିରତା ଫେରିପାଇବ। ନହେଲେ ଏହା ଏକ ନୂତନ ସ୍ୱାର୍ଥ ସମ୍ପର୍କିତ ସଂଘର୍ଷ ଆରମ୍ଭ କରିବ।

# ମାଆ, ସେ ମମତାମୟୀ

**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**



'ମାତୃ ସ୍ନେହ ସମ, କି ଅଛି ସଂସାରେ, ଅଟେ ତା ସରଗ ସୁଧା.....' ମା' ଶବ୍ଦରେ ଏକ ନୈସର୍ଗିକ ଆତ୍ମୀୟତା ଭରି ରହିଛି। ମା' ଏକ ଛୋଟ ଶବ୍ଦ ମାତ୍ର। ଏଥିରେ ସାରା ସଂସାରର ପୂର୍ଣ୍ଣତା ରହିଛି। ପ୍ରତ୍ୟେକ ମନୁଷ୍ୟର ଅସ୍ତିତ୍ୱ, ପ୍ରେମ ଓ ବିଶ୍ୱାସରେ ଭରି ରହିଛି ମା' ଶବ୍ଦର ବ୍ୟାପକତା। ଏହି ମା' ଡାକ ପ୍ରତିଟି ମୁହୂର୍ତ୍ତରେ ମନକୁ ଆନ୍ଦୋଳିତ କରିଥାଏ। ଏହା ସବୁବେଳେ ହୃଦୟର ସ୍ପନ୍ଦନ ସହ ଜଡ଼ିତ ହୋଇ ରହିଛି। ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ ତାଙ୍କ କାଳଜୟୀ ପଂକ୍ତିରେ ଲେଖିଛନ୍ତି - 'ମାତୃ ସ୍ନେହ ସମ, କି ଅଛି ସଂସାରେ, ଅଟେ ତା ସରଗ ସୁଧା। ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର। ପାନେ ନ ମେଣ୍ଟଇ କ୍ଷୁଧା।' ଥରେ ଭାବନ୍ତୁ ତ, ମା' ଶବ୍ଦ କ'ଣ ସତରେ ଯାଦୁକରୀ ନୁହେଁ କି ! ସେ ସବୁ ସମୟରେ ଯାହାକୁ ଜନ୍ମ ଦେଇଛି ଓ ଅବା ଯାହାକୁ ଅନ୍ୟ କେହି ମା' ଜନ୍ମ ଦେଇଛି, ତାରି ମଙ୍ଗଳ କାମନା ଓ ଉନ୍ନତିରେ ସର୍ବଦା ନିମଗ୍ନ ରହିଥାଏ। ନିବିଡ଼ ସମ୍ପର୍କକୁ ଛିନ୍ନ କରିବାକୁ କ୍ଷଣିଏ ସମୟ ନେଉନଥିବା ଅବା ସମ୍ପର୍କ ନରଖିବାର ବାହାନା କରୁଥିବା ବର୍ତ୍ତମାନର କଥିତ ସମାଜରେ ମା-ପିଲାର ସମ୍ପର୍କ, ମୃତ୍ୟୁ ପର୍ଯ୍ୟନ୍ତ ସାଥୀରେ ଅତୁଟ ରହିବାର ଯାଦୁ କ'ଣ ସତରେ ଆଶ୍ଚର୍ଯ୍ୟକର ନୁହେଁ ! ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ସନ୍ତାନର ସୁଖ ପାଇଁ ନିଜକୁ ତିଳ ତିଳ କରି ଜାଳିବାରେ ବି ମା' ମନରେ ଥାଏ ଆନନ୍ଦ। ସେହି ମା' କୁ ସମ୍ମାନ ଜଣାଇ ସାରା ଦୁନିଆଁରେ କୋଟି କୋଟି ମା' ଙ୍କ ଉଦ୍ଦେଶ୍ୟରେ ଆଜିର ଦିବସକୁ ମାତୃ ଦିବସ ଭାବେ ପାଳନ କରାଯାଉଛି। ଅବଶ୍ୟ ଏହାର ପ୍ରକୃତ ଉଦ୍ଦେଶ୍ୟ ଏବେ ସାଧିତ ହୋଇପାରି ନାହିଁ। ଆମ ଓଡ଼ିଆ ଘରର ଆଧ୍ୟାତ୍ମିକ ଜୀବନ ଚେତନାର ପ୍ରାଣ ଓ ମାର୍ଗଦର୍ଶକ କୁହାଯାଉଥିବା ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ତାତ ଜନନୀ ଉପକାର, ସୁଝି ପାରିବ କେ କୁମାର? ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣ ଦେଇ, ତାହାର ପୋଷଣେ ବଞ୍ଚଇ। ତାହାର ପ୍ରତି ଉପକାରେ, ଶତବରଷେ କେହୁ ପାରେ?'

ଆଜି ବିଶ୍ୱ ମାତୃ ଦିବସ ଅବସରରେ ମୋ 'ବୋଉ', 'ମାମା' କଥା ଦୁଇଧାଡ଼ି ଲେଖୁଛି। ଭଗବାନ ଧବଳେଶ୍ୱରଙ୍କ ଦିବ୍ୟଲୀଳା ପାବନ ଧାମ ସନ୍ନିକଟ 'ଲିଙ୍ଗାପଦା' ହେଉଛି ମୋ ଜନ୍ମସ୍ଥାନ। ବାପା ସଶରୀରେ ଏବେ ନାହାଁନ୍ତି କିନ୍ତୁ ମୋ ବୋଉ କଥା କ'ଣ ବା ଲେଖିବି 'କଣ ଲେଖା ଦୁଇଧାଡ଼ି ଦ୍ୱାରା ତା ଋଣ ତକ ସୁଝିପାରିବି?' ଏ ଦୁନିଆରେ ମୋ ବୋଉର ମୋ ପାଇଁ ଡାକ ନାଁ ହେଉଛି 'ଦିପୁନି'। ଝାପସା ମନେପଡୁଛି ବୋଧେ ତୃତୀୟ ଚତୁର୍ଥରେ ପଢୁଥିଲି ଗୋଡ଼ରେ ଏକଜିମା ହୋଇଥିଲା। ମୋ କଷ୍ଟ ଯନ୍ତ୍ରଣା ଦେଖି ନପାରି ସବୁବେଳେ ତ ମୋର ପଛରେ ହିଁ ପଡ଼ିଥିଲା ଆଉ ମୋ ଚିକିତ୍ସା ପାଇଁ କେତେ ପୂଜା, ଦାନ, ସଂକଳ୍ପ, ମାଜଣା, ଗୁହାରି ନ ଜଣାଇଛି ସମସ୍ତ ଦେବାଦେବୀଙ୍କୁ କଟକରୁ ଢେଙ୍କାନାଳ, ଖୋର୍ଦ୍ଧାରୁ ପାଖାପାଖି ଅଧା ଓଡ଼ିଶା ସେ ବୁଲିଯାଇଛି ମୋ ଚିକିତ୍ସା କରାଇବା ପାଇଁ। କେତେ ବେଳେ ବି ଟିକେ ଥକି ପଡ଼ିବାର, କଷ୍ଟ ପାଇବାର ମୁଁ ଦେଖିନାହିଁ। ହଷ୍ଟେଲରେ ପଢୁଥିବାବେଳେ ଘରୁ ହାତ ତିଆରି ମୋ ପସନ୍ଦର ମସଲାଜାତୀୟ ହାତ ତିଆରି ଖାଇବା ଜିନିଷ ସବୁ ନେଇ ପହଞ୍ଚି ଯିବ। ମୁଁ ଏ ଦୁନିଆରେ ଜଣେ ଏପରି ଭାଗ୍ୟବାନ ଯେ କି ମୋ ପାଖରେ, 'ବୋଉ'ର ଆଶୀର୍ବାଦ ଓ ନିତିଦିନିଆ ସାନ୍ନିଧ୍ୟ ପାଉଛି। ଭଗବାନ ସମ୍ଭବତଃ ମୋ ବୋଉର କୃପା ଓ ଶ୍ରଦ୍ଧା ସ୍ୱରୂପ ଦୁଇ କନ୍ୟାରତ୍ନ ପାଇଛି।

ମା' ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ନିମନ୍ତେ ଗୋଟିଏ ଦିନ ନୁହେଁ, ବରଂ ଗୋଟିଏ ଶତାବ୍ଦୀ ବି କମ୍ ପଡ଼ିବ। କେହି ଜଣେ କହିଛନ୍ତି ଯେ ଯଦି ବିଶାଳ ସମୁଦ୍ରକୁ କାଳି ଭାବେ ବ୍ୟବହାର କରାଯାଏ ଓ ସାରା ପୃଥିବୀ ପୃଷ୍ଠକୁ କାଗଜ ବୋଲି ଗ୍ରହଣ କରି ମା'ର ମହିମା ଲେଖିଯାଏ, ତେବେ ତାହା ବି କମ୍ ପଡ଼ିବ। ଆମର ସମାଜରେ ପ୍ରତ୍ୟେକ କଥାକୁ ଗୁରୁତ୍ୱ ଦେବା ନିମନ୍ତେ ୩୬୫ ଦିନରେ କେବଳ ଗୋଟିଏ ଦିନ ହିଁ ମାତୃ ଦିବସ ଭାବେ ସ୍ଥିର କରାଯାଇଛି; କିନ୍ତୁ ମା'ର ସମ୍ମାନରେ ଗୋଟିଏ ଦିନ ଯଥେଷ୍ଟ ନୁହେଁ। ଯେଉଁଭଳି ଭାବେ ମା'ର ମମତା ଓ ପ୍ରେମ ଅସୀମିତ ଓ ନିଃସ୍ୱାର୍ଥ, ଠିକ୍ ସେହିପରି ମା' ପାଇଁ ପ୍ରତ୍ୟେକ ଦିନ ପାଇଁ ଉତ୍ସର୍ଗ କରାଯାଏ ତେବେ ତାହା ବି କମ୍ ପଡ଼ିବ। ଯଦି ଆମେ ବି ବିନା ସ୍ୱାର୍ଥରେ ମା'କୁ ଆଦର ଯତ୍ନ କରି ତା'ର ମମତାକୁ ନ ଭୁଲି ପ୍ରତିଟି ସୁଖଦୁଃଖରେ ସହଯୋଗ କରିବା ତେବେ ନିଶ୍ଚିତ ଭାବେ ନିଜ ଜୀବନ ସାର୍ଥକ ହୋଇପାରିବ। କାନ୍ତ କବି ଲକ୍ଷ୍ମୀକାନ୍ତ ତାଙ୍କ ଅନନ୍ୟ ରଚନାରେ ଜନନୀ ଓ ଜନ୍ମଭୂମିକୁ ଉଚ୍ଚତର ସ୍ଥାନ ଦେଇ ଉଲ୍ଲେଖ କରିଛନ୍ତି - 'ସ୍ୱର୍ଗଠାରୁ ବଡ଼ ଜନ୍ମଭୂମି ଓ ଜନନୀ, ପୂଜିବି ତାହାଙ୍କୁ ନିତି ଠାକୁରାଣୀ ମଣି। ମାତାଙ୍କ କଲ୍ୟାଣେ ସବୁ ହୁଅଇ ମଙ୍ଗଳ, କୋଟି ଜୁହାର ମୋର ତାଙ୍କ ପାଦ ତଳ।'

ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ମୋବାଇଲ: ୯୭୭୮୪୪୯୧୧୯



# ପାଟଣାର ଜିତୁ ମୁଣ୍ଡା ଓ ଘୁଙ୍ଗିର ଅନାଥ ଜୁଆଙ୍ଗ ପିଲାଙ୍କ କଥା



**ଡମ୍ବରୁଧର ଘଣା**

ସେଦିନ ଦାନ ମାଝୀ ସ୍ତ୍ରୀର ଶବ କାନ୍ଧରେ ବୋହି ଦୀର୍ଘବାଟ ପାଦରେ ଚାଲି ଘରକୁ ଯିବାର ଦୃଶ୍ୟ ଓଡ଼ିଶା ଦେଖିଥିଲା ଆଜିଠୁ ଠିକ୍ ଦଶ ବର୍ଷ ତଳେ। ଏ ଥିଲା କଳାହାଣ୍ଡିର କଥା। କେବଳ ଦେଶରେ କାହିଁକି, ସାରା ଦୁନିଆଁରେ ଓଡ଼ିଶା ନିନ୍ଦିତ ହୋଇଥିଲା। ତା' ପୂର୍ବରୁ ସେହି କଳାହାଣ୍ଡିରେ , ଉତ୍କଟ ଅଭାବ ଯୋଗୁଁ ଓ ପେଟର ଭୋକ ମେଣ୍ଟାଇବା ନିମନ୍ତେ ମା' ଛୁଆକୁ ବିକ୍ରି କରିବାର ଖବର ଆସୁଥିଲା। ରାଜ୍ୟ ଲଜ୍ଜିତ ହେଉଥିଲା। ଏପରି ଦୁଃଖଦ ଖବର ମନରୁ ଲିଭି ଆସୁଥିବା ବେଳେ, ଏଇ ନିକଟରେ ଦୃଷ୍ଟିକୁ ଆସିଛି ଆଉ ଏକ ହୃଦୟ ବିଦାରକ ଦୃଶ୍ୟ।

କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳର ଜିତୁ ମୁଣ୍ଡାର କଥା। କଥାଟା ବେଶ୍ ସରଳ। ନିକଟସ୍ଥ ଗ୍ରାମୀଣ ବ୍ୟାଙ୍କରେ ଜିତୁର ଭଉଣୀ ନାଁରେ କିଛି ରାଶି ଗଚ୍ଛିତ ଥିଲା। ଭଉଣୀର ମୃତ୍ୟୁ ପରେ ଜିତୁ ବ୍ୟାଙ୍କକୁ ଯାଇ ଏ କଥା ଜଣାଇଲା ଏବଂ ସେ ଗଚ୍ଛିତ ଅର୍ଥ ତାକୁ ଦେବାକୁ କହିଲା। ବ୍ୟାଙ୍କ ମୃତ୍ୟୁ ପ୍ରମାଣପତ୍ର ଦରକାର କଲା। ଏଥିରେ କିଛି ତ୍ରୁଟି ନାହିଁ। ଏହାହିଁ ନିୟମ। ଟଙ୍କା ଦେବା ପୂର୍ବରୁ ବ୍ୟାଙ୍କ ଜାଣିବା ଦରକାର ଯେ ଜମାକାରୀର ମୃତ୍ୟୁ ହୋଇଛି ଏବଂ ଦରଖାସ୍ତକାରୀ ତା'ର ଉତ୍ତରାଧିକାରୀ। ନହେଲେ ଏହା ଆଉ ଏକ ସମସ୍ୟାକୁ ଜନ୍ମ ଦେବ। ତେବେ, ଏତେ ବଡ ଘଟଣା ଘଟିଲା କେମିତି ? ଏହାହିଁ ଏ ଆଲୋଚନାର ପ୍ରସଙ୍ଗ।

ଜିତୁ ମୁଣ୍ଡାତ ଆଦିବାସୀ। ତା'ର ଚେହେରା ସ୍ପଷ୍ଟ କହୁଛି ସେ ନିରକ୍ଷର । ଅସଚେତନ ନିଶ୍ଚିତ । କିନ୍ତୁ, ସରଳ। ସେଇଥିପାଇଁ ସେ ତା' ଭଉଣୀର ଟଙ୍କା ମାଗୁଥିଲା। ଭଉଣୀର ଜମା ଖାତାରେ ଥିବା ଟଙ୍କା ପାଇବାକୁ କ'ଣ ସବୁ ଆଇନ୍ କାନୁନ୍, ଦସ୍ତାବିଜ ଦରକାର, ଏହା ଜିତୁକୁ ଜଣା ନାହିଁ। ତାକୁ କେବଳ ଏତିକି ଜଣା - ଜମାକାରୀ ତା' ଭଉଣୀ। ତେଣୁ, ଟଙ୍କା ତା'ର।

ଜିତୁ କହିଲା - ମୋ ଭଉଣୀ ମରିଗଲା। ବ୍ୟାଙ୍କ ବାବୁ କହିଲେ - " ସେ ମରିଯାଇଛି ବୋଲି ଆମେ କେମିତି ଜାଣିବୁ? ମରିଗଲା ବୋଲି ପ୍ରମାଣ ଦରକାର। " ଜିତୁ ମୁଣ୍ଡକୁ ବାବୁ ମାନଙ୍କ ଦରବାରୀ କାୟେଦା ପସିଲା ନାହିଁ। ଜିତୁ ବୁଝିଲା - ମୁଁ ତା' ଭାଇ। ମୁଁ କହୁଛି, ସେ ମରିଯାଇଛି। ପୁଣି ପ୍ରମାଣ କ'ଣ ? ଏ ବାବୁମାନେ କ'ଣ ସବୁ କହୁଛନ୍ତି, ଜିତୁ ବୁଝି ପାରୁ ନଥାଏ। ସେଇଥିପାଇଁ ସେ ବାର ବାର ବ୍ୟାଙ୍କକୁ ଯାଇଛି। ସବୁଥର ଏହି ସମାନ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ଜିତୁ ଓ ବାବୁ ମାନଙ୍କ ମଧ୍ୟରେ।

ଶେଷରେ ଜିତୁ ସ୍ଥିର କଲା - ଏ ବ୍ୟାଙ୍କ ବାବୁମାନେ ତା' କଥାକୁ ବିଶ୍ୱାସ କରିବେ ନାହିଁ। ତାକୁ ତା' ମୃତ ଭଉଣୀର ଶବ ଆଣି ଦେଖାଇବାକୁ ପଡିବ। ସେ ସେୟା କଲା। ଜିତୁ ତା' ଭଉଣୀର ଗଳିତ ଶବ ଆଣି ବ୍ୟାଙ୍କରେ ଦେଖାଇଲା। ସେ ଚିତ୍ର ସମସ୍ତେ ଦେଖିଲେ। ବଣ ନିଆଁ ପରି ଖବର ପ୍ରସାରିତ ହୋଇଗଲା। ଯିଏ ଦେଖିଲା, ସେ ଆଶ୍ଚର୍ଯ୍ୟ ହୋଇଗଲା। ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଲା। ଏକ ଅବାଞ୍ଛିତ ଚିତ୍ର ପାଇଁ ଓଡ଼ିଶା ଆଲୋଚନା ଭିତରକୁ ଆସିଲା। ରାଜ୍ୟ ସାରା ଦେଶରେ ନିନ୍ଦିତ ହେଲା। ସମସ୍ତେ କହିଲେ - ଆଇନ୍ କାନୁନ୍ ଆଳରେ, ମାତ୍ର କେଇଟା ଟଙ୍କା ପାଇଁ କର୍ମଚାରୀ ମାନବୀକତା ଭୁଲିଗଲେ। କି ଅମାନବୀୟ କାଣ୍ଡ ? ହୃଦୟହୀନ ଆଚରଣ। ଏ ଦୃଶ୍ୟ ସବୁକିଛି ସର୍ମସାର କରିଦେଲା।

ଯାହା ଘଟିଗଲା, ତାହା କିଛି ନୂଆ କଥା ନୁହେଁ। ଏଇ ସମାନ ଘଟଣା ନ ହେଲେ ବି, ଏମିତି କେତେ କଥା ଦେଖିବାକୁ ମିଳେ ଏଇ ଆଦିବାସୀ ଇଲାକାରେ। ବାବୁ ମାନେ ଯଥା - ପଞ୍ଚାୟତ ଅଧିକାରୀ, ବ୍ଲକ୍ କର୍ତ୍ତୃପକ୍ଷ, ବ୍ଲକ୍ କର୍ମଚାରୀ, ତହସିଲ କର୍ମଚାରୀ, ଡାକ୍ତରଖାନାରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ଜିଲ୍ଲା ପ୍ରଶାସନର କର୍ମଚାରୀ ପ୍ରଭୃତିଙ୍କ ସମାନ ଆଚରଣ, ସମାନ ବ୍ୟବହାର। ଏମିତି ଦ୍ୱନ୍ଦ୍ୱ ସବୁଠି ଏଇ ମାନଙ୍କ ସହିତ। ଏଇ ପ୍ରସଙ୍ଗରେ ଯଦି ଜିତୁକୁ ସରଳରେ, ସେ ବୁଝିବା ଭାଷାରେ ବୁଝାଇ ଦିଆଯାଇଥାନ୍ତା, ଅବଶ୍ୟ ସମୟ ଲାଗିଥାନ୍ତା, କିନ୍ତୁ ସବୁ କିଛି ଠିକ୍ ହୋଇଥାନ୍ତା। ଜିତୁ କାଗଜ ଆଣିଥାନ୍ତା। ଏତେ ନିନ୍ଦା ରାଜ୍ୟ ପାଇ ନଥାନ୍ତା।

ପୁଣି ଦେଖାଗଲା ସେହି ସମାନ ଆଚରଣ। ଜିତୁ ଯେତେବେଳେ ସେହି ଗଳିତ ଶବକୁ ନେଇ ବ୍ୟାଙ୍କରୁ ଫେରିଲା, ପୁଣି କାନ୍ଧରେ ବୋହି ଚାଲି ଚାଲି ଫେରିଲା। ଏବେ କ'ଣ ତାକୁ ସେଠାରେ ଉପସ୍ଥିତ ଥିବା ପୁଲିସ ଗୋଟିଏ ଟ୍ରଲି ବା ଅଟୋ ଯୋଗାଇ ଦେଇ ପାରିନଥାନ୍ତା ? ଏଥିରେ କିଛି ସାଧନ ବା ଆର୍ଥିକ ବାଧକ




ନଥିଲା। ଯାହା ବାଧକ ଥିଲା, ତାହା ଏମାନଙ୍କ ପ୍ରତି ବାବୁ ମାନଙ୍କର ନଜରୀଆ। ହୀନ ଦୃଷ୍ଟି। ଉଚ୍ଚ ନୀଚ ର କଥା। ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କଲା। ସଙ୍ଗେ ସଙ୍ଗେ ମୃତ୍ୟୁ ପ୍ରମାଣପତ୍ର ମିଳିଗଲା। ଉତ୍ତରାଧିକାରୀ କାଗଜ ବି ବାହାରି ଗଲା। ଏତିକିରେ ଟଙ୍କା ଘରେ ଯାଇ ପହଞ୍ଚିଗଲା। କେବଳ ସେତିକି ନୁହେଁ, ଜିତୁକୁ ଜିଲ୍ଲା ପ୍ରଶାସନ ତିରିଶ ହଜାର ଟଙ୍କା ରେଡ୍ କ୍ରସ୍ ପାଣ୍ଠିରୁ ଦେଲା। ଏଠାରେ ପ୍ରଶ୍ନ ଉଠୁଛି - ଜିତୁ କ'ଣ ଏ ସହାୟତା ମାଗିଥିଲା, ନା ଆଉ କିଏ କହିଥିଲା? ବିନା ମାଗିବାରେ ଟଙ୍କା ମିଳିଗଲା। ଜିତୁକୁ ତ ଏପରି ଏକ ପାଣ୍ଠି ଅଛି ବୋଲି ଜଣାବି ନଥିବ। ତେବେ, ଏହା କ'ଣ ନିନ୍ଦା ନିୟନ୍ତ୍ରଣର ପ୍ରଚେଷ୍ଟା? କାହିଁ ଆଗରୁ ତ କେବେ ଏପରି ଜିତୁ ମାନଙ୍କୁ ତୁମେ ଦେଖି ନାହଁ କି ତାଙ୍କ ବିଷୟରେ ଜାଣିବାକୁ ଚାହିଁ ନାହଁ ।

ଏବେ ଦେଖନ୍ତୁ - ଯଦି ମୃତ୍ୟୁ ପ୍ରମାଣପତ୍ର ଅବା ଉତ୍ତରାଧିକାରୀ ପ୍ରମାଣପତ୍ର ସରକାର ସରଳରେ, ଆପଣାଛାଏଁ, ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଇ ଦେଇଥାନ୍ତେ, ଜିତୁ ସହିତ ଏପରି ଅବିଚାର ହୋଇନଥାନ୍ତା। ଓଡ଼ିଶା ନିନ୍ଦିତ ହେବାରୁ ବଞ୍ଚି ଯାଇଥାନ୍ତା। ଦ୍ୱିତୀୟତଃ, ପ୍ରଶାସନ ଯଦି ଜିତୁ ପରି ଅଭାବି ଲୋକଙ୍କୁ ଆପଣାଛାଏଁ ଚିହ୍ନଟ କରି ଆବଶ୍ୟକ ସହାୟତା ଯୋଗାଇ ଦିଅନ୍ତେ, ଏପରି ଅନେକ ଅଭାବି ଏଭଳି ହରକତ କରିବାକୁ ଚାହାନ୍ତେ ନାହିଁ। କିନ୍ତୁ, ସେପରି ହୋଇ ନାହିଁ କି, ହେବ ନାହିଁ ! ଏ ଦୃଷ୍ଟିକୋଣ ର କଥା। ମଣିଷ ପଣିଆର କଥା। ଏ ତ ଗୋଟିଏ ଘଟଣା। ଆମେ ଗଣ ମାଧ୍ୟମରୁ ଜାଣିଲେ। କିନ୍ତୁ, ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ନିରକ୍ଷରତା, ଅସଚେତନତା, ସରଳତାର ତଳେ ଚାପି ହୋଇ ରହିଛି। ସେମିତି କିଛି ସମସ୍ୟାର ଅବତାରଣା ଏଇଠି କରିବା:

କେନ୍ଦୁଝରର ଘୁଙ୍ଗି ଗାଁ ଈଶ୍ୱର ଜୁଆଙ୍ଗ ଓ ସ୍ତ୍ରୀ ଯଶ୍ମିନ୍ ଆର ପାରିକି ଚାଲିଗଲେ। ଘରେ ଚାରୋଟି ନାଁ ବାଳକ ପିଲା। ରୋଜଗାର ବୋଲି କିଛି ନାହିଁ। ଭଙ୍ଗା ଦଦରା ଘର। ସରକାରୀ ଚାଉଳ ବାଦ୍ ଆଉ କିଛି ସହାୟତା ନାହିଁ। ଆମେ ସରକାରଙ୍କୁ ଲେଖିଲୁ ସହାୟତା ଯୋଗାଇ ଦେବାକୁ। ସରକାର ଶୁଣିଲେ ନାହିଁ। ଏ ପିଲାଙ୍କୁ ଏବେ ପ୍ରମାଣ କରିବାକୁ ହେବ ଯେ ସେମାନେ ଅନାଥ। ସେମାନଙ୍କର ରୋଜଗାର ନାହିଁ। ସେମାନଙ୍କ ପେଟକୁ ଭାତ ନାହିଁ। ସେହି ଘୁଙ୍ଗି ଗାଁରେ ସୁରେନ୍ ଜୁଆଙ୍ଗ ରୁହେ। ପର ଘରେ ମଜୁରୀ କରି ପରିବାର ପାଳେ। ଛଅ ପ୍ରାଣୀର ସଂସାର। ଘରଟି ଅଧା ଭାଙ୍ଗି ଯାଇଛି। ଦୁଆର ସ୍ଥାନରେ ଛିଡ଼ା ହୋଇଛି ମସାରୀ। ସରକାର ନା ଘରଟିର ମରାମତି କଲେ, ନା ଏକ ପକ୍କା ଘର ଯୋଗାଇ ଦେଲେ। ଏବେ ସୁରେନ୍ କୁ ପ୍ରମାଣ କରିବାକୁ ହେବ ଯେ ତା' ଘର ଭାଙ୍ଗି ଯାଇଛି ଏବଂ ସେ ଏଇ ଗାଁର ଏକ ବାସିନ୍ଦା। ନଟ ଜୁଆଙ୍ଗର ଘର ବି ସେହି ଗାଁ ରେ । ଚାରି ଝିଅ। ସମସ୍ତେ ଭିନ୍ନକ୍ଷମ। ଛିଡା ହୋଇ ପାରନ୍ତି ନାହିଁ କି ଚାଲି ପାରନ୍ତି ନାହିଁ। ତାଙ୍କ ଚିକିତ୍ସା ପାଇଁ କହିଲୁ। କେହି ଶୁଣିଲେ ନାହିଁ। ଏବେ ଏ ପିଲାଙ୍କୁ ପ୍ରମାଣ କରିବାକୁ ହେବ ଯେ ସେମାନେ ଚାଲି ପାରନ୍ତି ନାହିଁ। ସେମାନେ ଭିନ୍ନକ୍ଷମ। ଉଦାହରଣ ଏମିତି ଅନେକ ।

ଆମେ ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି, ଓଡ଼ିଶାର ରାଜ୍ୟପାଳ, ଲୋକଙ୍କ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, କେନ୍ଦୁଝର ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟକୁ ପତ୍ର ଲେଖିଲୁ। ସମସ୍ତେ ପତ୍ର ପାଇଲେ ହେଲେ, ଦୁଃଖର କଥା, କେହି ଶୁଣିଲେ ନାହିଁ।

କଳାହାଣ୍ଡିର ଉପର ବର୍ଣ୍ଣିତ ଘଟଣା ଗରିବୀ ର ଚିତ୍ର ବଖାଣୁଥିବା ବେଳେ, ଏବେର ଘଟଣା ଆଦିବାସୀଙ୍କ ପ୍ରତି ପ୍ରଶାସନର ରୁଗଣ ମାନସୀକତାକୁ ଦର୍ଶାଉଛି। ଏବେ କିଛି ଭଲ ଭଲ ଶବ୍ଦ ଶୁଣିବାକୁ ମିଳୁଛି। ଲୋକଙ୍କ ମୁଖ୍ୟମନ୍ତ୍ରୀ। ଲୋକଙ୍କ ସରକାର। କ୍ରୀୟାଶୀଳ ପ୍ରଶାସନ। ଲୋକାଭିମୁଖୀ ଯୋଜନା। ବଢ଼ିଆ ବଢ଼ିଆ ଶବ୍ଦ। ଶ୍ରୁତି ମଧୁର। ଏ ଶବ୍ଦ ସିନା ଯୋଡି ହୋଇ ଯାଇଛି, କିନ୍ତୁ ସରକାରଙ୍କ ବିକଳାଙ୍ଗ ମାନସୀକତା ଏବେବି ରହିଛି । ଏ ଗରିବ , ଦିନ ମଜୁରିଆ ଆଦିବାସୀଙ୍କ ପ୍ରତି ପ୍ରଶାସନର ଏପରି ଉଦାସୀନତା ଦେଖିଲେ , ଏସବୁ ଶବ୍ଦ ଯେ କିଛି ଅର୍ଥ ରଖୁଛନ୍ତି, ବୁଝିବା କଷ୍ଟ ହେଉଛି। ସରକାର ଯେ ଅଛି, ତାହା ପୁଣି ଲୋକଙ୍କ ପାଇଁ, ତାହା ବି ବୁଝିବା ସହଜ ହେଉ ନାହିଁ।

ଏହା ହେବାର ଥିଲା। ହେଲା। ବହୁ ଆଗରୁ ହେବାର ଥିଲା। ବିଳମ୍ବ ହୋଇଗଲା। ଏମିତି ଆହୁରି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ରହିଛି। ସମସ୍ୟା ଅଛି। ଯନ୍ତ୍ରଣା ରହିଛି। ଅସନ୍ତୋଷ ବି ବଢୁଛି । ଏ ଯନ୍ତ୍ରଣା, ଅସନ୍ତୋଷ ଠୁଳ ହେଉଛି। ବାଟ ଖୋଜୁଛି ବାହାରିବାକୁ। ଗରିବୀ, ନିରକ୍ଷରତା, ଅସଚେତନତା ତା'ର ବାଟ ଓଗାଳୁଛନ୍ତି। ଆଜି ନ ହେଲେ ବି, କାଲି ସମୟ ଆସିବ। କେତେ କେତେ ଜିତୁ ମୁଣ୍ଡା ମୁଣ୍ଡ ଟେକିବେ। ପ୍ରଶାସନକୁ ପ୍ରଶ୍ନ କରିବେ। ବାବୁ ଗିରି ଜିତୁ ମୁଣ୍ଡା ମାନଙ୍କୁ ଦମନ କରିଦେଇ ପାରେ। କିନ୍ତୁ, ଓଡ଼ିଶାକୁ ନିନ୍ଦିତ ହେବାରୁ ବଞ୍ଚାଇ ପାରିବ ତ?

ମୋବାଇଲ୍:୭୯୭୮୨୧୦୮୨୧

# ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି ଓ ଦିବ୍ୟମୂର୍ତ୍ତି ମାତା ଈଶ୍ୱରାମ୍ମା



**ଅଲେଖ ଚନ୍ଦ୍ର ସାମଲ**

ସାଧାରଣତଃ ମଣିଷ ଯେଉଁମାନଙ୍କଠାରୁ ଜନ୍ମ ଗ୍ରହଣ କରେ ତାଙ୍କୁ ମା' ବାପା ରୂପେ ଗ୍ରହଣ କରିଥାଏ। କିନ୍ତୁ ଅବତାରମାନେ ଯେତେବେଳେ ସଂସାରରେ ମାନବ ରୂପେ ଜନ୍ମ ଗ୍ରହଣ କରନ୍ତି ସେମାନେ କାହାକୁ ମା, ବାପାଙ୍କ ସ୍ଥାନ ଦେବେ ନିଜେ ତାହା ବାଛିକରି ସେମାନଙ୍କ ମାଧ୍ୟମରେ ଜନ୍ମ ଗ୍ରହଣ କରିଥାନ୍ତି। ତାହା ସଙ୍ଗେ ସଙ୍ଗେ ମାଆବାପାଙ୍କୁ ମଧ୍ୟ ମାୟାଚ୍ଛନ୍ନ କରି ଦିଅନ୍ତି ଯେଉଁଥି ପାଇଁ ସେମାନେ ଏହି ସତ୍ୟଟି ବିସ୍ମୃତ ହୋଇ ଯାଆନ୍ତି। ପୁନଶ୍ଚ ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପୁତ୍ରର କାର୍ଯ୍ୟକଳାପ ଓ କଥା ଚାତୁରୀ ଓ ତୀକ୍ଷ୍ଣବୁଦ୍ଧିର ଝଲକ ଦେଖି ନିଜେ ନିଜେ ଆଚମ୍ବିତ ହୋଇଥାନ୍ତି। ଯେ, ସତେ କ'ଣ ଏ ପୁତ୍ରକୁ ଆମେ ଜନ୍ମ ଦେଇଛୁ। ପ୍ରକୃତ କଥା ହେଲା ବାପାମା ଜନ୍ମ ଦେଇଥାନ୍ତି - ତାଙ୍କର ଇଚ୍ଛାରେ ସେ ଜନ୍ମ ଦେବାକୁ ଚାହିଁବା ଯୋଗୁଁ।

ଶ୍ରୀରାମ, ଶ୍ରୀକୃଷ୍ଣ, ପର୍ଶୁରାମ, ଶ୍ରୀଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ, ଭଳି ଅବତାର ପୁରୁଷମାନେ ତାଙ୍କ ନିଜ ଇଛା ବଳରେ ହିଁ ମାତୃଗର୍ଭ ବାଛି ନେଇଥାନ୍ତି। ଖ୍ରୀଷ୍ଟଧର୍ମରେ ମଧ୍ୟ ଅନୁରୂପ ଘଟଣାର ବର୍ଣ୍ଣନା ଦେଖାଯାଏ। ଯୀଶୁଖ୍ରୀଷ୍ଟ ଇଛା କରି ମାଲ୍ଲାଶେରୀଙ୍କ ବିବାହ ପୂର୍ବରୁ ତାଙ୍କ ଗର୍ଭରେ ଆଶ୍ରୟ ନେଇଥିଲେ। ସମସ୍ତେ ପ୍ରସବପ୍ରକ୍ରିୟା ମାଧ୍ୟମରେ ଜନ୍ମ ଲାଭ କରନ୍ତି କିନ୍ତୁ ଉପରୋକ୍ତ ମହାନ ବ୍ୟକ୍ତିଗଣ ପ୍ରଥମେ ପ୍ରବେଶ କରିଥାନ୍ତି ଓ ପରେ ପ୍ରସବ ହୋଇ ଆସନ୍ତି ସଂସାରକୁ। ଭଗବାନ, ଭଗବତ୍ ଐଶ୍ୱର୍ଯ୍ୟ ସମ୍ପନ୍ନ ଓ ଭଗବତ ଗୁଣାଢ୍ୟ ପୁରୁଷମାନେ ମଧ୍ୟ ସୃଷ୍ଟି ପ୍ରକ୍ରିୟାର ବିଧିକୁ ମାନି ନିଜେ ଅବତରଣ କରିବା ସମୟରେ ମଧ୍ୟ ଗୋଟିଏ ମାତୃଗର୍ଭକୁ ଆଶ୍ରୟ କରିଥାନ୍ତି। ଜନ୍ମଲାଭ କରିବା ପରେ ସମାଜରେ ପରିଚୟ ଲାଭ କରିବା ପାଇଁ ଜଣେ ପିତାର ମାଧ୍ୟମ ଲୋଡ଼ିଥାନ୍ତି।

ମାତା ଈଶ୍ୱରାମ୍ମାଙ୍କୁ ଏହି କାର୍ଯ୍ୟ ପାଇଁ ଲୋଡ଼ି ଥିଲେ ଭଗବାନ ସତ୍ୟସାଇ। ଗୋଟିଏ ବର୍ତ୍ତୁଳାକାର ଘନନୀଳ ପିଣ୍ଡ କେବଳ ମାତାଙ୍କ ଜ୍ଞାତସାରରେ ଗଗନ ମଣ୍ଡଳରୁ ଖସି ଈଶ୍ୱରାମ୍ମାଙ୍କ ଗର୍ଭରେ ଲୀନ ହୋଇଗଲେ। ତତ୍‌କ୍ଷଣାତ୍ ମାତା ତାହାର ସଂଘାତରେ ଚେତା ହରାଇ ଭୂପତିତା ହୋଇପଡ଼ିଲେ। ଗ୍ରାମର ଅନ୍ୟ ମହିଳାମାନେ ଜଳସଂଗ୍ରହ କରିବାକୁ ଆସି ମାତାଙ୍କୁ ନେଇ ଶାଶୁଙ୍କ ସମୀପରେ ପହଞ୍ଚାଇ ଦେଲେ। ସବୁ ଶୁଣି ସାରିଲା ପରେ ସେ ସମୟର ତଥା ସେ ଅଞ୍ଚଳର ଗ୍ରାମ୍ୟ ଚଳଣି ଅନୁସାରେ ଶାଶୁ ଓ ବୋହୁ ସ୍ଥିର କଲେ ଯେ ଏହା ଗୋପନ ରଖାଯିବ। ପୂର୍ବ ତିନି ସନ୍ତାନଙ୍କ ଗର୍ଭାବାସ ସମୟର ଅନୁଭୂତି ଈଶ୍ୱରାମ୍ମାଙ୍କର ଥିଲା। ଏଥରର ଅନୁଭୂତି ଥିଲା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଓ ଭିନ୍ନ ସ୍ତରର। ଏହାଥିଲା ଅଦୃଷ୍ଟ ପୂର୍ବ, ଅଶ୍ରୁତ ପୂର୍ବ,



ଅଚିନ୍ତ୍ୟ ପୂର୍ବ। ସେ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଅଭିଧାନରେ ଭାଷା ନଥିଲା। ତେଣୁ ସେ ସବୁକୁ ମାତା ତାଙ୍କ ଅନ୍ତରରେ ଭେଦି ରହିବା ପାଇଁ ବାଧ୍ୟ ହେଉଥିଲେ। ଶାଶୁଲାକ୍ଷାମ୍ମା ବୋହୂର ଚକ୍ଷୁ ଯୁଗଳକୁଚାହିଁ ରହୁଥିଲେ। ବେଳେ ବେଳେ କମ୍ପିତ ଅଧର ଯାହା ପ୍ରକାଶ କରିବାକୁ ଉଦ୍ୟତ ହୋଇ ପରବର୍ତ୍ତୀ ସମୟରେ ଶାନ୍ତ ହୋଇଯାଉଛି। ତାହାକୁ ବେଶ ଲକ୍ଷ କରିପାରୁଥିଲେ। ସମୟ ଗଡ଼ି ଯିବା ସଙ୍ଗେ ସଙ୍ଗେ ସନ୍ତାନର ଆଗମନ ତଥା ମୁଖ ଦର୍ଶନ ପାଇଁ ମାଆ ଓ ଜେଜେମାଆଙ୍କ ବ୍ୟଗ୍ରତା ବଢ଼ିବା ସ୍ୱାଭାବିକ। କିନ୍ତୁ ମାଆଙ୍କ ଅନ୍ତରାତ୍ମା ଚାହିଁଥାଏ ଏହି ସନ୍ତାନଟି ଆଉ କିଛି ସମୟ ଧରି ଗର୍ଭରେ ରହନ୍ତା କି ? ସ୍ୱର୍ଗୀୟ ଆନନ୍ଦମୟ ଅନୁଭୂତି ଆଉ କିଛି ଦିନ ପାଇଁ ମିଳନ୍ତା। ସନ୍ତାନ ଜନ୍ମ ପରେ ଏତାଦୃଶ ଅନୁଭୂତି ଆଉ ରହିବ କି ନାହିଁ ସେ ଆଶଙ୍କାରେ ମାତା ଯେଉଁ ବ୍ୟଥା ପାଉଥିଲେ ତାହା ମଧ୍ୟ ମଧୁମୟ ଥିଲା। ବିରାଟ ପରିବାର ଭିତରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ପୂର୍ବକ ଏହି ନୂତନ ଅନୁଭୂତିକୁ ଆସ୍ୱାଦନ କରିବାକୁ ଇଛାଥିଲେ ମଧ୍ୟ ପରିବେଶ ଅନୁକୂଳ ହେଉନଥିଲା।

ସମୟ ତାହାର କର୍ତ୍ତବ୍ୟକୁ କେବେ ହେଳା କରେ ନାହିଁ। ସମୟର ପଞ୍ଜିକା ଅନୁଯାୟୀ ମାତା ଈଶ୍ୱରାମ୍ମା ୧୯୨୬ ନଭେମ୍ବର ୨୩ ପ୍ରାତଃ କାଳରେ ଭାର ମୁକ୍ତ ହେଲେ। ଭିତରୁ ମିଳୁଥିବା ଆନନ୍ଦ ବର୍ତ୍ତମାନ ବାହାରୁ ମିଳିବାକୁ ଆରମ୍ଭ ହେଲା। ହେଲେ ତାହା ବହୁତ କମ୍ ସମୟ ପାଇଁ ରହିଲା। ଶିଶୁର ଚାଲିବା ଆରମ୍ଭ ହେଲା ମାତ୍ରେ ମାତାଙ୍କର ଦୌଡ଼ିବା ଆରମ୍ଭ ହେଲା। ଏ ଦୌଡ଼ିବା ସହିତ ସଦାସର୍ବଦା ସତର୍କ ଓ କେଉଁ ଅନାଗତ ବିପତ୍ତି କେତେବେଳେ ଉପସ୍ଥିତ ହୋଇଯିବ ସେ ଚିନ୍ତାରେ ମାତା ଆହୁରି ବେଶୀ ଭାରାକ୍ରାନ୍ତ ହୋଇ ରହିଥିଲେ। ପରବର୍ତ୍ତୀ ସମୟରେ ଏ ଦୁଃଖ କିଛି ନୁହେଁ ବୋଲି ଧାରଣା ହେଲା। କାରଣ ଏହାଠାରୁ ବଡ଼ ବଡ଼ ବିପଦ ଓ ଆଶଙ୍କା ମାଆ ହୃଦୟକୁ ନିଶ୍ଚିନ୍ତ ହୋଇ ରହିବାକୁ ଦେଲା ନାହିଁ। ବିଦ୍ୟାରମ୍ଭ ଆରମ୍ଭ ହେଲା ଗ୍ରାମ ବିଦ୍ୟାଳୟରେ। ବିଦ୍ୟାଳୟକୁ ଯିବାର ଯେତିକି ସମୟ ଘରୁ ଅନୁପସ୍ଥିତ ରହିବାକୁ ହୋଇଥିଲା ସେତକ ସମୟ ମାର ଦେହ ଘର କାମ କରୁଥିଲେ ମଧ୍ୟ ମନରେ ପୁତ୍ରର ସୁରକ୍ଷା ଦାୟିତ୍ୱ ତାଙ୍କୁ ଖୁବ୍ ଆନ୍ଦୋଳିତ କରେ। ମାତାଙ୍କ କଷ୍ଟ ସେଦିନ ସୀମା ଟପିଥିଲା। ସବୁଠାରୁ କୋମଳ ହୃଦୟକୁ ପଥର କରିବାକୁ ପଡ଼ିଥିଲା ଯେଉଁଦିନ ପୁଅ ଘୋଷଣା କଲା, ମୁଁ ତୁମ ପୁଅ ନୁହେଁ, ମୋ ଭକ୍ତମାନେ ମୋତେ ଡାକିଲେଣି, ମୁଁ ଆଉ ତୁମ ଘରେ ରହିପାରିବି ନାହିଁ। ମୁଁ ସମସ୍ତଙ୍କ ବାବା, ତୁମର ମଧ୍ୟ। ଆଜିଠାରୁ ତୁମେ ମଧ୍ୟ ମୋର ଝିଅ ଓ ବାପା ମୋର ପୁଅ। ବଜ୍ର ଛିଡ଼ି ପଡ଼ିଲା ମାତାଙ୍କ ମଥାରେ। ଚର୍ତୁଦିଗ ଅନ୍ଧାର ଦିଶିଲା। କେହି ଯଦି ଚେଷ୍ଟାକରି ପୁଅକୁ ଘରକୁ ଫେରାଇ ଆଣିପାରନ୍ତା। ସମସ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା, କେବଳ ମାତାଙ୍କ ଦୁଗ୍ଧାନ୍ନ ଥାଳି ଓ ଅନ୍ତରର ଅଳି ମୁହୂର୍ତ୍ତକ ପାଇଁ ପୁତ୍ରକୁ ଅଟକାଇ ପାରିଥିଲା।

ମାଆ ଭାବୁଥାନ୍ତି 'ଆମେ ତ ଜନ୍ମ ଦେଇନାହୁଁ, ସେ ଇଛାକରି ଜନ୍ମ ହୋଇଛି। ଏ ପର୍ଯ୍ୟନ୍ତ ତା ଇଛାରେ ଥିଲା। ଏଠାରେ ରହିବ କିଏ ଯାହା କରିବ ତା ଇଛାରେ କରିବ। ଆମେ କେବଳ ଯଦି ତାକୁ ଦେଖିପାରୁଥିବୁ, ସେତିକି ଯଥେଷ୍ଟ।' ବହୁକଷ୍ଟରେ ଶପଥ କରାଇ ନେଇଥିଲେ ଗୃହତ୍ୟାଗ କର ପଛେ, ଜନ୍ମସ୍ଥାନ ତ୍ୟାଗ କରନା। ଅବତାରଙ୍କ ମାଆ ହେବା ସୌଭାଗ୍ୟର କଥା। କେତେ ଜନ୍ମର କେତେ ନିଷ୍ଠାପର ତପସ୍ୟାର ଫଳ। ସେହି ତପସ୍ୟାର କଷ୍ଟ ସହିଥିବା ଯୋଗୁଁ ପୁତ୍ରର ନିନ୍ଦା, ପ୍ରଶଂସାରେ ଅପ୍ରଭାବିତ ରହିବାର ତପସ୍ୟା ପୁନଶ୍ଚ କରିବାକୁ ପଡ଼ିଥାଏ। ମାତାଙ୍କ ଚରଣ ତଳେ ପ୍ରଣତି ଢ଼ାଳିବା ସଙ୍ଗେ ସଙ୍ଗେ ସେ ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି, ଦିବ୍ୟ ମର୍ତ୍ତିକୁ ବାରମ୍ବାର ପ୍ରଣାମ କେବଳ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ମୋବାଇଲ୍:୯୪୩୭୨୫୭୧୨୩**

# ଆତଙ୍କୀ ନୀତି ବଦଳାଉଛି ସେନା

## ପାକିସ୍ତାନ ଆଉ ଆଗଭଳି ନାହିଁ: ସେନାମୁଖ୍ୟ



ନୂଆଦିଲ୍ଲୀ, ୯।୫: ଆତଙ୍କବାଦୀଙ୍କୁ କେବଳ ଅସ୍ତ୍ରଶସ୍ତ୍ରରେ ନିପାତ କରାଯାଇପାରିବ ନାହିଁ, ଅଧିକନ୍ତୁ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରକୁ କୂଟନୈତିକ ସ୍ତରରେ ଘେରିଲେ ଆତଙ୍କବାଦ ଆପେଆପେ ବନ୍ଦ ହୋଇଯିବ ବୋଲି ଭାରତ ହୃଦବୋଧ କରିଛି। ଆଉ ଏପ୍ରକାର ହୃଦବୋଧ ଅପରେସନ ସିନ୍ଦୂର ପରବର୍ତ୍ତୀ ସମୟରେ ଭାରତ ଶିକ୍ଷା କରିଥିଲା ବୋଲି ସାମରିକ ବିଷାରଦମାନେ କହିଛନ୍ତି।

ଅପରେସନ୍ ସିନ୍ଦୁରରେ ପରାସ୍ତ ହେବା ସତ୍ତ୍ୱେ ପାକିସ୍ତାନର ସାମରିକ-ଜିହାଦୀ ସଂଗଠନଗୁଡ଼ିକ ହ୍ରାସ ପାଇବା ପରିବର୍ତ୍ତେ, ପୂର୍ବାପେକ୍ଷା ଅଧିକ ସକ୍ରିୟ ହୋଇଛନ୍ତି। ଏହାକୁ ବିଶ୍ଳେଷଣ କରିବା ପରେ ଭାରତ ତା'ର ଆତଙ୍କବାଦ ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଅପରେସନ ସିନ୍ଦୂର ପରବର୍ତ୍ତୀ ବର୍ଷକ ମଧ୍ୟରେ ଯେଉଁସବୁ ଆତଙ୍କବାଦୀ ହମଲା ହୋଇଛି, ସେସବୁରେ ଭାରତ ଯଥେଷ୍ଟ ସଂଯମତା ରକ୍ଷା କରିଛି। କାରଣ ଭାରତ ବୁଝି ସାରିଛି ଯେ, ସବୁକ୍ଷେତ୍ରରେ 'ଅପରେସନ ସିନ୍ଦୂର'ର ପ୍ରୟୋଗ ଆଦୌ ଲାଭଦାୟକ ହେବନାହିଁ।

ଭାରତର ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ 'ଫାର୍ଷ୍ଟପୋଷ୍ଟ'କୁ ଏକ ନ୍ୟୁଜ ବ୍ରିଫିଂ ଦେଇ କହିଥିଲେ ଯେ, 'ଅପରେସନ ସିନ୍ଦୂର' ପରେ ପାକିସ୍ତାନରେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଥିଲା। ମାତ୍ର ପାକିସ୍ତାନ ପକ୍ଷରୁ ଆଶାନୁରୂପ ପରିବର୍ତ୍ତନ ଲକ୍ଷ୍ୟ କରାଯାଇନାହିଁ। ଏହା ପରିବର୍ତ୍ତେ ଆତଙ୍କବାଦୀ ସଂଗଠନର ସଂଖ୍ୟା ବୃଦ୍ଧି ପାଇଛି।

ସେ ଆହୁରି କହିଛନ୍ତି ଯେ, ପାକିସ୍ତାନ ଆଉ ପୂର୍ବପରି ନାହିଁ। ଏହା ମଧ୍ୟପ୍ରାଚ୍ୟ ଯୁଦ୍ଧରେ ମଧ୍ୟସ୍ଥତା କରି ଆମେରିକାର ଘନିଷ୍ଠ ହୋଇପାରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନକୁ ସ୍ୱତନ୍ତ୍ର ମାନ୍ୟତା ଦେଉଛନ୍ତି। ପୁଣି ଏହା ପଶ୍ଚିମ ଏସୀୟ ମହାଶକ୍ତିମାନଙ୍କ ସହିତ ପ୍ରତିରକ୍ଷା ରାଜିନାମାରେ ମିଳିତ ହୋଇଛି। ତୁର୍କୀ ସହିତ ପାକିସ୍ତାନର ସମ୍ପର୍କକୁ ଅଧିକ ଗଭୀର ହୋଇଛି। ଏହାର ଅର୍ଥ ପାକିସ୍ତାନ ଅପରେସନ୍ ସିନ୍ଦୂର ପରବର୍ତ୍ତୀ ବର୍ଷକମଧ୍ୟରେ କୂଟନୈତିକସ୍ତରରେ ନିଜକୁ ସମୃଦ୍ଧ କରିଛି। ଏସବୁକୁ ନଜରରେ ରଖି ଭାରତୀୟ ସେନାର ଆତଙ୍କୀ ଦମନ ନୀତିରେ ସମୁଚିତ ପରିବର୍ତ୍ତନ କରାଯାଇଥିବା ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି।

ଆତଙ୍କବାଦ ବିଶ୍ଳେଷକ ଅଭିନବ ପାଣ୍ଡ୍ୟା କହିଛନ୍ତି ଯେ, ଭାରତର ଅପରେସନ୍ ସିନ୍ଦୁର ଏହାର ଉଦ୍ଦେଶ୍ୟ ସାଧିତ କରିଛି। କିନ୍ତୁ ତା' ପରବର୍ତ୍ତୀ ସମୟରେ ବିଶ୍ୱ ଏତେ ଶୀଘ୍ର ଆଗକୁ ବଢ଼ିଯାଇଛି ଯେ, ଭାରତକୁ ସମ୍ପୂର୍ଣ୍ଣ ନୂଆ ଭାବରେ ଏକ ଜାତୀୟ ନିରାପତ୍ତା ବ୍ୟବସ୍ଥା ସୃଷ୍ଟିକରିବାର ଆବଶ୍ୟକତା ହୋଇଛି।

ପାଣ୍ଡ୍ୟା କହିଛନ୍ତି ଯେ, ପ୍ରତ୍ୟେକ ଆକ୍ରମଣ ପାଇଁ ତୁମେ ଯୁଦ୍ଧ ଭଳି ଜବାବ ଦେଇପାରିବ ନାହିଁ। ସବୁଠି ଏହା କାମ ଦେବନାହିଁ। ଏଥିପାଇଁ ନୂଆ ରଣନୀତି ଯାହା ଯୁଦ୍ଧକ୍ଷେତ୍ରରେ ନୁହେଁ, ଯୁଦ୍ଧକ୍ଷେତ୍ର ବାହାରେ ପ୍ରସ୍ତୁତ କରିବାକୁ ପଡ଼ିବ।

# ଆପ୍ ମନ୍ତ୍ରୀଙ୍କ ଘରେ ଇଡି ଚଢ଼ାଉ





ମୁମ୍ବାଇ, ୯।୫: ମନି ଲଣ୍ଡରିଂ ତଦନ୍ତର ଅଂଶ ସ୍ୱରୂପ ଇଡି ପଞ୍ଜାବ ଏବଂ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଆପ୍ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କ ସମେତ ଅନେକ ବ୍ୟକ୍ତିଙ୍କ ଘର ଉପରେ ଚଢାଉ କରିଛି। ଇଡିର ଏକ ଦଳ ବର୍ତ୍ତମାନ ଚଣ୍ଡିଗଡ଼ର ସେକ୍ଟର ୨ ସ୍ଥିତ ସଞ୍ଜୀବ ଆରୋରାଙ୍କ ସରକାରୀ ବାସଭବନରେ ଯାଞ୍ଚ କରୁଛି। ଏହି କାର୍ଯ୍ୟ କରିବା ପାଇଁ ଇଡିର ଏକ ବଡ଼ ଦଳ ସେହି ସ୍ଥାନରେ ପହଞ୍ଚିଛି।

ଇଡି ଅଧିକାରୀମାନେ କହିଛନ୍ତି ଯେ ଚଣ୍ଡିଗଡ଼ରେ ଆରୋରାଙ୍କ ସରକାରୀ ବାସଭବନ ଏବଂ ହରିୟାଣାର ଗୁରୁଗ୍ରାମରେ ଏକ ରିଅଲ ଇଷ୍ଟେଟ୍ କମ୍ପାନୀ ସମେତ ପାଞ୍ଚଟି ସ୍ଥାନରେ ଚଢାଉ କରାଯାଇଥିଲା। ଏହି କାର୍ଯ୍ୟ ମନି ଲଣ୍ଡରିଂ ନିବାରଣ ଆଇନର ଅପରାଧିକ ଧାରା ଅନୁଯାୟୀ ଆରମ୍ଭ କରାଯାଇଥିଲା। ଏପ୍ରିଲରେ ଇଡି ପୂର୍ବରୁ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆଇନର ସିଭିଲ୍ ବ୍ୟବସ୍ଥା ଅନୁଯାୟୀ ଆରୋରାଙ୍କ ଘର ଏବଂ ତାଙ୍କ ସହ ଜଡିତ ସଂସ୍ଥାଗୁଡ଼ିକରେ ଚଢାଉ କରିଥିଲା। ସେହି ସମୟରେ ଆରୋରା କହିଥିଲେ ଯେ ସେ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ତାଙ୍କର ପୂର୍ଣ୍ଣ ସହଯୋଗ କରିବେ ଏବଂ ସତ୍ୟର ଜୟ ହେବ ବୋଲି ତାଙ୍କର ବିଶ୍ୱାସ ପ୍ରକାଶ କରିଥିଲେ।

୨୦୨୪ ମସିହାରେ ଇଡି ଲୁଧିଆନା ପଶ୍ଚିମର ବିଧାୟକ ଭାବରେ କାର୍ଯ୍ୟ କରୁଥିବା ଆରୋରାଙ୍କ ପରିସରରେ ମଧ୍ୟ ଚଢାଉ କରିଥିଲା। ଏହି ମାମଲା ଶିଳ୍ପ ଜମିର ଅପବ୍ୟବହାର ଏବଂ ଟଙ୍କା ଲଣ୍ଡରିଂ ସହିତ ଜଡିତ ଥିଲା। ସେହି ସମୟରେ ଆରୋରା ରାଜ୍ୟସଭାରେ ସାଂସଦ (ଏମପି) ଥିଲେ।

# ଶାନ୍ତି ଚାହୁଁନି ଆମେରିକା: ଆରାଘଚି



ତେହେରାନ, ୯।୫: ଶାନ୍ତି ପାଇଁ ଆମେରିକା ଇଚ୍ଛୁକ ନୁହେଁ। ଯେତେବେଳେ ବି କୌଣସି କୂଟନୈତିକ ସମାଧାନର ରାସ୍ତା ସାମ୍ନାକୁ ଆସେ ସେତେବେଳେ ଏହା ବେପରୁଆ ସାମରିକ କାର୍ଯ୍ୟାନୁଷ୍ଠାନ ବାଛିଥାଏ ବୋଲି ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଅଭିଯୋଗ କରିଛନ୍ତି। ତେବେ ଇରାନ ଆମେରିକାର କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ଆରାଘଚି ତାଙ୍କର ସୋସିଆଲ ମିଡ଼ିଆ ପୋଷ୍ଟରେ ସ୍ପଷ୍ଟ କରିଦେଇଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଆକ୍ରମଣ କରିବାକୁ ନେଇ ଉଭୟ ଦେଶ ଉଭୟଙ୍କ ଉପରେ ଦୋଷ ଲଦିବା ତଥା ଇରାନର ଜାହାଜଗୁଡ଼ିକୁ ଆମେରିକା ଆକ୍ରମଣ କରିବାର ଦିନକ ପରେ ଆରାଘଚି ଏହା କହିଛନ୍ତି। ଇରାନଉପରେଚାପପକାଇବାପାଇଁଏହାକୌଣସିଏକଶସ୍ତାରଣନୀତିନାକେହିଜଣେ ନଷ୍ଟ ମାନସିକତାର ବ୍ୟକ୍ତି ପୁଣିଥରେ ଏକ ବିଶାଳ ଦେଶର ଜଣେ ବୁଦ୍ଧୁ ରାଷ୍ଟ୍ରମୁଖ୍ୟଙ୍କୁ ସନ୍ତସନ୍ତିଆ କାଦୁଆ ପରିବେଶକୁ ଠେଲିଦେବାର ପ୍ରୟାସ ବୋଲି ଆରାଘଚି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନାମ ନନେଇ ଟ୍ରମ୍ପଙ୍କୁ କଟାକ୍ଷ କରିଛନ୍ତି । ସୂଚନାଯୋଗ୍ୟ ଯେ, ଉଭୟ ଦେଶର ଆକ୍ରମଣ ସତ୍ତ୍ୱେ ଯୁଦ୍ଧବିରତି ଅକ୍ଷୁର୍ଣ୍ଣ ରହିଛି ବୋଲି ଦିନକ ଆଗରୁ ଟ୍ରମ୍ପ କହି ସାରିଛନ୍ତି। ଏହାର ଅର୍ଥ ଫେବ୍ରୁଆରୀରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧକୁ ଶେଷ କରିବା ନେଇ ତଥାପି ସମ୍ଭାବନା ରହିଛି। ଇରାନ ଆମେରିକାର ପ୍ରସ୍ତାବ ଉପରେ ଉତ୍ତର ରଖିବ ବୋଲି ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଆଶା ପ୍ରକାଶ କରିଛନ୍ତି ।

# କାରିବୀୟ କ୍ରୁଜରେ ନୋରୋଭାଇରସ୍ ୧୧୫ ସଂକ୍ରମିତ

ନୂଆଦିଲ୍ଲୀ, ୯।୫: ହାଣ୍ଟା ଭାଇରସକୁ ନେଇ ଆତଙ୍କ ଥମି ନଥିବା ବେଳେ କାରିବିୟାନ୍ ପ୍ରିନ୍ସେସ୍ କ୍ରୁଜ୍ ଜାହାଜରେ 'ନୋରୋଭାଇରସ୍' ନାମକ ଏକ ଭୂତାଣୁ ସଂକ୍ରମଣ ଖବର ମିଳିଛି। କାରିବିୟାନ୍ ପ୍ରିନ୍ସେସ କ୍ରୁଜ୍ ଜାହାଜଟି ଅରୁବା, ବୋନେର, ପୁଏର୍ତ୍ତୋ ରିକୋ ଏବଂ ବାହାମାସ ଭଳି ପର୍ଯ୍ୟଟନ ସ୍ଥଳୀ ଯାତ୍ରା କରିଥିଲା। ତେବେ ଯାତ୍ରା ଶେଷ ହେବା ପୂର୍ବରୁ ଜାହାଜରେ ଥିବା ୧୦୨ ଜଣ ଯାତ୍ରୀ ଏବଂ ୧୩ ଜଣ କ୍ରୁ ସଦସ୍ୟ (ମୋଟ ୧୧୫ ଜଣ) ନୋରୋଭାଇରସରେ ସଂକ୍ରମିତ ହୋଇଥିବା ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନସନ୍ ସୂଚନା ଦେଇଛି। ଜାହାଜକୁ ସମ୍ପୂର୍ଣ୍ଣ ରୂପେ ସାନିଟାଇଜ୍ କରାଯାଇଛି।




ସଂକ୍ରମିତଙ୍କୁ ଆଇସୋଲେସନରେ ରଖାଯିବା ସହ ଯାତ୍ରୀମାନଙ୍କୁ ବାରମ୍ବାର ହାତ ଧୋଇବା ଏବଂ ସାନିଟାଇଜର ବ୍ୟବହାର କରିବାକୁ କୁହାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନୋରୋଭାଇରସ୍ ମୁଖ୍ୟତଃ ପେଟ ଏବଂ ଅନ୍ତନଳୀକୁ ଆକ୍ରମଣ କରିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ, ଦୂଷିତ ଖାଦ୍ୟ କିମ୍ବା ପାଣି ପିଇଲେ ଏବଂ ଭାଇରସ୍ ଥିବା ପଦାର୍ଥକୁ ଛୁଇଁଲେ ଏହା ବ୍ୟାପିଥାଏ।

ଏହା ପ୍ରଭାବରେ ପତଳା ଝାଡ଼ା ହେବା, ପେଟରେ ଯନ୍ତ୍ରଣା ହୋଇ ମୁଣ୍ଡ ବୁଲାଇବା ଆଦି ଲକ୍ଷଣ ଦେଖା ଦେଇଥାଏ। ସାମାନ୍ୟ ଜ୍ୱର ସହ ଦେହ ହାତ ବିନ୍ଧା ହୋଇଥାଏ।

# ୟୁଏଫ୍ଓ ଫାଇଲ ସାର୍ବଜନୀନ କଲା ପେଣ୍ଟାଗନ୍

ୱାଶିଂଟନ, ୯।୫: ପେଣ୍ଟାଗନ୍ ୟୁଏଫ୍ଓ (ଅଜ୍ଞାତ ଉଡ଼ନ୍ତା ବସ୍ତୁ) ସହ ଜଡିତ ଫାଇଲଗୁଡ଼ିକୁ ସାର୍ବଜନୀନ କରିଛି। ୟୁଏଫ୍ଓ ଫାଇଲ୍‌ର ରେକର୍ଡଗୁଡ଼ିକ ଏକ ସରକାରୀ ପୋର୍ଟାଲରେ ପ୍ରକାଶିତ ହୋଇଛି। ଏହି ପ୍ରକାଶନ ପର୍ଯ୍ୟାୟକ୍ରମେ କରାଯିବ ଓ ସମୀକ୍ଷା ପରେ ଅଧିକ ଡକ୍ୟୁମେଣ୍ଟ ଅପଲୋଡ଼ ହେବ ବୋଲି ପେଣ୍ଟାଗନ ସୂଚନା ଦେଇଛି। ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଚଳିତ ବର୍ଷ ଆରମ୍ଭରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଅନୁସରଣ କରି ଏହି ପଦକ୍ଷେପ ନିଆଯାଇଛି। ଯେଉଁଥିରେ ୟୁଏଫ୍ଓ ଏବଂ ବାହ୍ୟ ଜଗତର ବିଷୟ ସହ ଜଡିତ ସରକାରୀ ରେକର୍ଡଗୁଡ଼ିକୁ ଚିହ୍ନଟ ଓ ପ୍ରକାଶ କରିବାକୁ କୁହାଯାଇଥିଲା। ଆଇନ ପ୍ରଣେତାମାନେ ଏଥିରେ ଅଧିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ଆନ୍ନା ପାଉଲିନା ଲୁନାଙ୍କ ନେତୃତ୍ୱରେ ଏକ ଟାସ୍କ ଫୋର୍ସ ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କଠାରୁ ୟୁଏପି ଏନକାଉଣ୍ଟରର ୪୬ଟି ଭିଡିଓ ସମେତ ଅତିରିକ୍ତ ସାମଗ୍ରୀ ପାଇଁ ଅନୁରୋଧ କରିଛି।

# ହର୍ମୁଜରୁ ଟୋଲ୍ ଅସୁଲ କରିବ ଇରାନ

## ଭାରତ ଓ ଚୀନ୍ ଦେଉଛନ୍ତି ଶୁଳ୍କ



ତେହେରାନ, ୯।୫: ଏକ ସିପିଂଜର୍ଣ୍ଣାଲ ଅନୁସାରେ ହର୍ମୁଜ ପ୍ରଣାଳୀରେ ଜାହାଜଙ୍କୁ ଯାତାୟାତ ଅନୁମତି ଦେବା ପାଇଁ ଓ ସେମାନଙ୍କଠାରୁ ଟୋଲ ଅସୁଲ ନିମନ୍ତେ ଇରାନ ଏକ ପ୍ରାଧିକରଣ ଗଠନ କରିଛି। ସିପିଂ ଓ ସାମୁଦ୍ରିକ ବାଣିଜ୍ୟ ସମ୍ପର୍କିତ ଖବର ଓ ସୂଚନା ପ୍ରଦାନ କରୁଥିବା ଉଦ୍ୟୋଗ ପତ୍ରିକା 'ଲୟଡସ ଲିଷ୍ଟ' କହିଛି ଯେ ପାରସ୍ୟ ଉପସାଗର ପ୍ରଣାଳୀ ମଧ୍ୟ ପ୍ରାଧିକରଣ ଏକ ନୂଆ ଢାଞ୍ଚା ପେସ୍ କରିଛି। ଏଥିରେ ଜାହାଜଙ୍କୁ ଟ୍ରାଞ୍ଜିଟ ଅଥରାଇଜେସନ ପ୍ରାପ୍ତ କରିବା ଓ ଯିବା ପୂର୍ବରୁ ଟୋଲ ପୈଠ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରାଧିକରଣ ଦ୍ୱାରା ପଠା ଯାଉଥିବା ଫର୍ମର ଉଦାହରଣ ଦେଇ ଏଥିରେ କୁହାଯାଇଛି ଯେ ଜାହାଜର ମାଲିକାନା, ବୀମା, ଚାଳକ ଦଳଙ୍କ ବିବରଣୀ ଓ ଯେଉଁ ମାର୍ଗରେ ଯିବେ ତାର ବିସ୍ତୃତ ରେକର୍ଡ ପ୍ରସ୍ତୁତ କରିବା ଆବଶ୍ୟକ। ଏହି ଫର୍ମ ଇ-ମେଲ ଦ୍ୱାରା ଆଦାନ ପ୍ରଦାନ ହେବ। ଏହା ଏପରି ସମୟରେ ହେବାକୁ ଯାଉଛି ଯେତେବେଳେ ଇରାନ ହର୍ମୁଜ ଷ୍ଟ୍ରେଟ୍ ରେ ଏକ ନୂଆ ବ୍ୟବସ୍ଥା ସ୍ଥାପନ କରିବାକୁ ଚାହୁଁଥିବା ଓ ଏଥିରେ ଶୁଳ୍କ ଆଦାୟ କରିବା ସହ ଏଥିରୁ ପ୍ରାପ୍ତ ରାଜସ୍ୱକୁ ଓମାନ ସହ ବାଣ୍ଟିବ ବୋଲି କହିଛି।

ଯଦି ଇରାନ ହର୍ମୁଜରେ ଟାରିଫ ଲାଗୁ କରେ ତେବେ ବାର୍ଷିକ ୪୦ରୁ ୫୦ ବିଲିୟନ ଆମେରିକୀୟ ଡଲାର ଆୟ କରିବ। ଏହା ଦ୍ୱାରା ଇରାନ ଉପରେ ଜାରି ଆମେରିକୀୟ କଟକଣାକୁ ହ୍ରାସ କରାଯାଇ ପାରିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ତାହା ହେଉଛି ଏହି ଶୁଳ୍କ ଚୀନ୍ ମୁଦ୍ରା ୟୁଆନରେ ଅସୁଲ କରାଯିବ। ଏହା ଦ୍ୱାରା ଇରାନ ଓ ଚୀନ୍ ମଧ୍ୟରେ ଆର୍ଥିକ ସମ୍ପର୍କ ମଜଭୁତ ହେବା ସହ ଆଞ୍ଚଳିକ ତଥା ବୈଶ୍ୱିକ ଶକ୍ତି ସନ୍ତୁଳନରେ ପରିବର୍ତ୍ତନ ଆସି ପାରିବ।

ରିପୋର୍ଟ ଅନୁସାରେ ଚୀନ୍, ଭାରତ ଓ ଜାପାନରୁ ଯାଉଥିବା ଜାହାଜ ପୂର୍ବରୁ ଏହି ପ୍ରକ୍ରିୟାରେ ପୈଠ କରିଆସୁଛନ୍ତି। ଏବେ ଇରାନ ସଂସଦ ଏହି ପ୍ରକ୍ରିୟାକୁ ଔପଚାରିକ କରିବାକୁ କାମ କରୁଛି। ଇରାନ ଏବେ କ୍ରିପ୍ଟୋ କରେନ୍ସିରେ ମଧ୍ୟ ପୈଠ ସ୍ୱୀକାର କରିବା ଆରମ୍ଭ କରିଛି। ଯଦି ଇରାନ ଏହି ଶୁଳ୍କ ଆଦାୟ ଜାରି ରଖେ ତେବେ ଆଞ୍ଚଳିକ ପ୍ରଭାବ ଆମେରିକାରୁ ହଟି ଚୀନ୍ ଓ ଏସିଆ ଆଡକୁ ସ୍ଥାନାନ୍ତରିତ ହୋଇପାରେ। ଏହା ଦ୍ୱାରା ବୈଶ୍ୱିକ ତୈଳ କାରବାରରେ ଆମେରିକୀୟ ଡଲାର (ପେଟ୍ରୋ ଡଲାର)ର ଐତିହାସିକ ଶ୍ରେଷ୍ଠତା ଦୁର୍ବଳ ହୋଇପାରେ।

# ଏନଏସ ସୁବ୍ରମଣି ଦେଶର ନୂଆ ପ୍ରତିରକ୍ଷା ମୁଖ୍ୟ



ନୂଆଦିଲ୍ଲୀ, ୯।୫: ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ପରବର୍ତ୍ତୀ ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଭାବରେ ନିଯୁକ୍ତ କରିଛନ୍ତି। ଜେନେରାଲ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ମେ ୩୦ ୨୦୨୬ରେ ଶେଷ ହେବା ପରେ ସେ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି ଙ୍କୁ ଦେଶର ପରବର୍ତ୍ତୀ ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଭାବରେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନର ପ୍ରତିରକ୍ଷା ମଞ୍ଚ ଜେନେରାଲ ଅନିଲ ଚୌହାନଙ୍କ ସ୍ଥାନ ନେବେ। ତାଙ୍କର କାର୍ଯ୍ୟକାଳ ୨୦୨୬ ମେ' ୩୦ ତାରିଖରେ ଶେଷ ହେଉଛି। ଦାୟିତ୍ୱ ଗ୍ରହଣ କରିବା ପରେ, ଲେଫ୍ଟନାଣ୍ଟ ଜେନେରାଲ ସୁବ୍ରମଣି ସାମରିକ ବ୍ୟାପାର ବିଭାଗର ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିବେ। ଲେଫ୍ଟନାଣ୍ଟ ଜେନେରାଲ ରାଜା ସୁବ୍ରମଣିଙ୍କର ଏକ ପ୍ରଭାବୀ ସାମରିକ କ୍ୟାରିଅର ରହିଛି। ସେ ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନଏସସିଏସ) ରେ ସାମରିକ ପରାମର୍ଶଦାତା ଭାବରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସେନା ମୁଖ୍ୟ ଏବଂ କେନ୍ଦ୍ରୀୟ କମାଣ୍ଡର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ଥିଏଟର କମାଣ୍ଡ ଏବଂ ସଶସ୍ତ୍ର ବାହିନୀର ଏକୀକରଣ ପ୍ରକ୍ରିୟାକୁ ଆଗକୁ ବଢାଇବା ପାଇଁ ତାଙ୍କର ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

ଲେଫ୍ଟନାଣ୍ଟ ଜେନେରାଲ ରାଜା ସୁବ୍ରମଣି ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ), ଯୁଗ୍ମ ସେବା କମାଣ୍ଡ ଏବଂ ଷ୍ଟାଫ କଲେଜ ଏବଂ ଜାତୀୟ ପ୍ରତିରକ୍ଷା କଲେଜ (ନୂଆଦିଲ୍ଲୀ)ର ପୂର୍ବତନ ଛାତ୍ର। ସେ ଲଣ୍ଡନର କିଙ୍ଗସ୍ କଲେଜରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି।

# ଆଗ୍ନେୟଗିରି ଉଦ୍‌ଗିରଣ, ୩ ମୃତ



ଜାକର୍ତ୍ତା, ୯।୫: ଇଣ୍ଡୋନେସିଆର ନର୍ଥ ହଲମହେରା ଦ୍ୱୀପ ସ୍ଥିତ ମାଉଣ୍ଟ ଦୁକୋନୋରେ ଶୁକ୍ରବାର ଆଗ୍ନେୟଗିରି ଉଦ୍ଗିରଣ ହୋଇଥିବା ବେଳେ ୨ ବିଦେଶୀ ନାଗରିକଙ୍କ ସମେତ ୩ ଟ୍ରେକର୍ସଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୧୫ ଜଣଙ୍କୁ ପାହାଡ଼ରୁ ତଳକୁ ଓହ୍ଲାଇଦିଆଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି। ସମସ୍ତ ଟ୍ରେକର୍ କଟକଣା ଜାରି ଥିବା ସ୍ଥାନରେ ଉପସ୍ଥିତ ଥିଲେ। ପ୍ରାୟ ୨୦ ଜଣ ପାହାଡ଼ ଚଢୁଥିବା ସମୟରେ ପର୍ବତ ଶିଖରେ ଥିବା ଆଗ୍ନେୟଗିରି ମୁଖରେ ଭୟଙ୍କର ବିସ୍ଫୋରଣ ହୋଇଥିଲା।

ଉଦଗୀରଣ ଯୋଗୁ ଉତ୍ପନ୍ନ ନିଆଁ ଓ ପାଉଶଁ ପ୍ରାୟ ୧୦ କିମି ଉଚ୍ଚକୁ ଉଠି ଯାଇଥିଲା। ନିଆଁ ଓ ଲାଭା ଚାରିଆଡ଼କୁ ମାଡ଼ି ଯାଇଥିଲା। ଫଳରେ ମୃତ ପର୍ଯ୍ୟଟକମାନେ ନିଜକୁ ବଞ୍ଚାଇବା ଲାଗି ସୁଯୋଗ ପାଇ ନଥିଲେ। ଆଗ୍ନେୟ ଉଦ୍‌ଗୀରଣ ପରେ ଆଖପାଖରେ ନିଆଁ ପାଉଶଁ ଖସିବାର ଆଶଙ୍କା ଥିବାରୁ ଲୋକଙ୍କୁ ସେହି ସ୍ଥାନ ସମୀପକୁ ନ ଯିବା ଲାଗି ସରକାରଙ୍କ ପକ୍ଷରୁ ଚେତାବନୀ ଜାରି କରାଯାଇଛି। ଗତ ବର୍ଷ ଡିସେମ୍ବରରୁ ମାଉଣ୍ଟ ଦୁକୋନୋରେ ଦ୍ୱିତୀୟ ସ୍ତରର ଆଲର୍ଟ ଜାରି ରହିଥିଲା। ସେଠାରେ ଚେତାବନୀ ବୋର୍ଡ ମଧ୍ୟ ଲଗାଯାଇଥିଲା। ଏହାସତ୍ତ୍ୱେ କିଛି ପର୍ଯ୍ୟଟକ ସେଠାକୁ ଯାଇଥିଲେ। ପ୍ରତିକୂଳ ପରିସ୍ଥିତି ଯୋଗୁ ମୃତକଙ୍କ ମୃତଦେହ ଉଦ୍ଧାର କରାଯାଇପାରି ନାହିଁ।

# ମୁଖ୍ୟମନ୍ତ୍ରୀ ଦୌଡ଼, ବେଣୁଗୋପାଳ ଆଗରେ



ତିରୁଅନନ୍ତପୁରମ, ୯।୫: କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ସରକାର ଗଠନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ଅଡୁଆ ଛିଣ୍ଡୁ ନଥିବା ବେଳେ ବରିଷ୍ଠ କଂଗ୍ରେସ ନେତା କେ.ସି ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ପଦ ଦୌଡରେ ସବୁଠାରୁ ଆଗରେ ଅଛନ୍ତି। ।

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅଜୟ ମାକେନ ଓ ମୁକୁଲ ୱାସନିକ କଂଗ୍ରେସ ବିଧାୟକ ଓ ସହଯୋଗୀ ଦଳଙ୍କ ସହ ପରାମର୍ଶ କରି ରିପୋର୍ଟ ଦଳର ହାଇକମାଣ୍ଡ ମଲିକାର୍ଜୁନ ଖଡ଼ଗେଙ୍କୁ ପ୍ରଦାନ କରିବେ। ସେହି ଆଧାରରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯିବ। ତେବେ ମୁଖ୍ୟମନ୍ତ୍ରୀ ପଦ ଦୌଡରେ ବେଣୁଗୋପାଳଙ୍କ ବ୍ୟତୀତ ବିରୋଧୀ ଦଳ ନେତା ଭି.ଡି ସଥିସାନ ଓ ବରିଷ୍ଠ ନେତା ରମେଶ ଚେନ୍ନିଥଲାଙ୍କ ନାମ ରହିଛି।

ସୂଚନାଯୋଗ୍ୟ ଯେ, ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ନିର୍ବାଚନରେ ୟୁଡିଏଫ୍ ୧୦୦ ଆସନ ହାସଲ କରିଛି। କଂଗ୍ରେସକୁ ୬୩, ଆଇୟୁଏମ୍ଏଲ୍‌କୁ ୨୨, କେରଳ କଂଗ୍ରେସ ୭, ଆରଏସ୍ପି ୩ ଏବଂ ଅନ୍ୟାନ୍ୟ ଦଳକୁ ୫ଟି ଆସନ ମିଳିଛି। ଅନ୍ୟପକ୍ଷରେ ବାମମେଣ୍ଟ ଏଲଡିଏଫକୁ ୩୫ ଆସନ ମିଳିଥିଲା ବେଳେ ବିଜେପିକୁ ୩ ଓ ସ୍ୱାଧୀନ ପ୍ରାର୍ଥୀ ୨ଟି ଆସନ ହାସଲ କରିଛନ୍ତି। ୨୦୨୬ ବିଧାନସଭା ନିର୍ବାଚନ ପରେ କେରଳରେ ଆଧିପତ୍ୟ ଜାହିର କରିଥିବା ବାମ ଦଳର ଅନ୍ତଃ ଘଟିଥିବା କୁହାଯାଉଛି। ଆସନ୍ତା ସପ୍ତାହରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ ବୋଲି କୁହାଯାଉଥିବା ବେଳେ ଉତ୍ସବରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅଭିନେତାରୁ ରାଜନେତା ହୋଇଥିବା ବିଜୟ ମଧ୍ୟ ସାମିଲ ହେବାର ସମ୍ଭାବନା ଅଛି।

# ସତ ମାନିଲା ବେଜିଂ

ବେଜିଂ, ୯।୫: ଅପରେଶନ ସିନ୍ଦୂର ଆକ୍ରମଣ ସମୟରେ ଚୀନ ପାକିସ୍ତାନକୁ ବୈଷୟିକ ସହାୟତା ପ୍ରଦାନ କରିଥିବା ସ୍ୱୀକାର କରିଛି। ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଚାଇନା ବିମାନ ଶିଳ୍ପ ନିଗମର ଇଞ୍ଜିନିୟରମାନେ କହିଥିଲେ ଯେ ସେମାନେ ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନରେ ଉପସ୍ଥିତ ଥିଲେ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଥିଲେ। ଗତବର୍ଷ ଏପ୍ରିଲ ୨୨ରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଏହି ଆକ୍ରମଣରେ ୨୬ ଜଣଙ୍କର ଜୀବନ ଯାଇଥିଲା। ପ୍ରତିଶୋଧ ସ୍ୱରୂପ, ଭାରତ ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହି ଅପରେଶନ ସମୟରେ ଭାରତୀୟ ସେନା ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ସହିତ ଜଡିତ ୧୦୦ ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ବଢ଼ାଇବାରେ ଚୀନର ଭୂମିକା ବୋଲି ଦୀର୍ଘଦିନ ଧରି ଯାହା ଆକଳନ କରାଯାଉଛି ତାହା ଏଥିରୁ ସ୍ପଷ୍ଟ ହେଉଥିବା କୁହାଯାଉଛି।

# ଆଲିଙ୍ଗନ କଲେ, ଆଶୀର୍ବାଦ ନେଲେ



କୋଲକାତା, ୯।୫: ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଐତିହାସିକ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ସବୁଠାରୁ ବୟସ୍କ ତଥା ସମ୍ମାନସ୍ପଦ ବ୍ୟକ୍ତିତ୍ୱ ବୋଲି କୁହାଯାଉଥିବା ମାଖନଲାଲ ସରକାରଙ୍କୁ ଆଲିଙ୍ଗନ କରିବା ସହିତ ତାଙ୍କର ପାଦ ସ୍ପର୍ଶ କରିଛନ୍ତି।

୯୮ ବର୍ଷ ବୟସ୍କ ମାଖନଲାଲ ହେଉଛନ୍ତି ପଶ୍ଚିମବଙ୍ଗ ସିଲିଗୁଡ଼ିର ବାସିନ୍ଦା ତଥା ରାଜ୍ୟର ଜାତୀୟତାବାଦୀ ଆନ୍ଦୋଳନର ପ୍ରତିଷ୍ଠାତା। ଶନିବାର ବ୍ରିଗେଡ ପ୍ୟାରେଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଭବ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚ ଉପରେ ପହଞ୍ଚିବା ମାତ୍ରେ ମାଖନଲାଲ ସରକାରଙ୍କର ପାଦ ଛୁଇଁଥିଲେ। ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲିଙ୍ଗନ କରିଥିଲେ। ମୋଦିଙ୍କର ଏତାଦୃଶ କାର୍ଯ୍ୟ କେବଳ ମାଖନଲାଲଙ୍କର ନୁହେଁ, ଶପଥ ଗ୍ରହଣର ଭବ୍ୟ ସମାରୋହରେ ସାମିଲ ହୋଇଥିବା ନେତା ଜନତା ସମସ୍ତଙ୍କ ଆଖି ଛଳଛଳ କରିଦେଇଥିଲା।

୧୯୫୨ ମସିହାରେ ସେ କାଶ୍ମୀରରେ ତ୍ରିରଙ୍ଗା ଉତ୍ତୋଳନ ଆନ୍ଦୋଳନରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହିତ ଯୋଗ ଦେଇଥିଲେ। ଏହି ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ୧୯୮୦ ମସିହାରେ ବିଜେପି ଗଠନ ହେବା ପରେ, ତାଙ୍କୁ ପଶ୍ଚିମ ଦିନାଜପୁର, ଜଳପାଇଗୁଡ଼ି ଏବଂ ଦାର୍ଜିଲିଂ ଜିଲ୍ଲା ପାଇଁ ସଂଗଠନ ସଂଯୋଜକ ନିଯୁକ୍ତ କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଦଳରେ ପ୍ରାୟ ୧୦ ହଜାର ନୂଆ ସଦସ୍ୟଙ୍କୁ ଯୋଡିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

୧୯୮୧ ମସିହାରୁ ସେ ଲଗାତାର ସାତ ବର୍ଷ ପାଇଁ ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ କରିଥିଲେ। ଏହାକୁ ସେତେବେଳେ ଏକ ଅସାଧାରଣ ସଫଳତା ବୋଲି ବିବେଚନା କରାଯାଉଥିଲା। କାରଣ ବିଜେପି ନେତାମାନେ ସାଧାରଣତଃ ଦୁଇ ବର୍ଷରୁ ଅଧିକ ସମୟ ପାଇଁ କୌଣସି ସାଂଗଠନିକ ପଦବୀରେ ନଥିଲେ। ମାଖନଲାଲ ସରକାର ହେଉଛନ୍ତି ଶ୍ୟାମାପ୍ରସାଦ ଚୌଧୁରୀଙ୍କ ଶେଷତମ ପ୍ରତିନିଧି।



# ରୁଷ୍‌ରେ ପାଳିତ ହେଲା ବିଜୟ ଦିବସ

ମସ୍କୋ, ୯।୫: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ ସଂଘ ନାଜୀ ଜର୍ମାନୀ ଉପରେ ପାଇଥିବା ବିଜୟର ସ୍ମାରକୀ ସ୍ୱରୂପ ଶନିବାର ରେଡ୍ ସ୍କୋୟାରରେ ରୁଷ୍ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ କ୍ରେମଲିନ୍ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ବିଶ୍ୱକୁ ସମ୍ବୋଧିତ କରି ରାଷ୍ଟ୍ରପତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନ୍ ବିରୋଧରେ ତାଙ୍କର ଯୁଦ୍ଧକୁ ନ୍ୟାୟପୂର୍ଣ୍ଣ ଦାବି କରିଛନ୍ତି। ୟୁକ୍ରେନ୍ ଏକ ଆକ୍ରମଣାତ୍ମକ ରାଷ୍ଟ୍ର, ଏହା ନାଟୋ ବଳରେ ବଳୀୟାନ ହୋଇଛି ବୋଲି ପୁଟିନ୍ କହିଛନ୍ତି। ଜନସମାବେଶକୁ ସମ୍ବୋଧିତ କରିବା ଅବସରରେ ପୁଟିନ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୋଭିଏତ ସଂଘର ସୈନିକମାନଙ୍କ ବଳିଦାନକୁ ସ୍ମରଣ କରିଛନ୍ତି। ଚଳିତବର୍ଷ ପ୍ରଥମଥର ପାଇଁ ବିଜୟ ଦିବସ ପ୍ୟାରେଡ୍‌ରେ ରୁଷ୍ କୌଣସି ସଶସ୍ତ୍ର ଯାନ କିମ୍ବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରଦର୍ଶନ କରିନାହିଁ। ତେବେ ବିଜୟ ଦିବସ ପାଳନ ଅବସରରେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ରେଡ ସ୍କୋୟାର ଚାରିପଟେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଜୟ ଦିବସ ପରିପ୍ରେକ୍ଷୀରେ ତିନିଦିନିଆ ଯୁଦ୍ଧବିରତି ପାଳନ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଭୟ ରୁଷ୍ ଓ ୟୁକ୍ରେନକୁ ଅନୁରୋଧ କରିଥିଲେ। ଟ୍ରମ୍ପ୍ କହିଥିଲେ ଯେ, ଏହି ଯୁଦ୍ଧବିରତି ସମୟରେ ଉଭୟ ପକ୍ଷ ସମସ୍ତ ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ରଖିବେ। ଏଥିସହିତ ପ୍ରତ୍ୟେକ ଦେଶରେ ବନ୍ଦୀଥିବା ୧ହଜାର ଲେଖାଏଁ କଏଦୀଙ୍କୁ ଅଦଳବଦଳ କରିବେ। ଟ୍ରମ୍ପଙ୍କ ଘୋଷଣାକୁ ସମ୍ମାନ ଦେଇ ଦୁଇଦେଶ ତିନିଦିନିଆ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି।

ପୂର୍ବରୁ ବିଜୟ ଦିବସ ପ୍ୟାରେଡ୍ ଅବସରରେ କୌଣସି ପ୍ରକାର ଆକ୍ରମଣ କରିବା ପାଇଁ ପ୍ରୟାସ ନ କରିବାକୁ ରୁଷ୍ ୟୁକ୍ରେନକୁ ସତର୍କ କରିଦେଇଥିଲା। ଯଦି ମସ୍କୋ ଉପରେ ଆକ୍ରମଣ ହଏ ତା'ହେଲେ ରୁଷ୍ ଜବାବୀ ହମଲା ସ୍ୱରୂପ ୟୁକ୍ରେନର ରାଜଧାନୀ କିଭର ନାଭିକେନ୍ଦ୍ର ଉପରେ ବଡ଼ ମିସାଇଲ ମାଡ଼ କରିବ ବୋଲି ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ସହତ ମେ' ୯ ତାରିଖ ପୂର୍ବରୁ ୟୁକ୍ରେନ୍ ରାଜଧାନୀ ଛାଡ଼ି ଚାଲିଯିବା ପାଇଁ ଏହା ୟୁକ୍ରେନର ବିଦେଶୀ କୂଟନୀତିଜ୍ଞଙ୍କୁ ସତର୍କ କରିଦିଆଯାଇଥିଲା।



ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଶପଥ ଗ୍ରହଣ ସଭାସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

● ହର୍ମୁଜ ପାରି ବେଳେ ଅଗ୍ନିକାଣ୍ଡ

# ଭାରତୀୟ ଡଙ୍ଗା ଚାଳକ ମୃତ

ନୂଆଦିଲ୍ଲୀ, ୯।୫ଃପାରସ୍ୟ ଉପସାଗରର ବିବଦମାନ ଷ୍ଟ୍ରେଟ ଅଫ୍ ହର୍ମୁଜ ନିକଟରେ ଶୁକ୍ରବାର ଗୋଟିଏ କାଠଡଙ୍ଗା ନିଆଁଲାଗି ବୁଡ଼ିଯିବା ଫଳରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଚାରିଜଣ ଆହତ ହୋଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ମୃତ୍ୟୁବରଣ କରିଥିବା ନାବିକ ଜଣକ ଗୁଜରାଟର ଦ୍ୱାରକା ଜିଲ୍ଲାର ଅଲତାଫ୍ ତଲାବ କେର ବୋଲି ଚିହ୍ନଟ କରାଯାଇଛି। ସେ 'ଏଆଇ ଫୈଜ୍ ନୂର ସୁଲେମାନ-୧' ନାମକ ଏହି କାଠ ତିଆରି ଡଙ୍ଗାର ଇଞ୍ଜିନ ଡ୍ରାଇଭର ଥିଲେ। ଡଙ୍ଗାରେ ମୋଟ୍ ୧୮ ଜଣ ଯାତ୍ରୀ ଥିଲେ। ଡଙ୍ଗାଟି ମେ' ୭ ତାରିଖରେ ଯାତ୍ରା ଆରମ୍ଭ କରି ୟେମେନ୍‌ର ମୁକାଲା ଅଭିମୁଖେ ଯାଉଥିଲା। ଡଙ୍ଗାରେ ନିଆଁ ଲାଗିଯିବା ଦେଖି ପାଖଦେଇ ଯାଉଥିବା ଅନ୍ୟଏକ ଡଙ୍ଗାର କର୍ମଚାରୀ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡ଼ିନାହିଁ। ତେବେ ଆମେରିକା ଓ ଇରାନ ମଧ୍ୟରେ ୮ ତାରିଖରେ ହୋଇଥିବା ଗୁଳି ବିନିମୟ ଯୋଗୁ ଡଙ୍ଗାରେ ନିଆଁ ଲାଗି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ନିଆଁଲାଗି ପୋଡ଼ି ଯାଇଥିବା ଯାତ୍ରୀମାନଙ୍କୁ ଦୁବାଇର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଦୁବାଇରେ ଅବସ୍ଥାପିତ ଭାରତର ବାଣିଜ୍ୟିକ ଦୂତାବାସ ପକ୍ଷରୁ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ କୁହାଯାଇଛି ଯେ, ଆମେ ଡଙ୍ଗାର ମାଲିକଙ୍କ ସହିତ ଯୋଗାଯୋଗରେ ଅଛୁ। ଏଥିସହିତ ପୀଡ଼ିତମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦେଉଛୁ।

# ଦିଲ୍ଲୀ ବିଜେପି ଅଫିସ ଉପରେ ଆତଙ୍କୀ ଆକ୍ରମଣ ଆଶଙ୍କା



ନୂଆଦିଲ୍ଲୀ,୯।୫ଃ ଦିଲ୍ଲୀରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ସତର୍କତା ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି, ଆଖପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆତଙ୍କବାଦୀମାନେ ଡିଡିୟୁ ମାର୍ଗରେ ଥିବା ଦିଲ୍ଲୀ ବିଜେପି ମୁଖ୍ୟାଳୟ ଏବଂ ନିକଟବର୍ତ୍ତୀ ସରକାରୀ କାର୍ଯ୍ୟାଳୟକୁ ଟାର୍ଗେଟ କରିପାରନ୍ତି। ଖବର ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ପୂର୍ଣ୍ଣ ସତର୍କତା ଜାରି କରାଯାଇଛି।

ଏହାପରେ କାର୍ଯ୍ୟାଳୟରେ ଦିଲ୍ଲୀ ପୋଲିସ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି। ଏଜେନ୍ସି ଦ୍ୱାରା ପ୍ରାପ୍ତ ଇନପୁଟ୍ ରୁ ଜଣାପଡିଛି ଯେ ଆତଙ୍କବାଦୀ ସଂଗଠନଗୁଡ଼ିକ ଦିଲ୍ଲୀ ବିଜେପି କାର୍ଯ୍ୟାଳୟ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିପାରନ୍ତି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି, ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମଗ୍ର ଅଞ୍ଚଳରେ ପ୍ରଚୁର ପରିମାଣରେ ପୋଲିସଙ୍କୁ ମୁତୟନ କରାଯାଇଛି।

ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନଗୁଡ଼ିକ କାର୍ ବୋମା, ଗୁଳି ବିନିମୟ, ଆଇଇଡି ପ୍ଲାଷ୍ଟେସନ୍ ଏବଂ ଆତ୍ମଘାତୀ ବିସ୍ଫୋରଣ ଭଳି ରଣନୀତି ଗ୍ରହଣ କରିପାରନ୍ତି। ସତର୍କତା ପରେ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ନିରନ୍ତର ସତର୍କତା ବଜାୟ ରଖିଛନ୍ତି। ଲୋକଙ୍କୁ ସୁରକ୍ଷିତ ଭାବରେ ରହିବାକୁ ମଧ୍ୟ ଅନୁରୋଧ କରାଯାଇଛି।ଦିଲ୍ଲୀ ପୋଲିସ ଏବଂ ସ୍ଥାନୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ସତର୍କ ସୂଚନା ପରେ, କାର୍ଯ୍ୟାଳୟ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ଅଞ୍ଚଳର ବାସିନ୍ଦାମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ବାସିନ୍ଦାମାନଙ୍କୁ ଘର ଭିତରେ ରହିବା ଏବଂ ସୁରକ୍ଷିତ ସ୍ଥାନରେ ରଖିବାକୁ ଅପିଲ୍ କରିଛି।

## ବିଦ୍ୟୁତ୍ ମିଟର ବାକ୍ସ ଭିତରେ ବୋମା



କୋଲକାତା,୯।୫ (ସଂଚାର ବ୍ୟୁରୋ)ଃ ନଦିଆ ଜିଲ୍ଲାର କୃଷ୍ଣନଗର ସହରର ସୁକାନ୍ତପଲ୍ଲୀରେ ବୋମା ଉଦ୍ଧାର ହେବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ସକାଳେ କୃଷ୍ଣନଗରର ସୁକାନ୍ତପଲ୍ଲିର ଦାସପଡ଼ା ଅଞ୍ଚଳର ଜଣେ ବାସିନ୍ଦା ତାଙ୍କ ଘରର ବିଦ୍ୟୁତ୍ ମିଟର ବାକ୍ସ ଭିତରେ ଏକ ସନ୍ଦେହଜନକ ବସ୍ତୁ ଦେଖି ପୁଲିସକୁ ଖବର ଦେଇଥିଲେ। ଯାଞ୍ଚ କରିବା ପରେ ଏହା ବୋମା ବୋଲି ଚିହ୍ନଟ କରାଯାଇଥିଲା। କୋତଓ୍ୱାଲି ଥାନାରୁ ଏକ ବିଶାଳ ଟିମ୍ କେନ୍ଦ୍ରୀୟ ବାହିନୀ ସହିତ ଘଟଣାସ୍ଥଳକୁ ଯାଇଥିଲେ। ପୁଲିସ ନିର୍ଦ୍ଦିଷ୍ଟ ଘରଟିକୁ ଘେରାବନ୍ଦୀ କରି ମିଟର ବାକ୍ସରୁ ବୋମା ଉଦ୍ଧାର କରି ନିରାପଦ ଦୂରତାକୁ ନେଇଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳକୁ ପୂର୍ବରୁ ଖବର ଦିଆଯାଇଥିଲା। ସେମାନେ ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଥିଲେ। ବୋମା କିଏ ଆଣିଲା, କେମିତି ଆଣିଲା ଆଦି ଘଟଣାର ଯାଞ୍ଚ କରିବାକୁ ସିସିଟିଭି ଫୁଟେଜ୍ ବିଶ୍ଲେଷଣ କରାଯିବା ସହିତ ସ୍ଥାନୀୟ ଲୋକଙ୍କ ପଚରାଉଚରା କରାଯାଉଛି।

## ରବୀନ୍ଦ୍ରନାଥ ଜୟନ୍ତୀ ପାଳିତ




କୋଲକାତା,୯।୫ (ସଂଚାର ବ୍ୟୁରୋ)ଃକୋଲକାତାର ଦି ହେରିଟେଜ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସାହ ସହିତ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ କବିଗୁରୁ ରବୀନ୍ଦ୍ରନାଥଙ୍କ ଅମର ସାହିତ୍ୟ, ସଂସ୍କୃତି ଓ ମାନବତାର ବାର୍ତ୍ତା ସ୍ମରଣ କରାଯାଇଥିଲା। ଶିକ୍ଷକମାନେ ନୃତ୍ୟ, ସଙ୍ଗୀତ, ରବୀନ୍ଦ୍ର ସଙ୍ଗୀତ, ଅଭିଭାଷଣ, ଆବୃତ୍ତି ଓ ଚିତ୍ରାଙ୍କନ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମଗ୍ର ପରିବେଶ ଉତ୍ସବମୁଖର ଓ ପ୍ରେରଣାଦାୟକ ହୋଇ ଉଠିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକମାନେ କେବଳ ବିଶ୍ୱକବିଙ୍କୁ ସ୍ମରଣ କରି ନଥିଲେ ବରଂ ବଙ୍ଗ ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ସୁରକ୍ଷିତ ରଖିବାର ସନ୍ଦେଶ ମଧ୍ୟ ପ୍ରଦାନ କରିଥିଲେ। ଟିମ୍ ହେରିଟେଜ୍‌ର ସମସ୍ତ ସଦସ୍ୟ ମିଳିତ ଭାବେ ଏହି ମହାନ ସାହିତ୍ୟିକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି, ବିଶ୍ୱଭାରତୀରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି।

## ନିଆଁ ଲାଗି ଜଳିଗଲା ଡମ୍ପର



କୋଲକାତା,୯।୫(ସଂଚାର ବ୍ୟୁରୋ)ଃ ଶନିବାର ଅପରାହ୍ଣରେ କାଟୋଓ୍ୱା-ବର୍ଦ୍ଧମାନ ରୋଡରେ ଶ୍ରୀଖଣ୍ଡର ପ୍ରବେଶ ପୂର୍ବରୁ ଏକ ଚଳନ୍ତା ଡମ୍ପରରେ ଅଗ୍ନିକାଣ୍ଡ ଘଟିଛି। ଡ୍ରାଇଭର ଗାଡ଼ି ଅଟକାଇ ବାହାରକୁ ଚାଲି ଆସିଥିଲେ। ଏହା ପରେ ଡମ୍ପରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଚକରେ ଘର୍ଷଣ ଯୋଗୁଁ ନିଆ ଲାଗିଥିବା ଅନୁମାନ କରାଯାଉଛି। ଡମ୍ପରଟି କଳା ପାଉଁଶ ନେଇ ବର୍ଦ୍ଧମାନର ନାର୍ଜାରୁ କାଟୱା ଅଭିମୁଖେ ଯାତ୍ରା କରୁଥିଲା। ଅଗ୍ନିକାଣ୍ଡ ପାଇଁ କାଟୱା-ବର୍ଦ୍ଧମାନ ରାସ୍ତାରେ ତିନି ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା।

## ମମତାଙ୍କ ଆକାଉଣ୍ଟକୁ ଅନ୍‌ଫଲୋ କଲା କୋଲକାତା ପୁଲିସ



କୋଲକାତା,୯।୫(ସଂଚାର ବ୍ୟୁରୋ)ଃକୋଲକାତା ପୁଲିସ ସୋସିଆଲ ମିଡିଆ ଆକାଉଣ୍ଟରୁ ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ଓ ଦଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଆକାଉଣ୍ଟକୁ ଅନଫଲୋ କରାଯାଇଛି। ଏଥିସହିତ କୋଲକାତା ପୁଲିସର ଅନୁସରଣ ଆକାଉଣ୍ଟ ତାଲିକାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସାମିଲ୍ ହୋଇଛନ୍ତି। ଅବଶ୍ୟ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଏହି ତାଲିକାରେ ଶୁଭେନ୍ଦୁଙ୍କ ନାମ ରହିଥିଲା। ଏହି ତାଲିକାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏକ୍ସ ଆକାଉଣ୍ଟ ମଧ୍ୟ ରହିଛି। ତେବେ ଅଭିଷେକ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ଉଭୟଙ୍କୁ ସଂସଦର ସଦସ୍ୟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବରେ ସେମାନଙ୍କ ପଦବୀ ଅନୁଯାୟୀ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କୋଲକାତା ପୁଲିସ ଜଣାଇଛି।

## ଶୋଇଥିବା ବାବାଙ୍କୁ ଉଠାଇନେଲା ପୁଲିସ



ନୂଆଦିଲ୍ଲୀ, ୯।୫ଃ ପୂଜାର୍ଚ୍ଚନା, ତନ୍ତ୍ର-ମନ୍ତ୍ର ମାଧ୍ୟମରେ ଧନ ଲାଭ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ପୁଣି ଭବିଷ୍ୟ ବଦଳାଇଦେବା ଭବିଷ୍ୟବାଣୀ କରୁଥିଲେ। ଖାଲି ସେତିକି ନୁହେଁ ନାମୀ ଲୋକ ବି ତାଙ୍କର ଅନୁଗାମୀ ବୋଲି କହୁଥିଲେ ବାବା। ହେଲେ ଏସବୁକୁ ଆଳ କରି ଲୋକଙ୍କ ଠକିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଏବେ ହୋଇଛି ଏଭଳି ଜଣେ ଭଣ୍ଡ ବାବାର ପର୍ଦ୍ଦାଫାଶ। ପୋଲିସ ଏହି ଭଣ୍ଡ ବାବାଙ୍କୁ ତାଙ୍କ ଆଶ୍ରମରୁ ଉଠାଇ ନେଇଛି। ଏଭଳି ଘଟଣା ଘଟିଛି ମହାରାଷ୍ଟ୍ର ପଣ୍ଢରପୁରରେ। ଏଠାରେ ନନ୍ନା ବିରକର ଓରଫ୍ ଗୁରୁମୌଳି ବାବାଙ୍କୁ ଗିରଫ କରିଛି ପୋଲିସ। ସୂଚନା ଅନୁସାରେ, କିଛି ଦିନ ତଳେ ସୋଲାପୁର ଜିଲ୍ଲାରେ ଏକ ଘୋଟାଲା ସାମ୍ନାକୁ ଆସିଥିଲା। ଯେଉଁଥିରେ ଲୋକଙ୍କ ଜୀବନ ବଦଳାଇବା ଭଳି ଭବିଷ୍ୟବାଣୀ ଏବଂ ଧନ ଲାଭର ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ମାମଲାରେ ପୋଲିସ ମନୋହର ଭୌସଲେଙ୍କୁ ଗିରଫ କରିଛି। ସେ ନିଜକୁ ବାବା ବୋଲି କହୁଥିଲା। ତେବେ ସେହି ମାମଲାରେ ସମାଧାନ ପୂର୍ବରୁ, ସୋଲାପୁରରେ ଟଙ୍କା ଠକେଇ ଏବଂ ଗୁଣିଗାରେଡ଼ି ସହ ଜଡ଼ିତ ଏକ ମାମଲା ସାମ୍ନାକୁ ଆସିଥିଲା। ଯାହାକୁ ନେଇ ମରଧା ତାଲୁକାର ଅନ୍ଦେଗାଁଓ ନିବାସୀ ନନ୍ନା ବିର୍କରଙ୍କ ବିରୋଧରେ ତେମ୍ଭୁର୍ନୀ ଥାନାରେ ମାମଲା ରୁଜୁ ହୋଇଥିଲା। ରିପୋର୍ଟ ଅନୁସାରେ, ନନ୍ନା ବିର୍କର ଛନ୍ଦ କପଟ ମାଧ୍ୟମରେ ଅନେକ ଲୋକଙ୍କୁ ଫସାଇଥିଲା । ନନ୍ନା ବିର୍କର ଠକାମୀର ଶିକାର ହୋଇଥିବା ପଣ୍ଢରପୁରର ଯଶବନ୍ତ ଯାଧବ ଏବଂ ନୀଲେଶ ଭୋଇଟେ ତେମ୍ଭୁର୍ନୀ ଥାନାରେ ଅଭିଯୋଗ କରିଥିଲେ। ସେମାନେ ଏତଲାରେ ଲେଖିଛନ୍ତି ଯେ, ଧନ ଲାଭର ପ୍ରତିଶ୍ରୁତି ଦେଇ ଜଣେ ବାବା ତାଙ୍କୁ ଏକ କଇଁଛ ଦେଇଥିଲେ ଏବଂ ଏଥିପାଇଁ ତିନି ଲକ୍ଷ ଟଙ୍କା ନେଇଥିଲେ।

## ବାହାଘରରେ ପ୍ରେମିକାଙ୍କ ହଙ୍ଗାମା

ନୂଆଦିଲ୍ଲୀ,୯।୫ଃ ବରଯାତ୍ରୀ ଧରି କନ୍ୟାଘରେ ପହଞ୍ଚିଲା ବର। ଭୋଜି ଖାଉଥିଲେ ବରଯାତ୍ରୀ। ସମସ୍ତେ ବେଶ ହସଖୁସିରେ ଷ୍ଟେଜରେ ନବଦମ୍ପତିଙ୍କ ସହ ଉଠାଉଥିଲେ ଫଟୋ। ଆଉ ଠିକ୍ ସେହି ସମୟରେ ପହଞ୍ଚିଥିଲେ ଜଣେ ମହିଳା। କେହି କିଛି ଭାବିବା ପୂର୍ବରୁ ସେ ବରକୁ ଟାଣି ଆଣି ମାଡ଼ ମାରିଥିଲେ। ବିହାରର ସମସ୍ତିପୁର ଅଞ୍ଚଳରୁ ସାମ୍ନାକୁ ଆସିଛି ଏଭଳି ଏକ ଖବର। ଶେଷରେ ପୁଲିସ ଏହି ଘଟଣାରେ ହସ୍ତକ୍ଷେପ କରିଥିବାବେଳେ ବର ଏବଂ ତାଙ୍କ ପରିବାରକୁ ପଚରା ଉଚରା କରୁଛି। ନ୍ୟାୟ ପାଇଁ ଅଡ଼ି ବସିଛନ୍ତି କନ୍ୟାଘର ଲୋକେ। ମହିଳା ଜଣକ ଅଭିଯୋଗ କରିଛନ୍ତି କି ସେ ମୋ ସ୍ୱାମୀ। ମୋ ସହ ଏକାଠି ରହୁଥିଲେ ଆଉ ସମ୍ପର୍କ ରଖୁଥିଲେ। ଏବେ ସେ ଆଉ ଜଣକୁ ବାହା କେମିତି ହେଉଛନ୍ତି। ମହିଳା ଜଣକ କହିଛନ୍ତି କି, ଆମ ଦୁଇଜଣଙ୍କର ସମ୍ପର୍କ ୬ ବର୍ଷର। ସେ ମୋ ସହ ଗୋଟିଏ ଘରେ ରହୁଥିଲେ। ମୋ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିବାବେଳେ ସେ ମୋତେ ରଖିଥିଲେ। ମହିଳା ଜଣକ କହିଛନ୍ତି କି, ତାମିଲନାଡୁ ଏକ କମ୍ପାନୀରେ କାମ କରୁଥିବାବେଳେ ପଙ୍କଜଙ୍କ ସହ ମୋର ଦେଖା ହୋଇଥିଲା। ଆଉ ତାଙ୍କ ପ୍ରେମରେ ପଡ଼ିଥିଲି। ମୋର ଦୁଇଟା ଛୁଆ ଅଛନ୍ତି। ମୋ ସ୍ୱାମୀ ମୋତେ ଛାଡ଼ପତ୍ର ଦେଇଥିବାବେଳେ ପଙ୍କଜ ମୋତେ ବିବାହ କରିବାକୁ କହିଥିଲେ। ସେ ମୋ ସହ ତାମିଲନାଡୁରେ ଗୋଟିଏ ଘରେ ରହୁଥିଲେ। ଆଉ ଏବେ ଘରକୁ ଆସିବା ପରେ ଆଉ ଜଣଙ୍କୁ ବିବାହ କରିବାକୁ ଯାଉଛନ୍ତି। ମୁଁ ଖବର ପାଇବା ପରେ ଏଠାକୁ ଆସିଛି। ସେପଟେ ବର, ବରଯାତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। କନ୍ୟାଘର ଲୋକେ ବରର ବାପା ଏବଂ ଦାଦାଙ୍କ ସହ ଦୁଇଟି ଗାଡ଼ି ବନ୍ଧକ ରଖିଥିଲେ। ଘଟଣା ଘଟିବା ପରେ ପୁଲିସ ଖବର ପାଇ ପହଞ୍ଚିଥିଲା।

ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୦,୨୩୬ଟି ମାମଲାର ଫଇସଲା

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗି, ବେଗୁନିଆ ଓ ଜଟଣୀଠାରେ ଚଳିତ ବର୍ଷର ଦ୍ୱିତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୭୩ ହଜାର ୩୨୯ଟି ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୪୦ ହଜାର ୨୩୬ଟି ମାମଲା ଫଇସଲା କରାଯାଇଥିଲା। ଏହି ମାମଲାଗୁଡ଼ିକର ଫଇସଲା କରାଯାଇ ମୋଟ ୮ କୋଟି ୮୪ ଲକ୍ଷ ୮୩ ହଜାର ୬୫୦ ଟଙ୍କାର ରାଜସ୍ୱ, ଜରିମାନା ଓ ରାଜିନାମା ସ୍ୱାକ୍ଷରିତ ହୋଇଥିଲା।

ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ରିକଭରି, ମୋଟର ଯାନ ଦୁର୍ଘଟଣା, ଶ୍ରମ, ଟ୍ରାଫିକ ଚାଲାଣ ମାମଲା, ବିଭିନ୍ନ ଜନଉପଯୋଗୀ ମାମଲା, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ରାଜସ୍ୱ ଓ ଦେଓ୍ୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ ବିଲ୍ ଓ ପ୍ରାକ୍ ମକଦ୍ଦମାର ଫଇସଲା କରାଯାଇଥିଲା।

ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଆଇନଜୀବୀମାନଙ୍କୁ ସାଧୁବାଦ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ଆଗୁଆ ପ୍ରସ୍ତୁତି ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଡଙ୍ଗର' ଉଦ୍‌ଘାଟିତ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ)ଃ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡି ଓ ଶୁଭମ୍ ଅନୁଷ୍ଠାନର ମିଳିତ ସହଯୋଗରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଡଙ୍ଗର' ଆଜି ଉଦ୍‌ଘାଟିତ ହୋଇଛି। ଭବାନୀପାଟଣାର ମହାବୀର ସାଂସ୍କୃତିକ ଅନୁଷ୍ଠାନ ରଙ୍ଗମଞ୍ଚଠାରେ ଉଦ୍‌ଘାଟିତ ହୋଇଥିବା ମହୋତ୍ସବ ଆସନ୍ତାକାଲି ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍, ଜୟ ପ୍ରକାଶ ନାରାୟଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ସମାଜସେବୀ ଜୟନାରାୟଣ, ବରିଷ୍ଠ ଅଧିବକ୍ତା ଭବେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ସମାଜସେବୀ ଜୟନ୍ତ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଅତିଥି ଭାବେ ଯୋଗଦେଇଥିଲେ।

ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଓ ସଙ୍ଗୀତ ପରମ୍ପରାର ମୌଳିକତା ଓ ଏହାର ବିଶେଷତ୍ୱ ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ଆଜିର ଯୁବ କଳାକାରମାନେ ହେଉଛନ୍ତି ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଜଗତର ଭବିଷ୍ୟତ। ତେଣୁ ଆଦିବାସୀ ସମ୍ପ୍ରଦାୟର ଏହି ସମୃଦ୍ଧ ନୃତ୍ୟ ଓ ସଙ୍ଗୀତ ପରମ୍ପରାର ବହୁଳ ପ୍ରଚାର ଓ ପ୍ରସାର ସହ ଏହାକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଯୁବ କଳାକାରମାନେ ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସନ୍ଧ୍ୟାରେ କୋୟା ନୃତ୍ୟ, ଖଡିଆ ନୃତ୍ୟ, କିଷାନ ନୃତ୍ୟ, ପତର ସୌରା, ଲାଞ୍ଜିଆ ସୌରା ନୃତ୍ୟ, ଢେମ୍‌ସା, ପଞ୍ଚରସି, ଆଦିବାସୀ ନୃତ୍ୟ, ସିଙ୍ଗାରୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭମ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଶ୍ଚିମବଙ୍ଗରେ...

ମୁଖ୍ୟମନ୍ତ୍ରୀ। ଶୁଭେନ୍ଦୁ ଅଧିକାରୀ ପ୍ରାଥମିକ ପର୍ଯ୍ୟାୟରେ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ, ନିଶିଥ ପ୍ରମାଣିକ, ଖଦିରାମ ଟୁଡୁ ଓ ଅଶୋକ କୀର୍ତ୍ତନିଆଙ୍କ ପରି ୫ ଜଣ ପ୍ରଭାବୀ ବିଧାୟକଙ୍କୁ ତାଙ୍କ ନବଗଠିତ ରାଜ୍ୟ କ୍ୟାବିନେଟରେ ସାମିଲ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଏହି ୫ ଜଣ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଆଜି ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ପବିତ୍ର ଜନ୍ମ ଦିବସରେ ବିଜେପି ରାଜ୍ୟକୁ ନୂଆ ମୁଖ୍ୟମନ୍ତ୍ରୀ ଭେଟି ଦେଇଛି। ପ୍ରତିଶ୍ରୁତି ରକ୍ଷା କରି ପ୍ରଧାନମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ଯୋଗଦେଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପିଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, କେନ୍ଦ୍ର କ୍ୟାବିନେଟର ବହୁ ଗୁରୁତ୍ୱପୂର୍ଣ୍ଣ ସଦସ୍ୟଙ୍କ ସହ କେନ୍ଦ୍ର ବିଜେପି ନେତୃବୃନ୍ଦ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହି ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଦେଇଥିଲେ। ୨୯୪ ଆସନବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ଗୃହରେ ବିଜେପି ୨୦୭ଟି ଆସନରେ ବିଜୟୀ ହୋଇ ରାଜ୍ୟରେ ଏକକ ସରକାର ଗଠନ କରିବାକୁ ଦାବିଦାର ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ବିଧାୟକ ଦଳ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ନନ୍ଦିଗ୍ରାମ ଓ ଭବାନୀପୁରରେ ବିଜୟୀ ହୋଇଥିବା ଶୁଭେନ୍ଦୁଙ୍କୁ ରାଜ୍ୟ ବିଜେପିର ବିଧାୟକ ଦଳ ନେତା ଭାବେ ଚୟନ କରିବା ସହ ବିଳମ୍ବିତ ରାତିରେ ତାଙ୍କୁ ଏକକ ମୁଖ୍ୟମନ୍ତ୍ରୀ ଭାବରେ ଘୋଷଣା କରିଥିଲେ। ଶନିବାର ଶୁଭେନ୍ଦୁ ଶପଥ ଗ୍ରହଣ କରିବା ସହ ପଶ୍ଚିମବଙ୍ଗରେ ନିରନ୍ତର ଜାରି ରହିଥିବା ଆଞ୍ଚଳିକ ରାଜନୀତିରେ ବିରାମ ଲାଗିଛି।

### କ୍ରାଇମବ୍ରାଞ୍ଚକୁ...

ଗୋଟିଏ ଏତଲା ମୃତ ଯୁବକ ସୌମ୍ୟଙ୍କ ବାପା ଦେଇଥିବା ବେଳେ ଅନ୍ୟ ଏତଲାଟି ଅସଦାଚରଣର ଶିକାର ହୋଇଥିବା ଯୁବତୀଙ୍କ ପକ୍ଷରୁ ଦାୟର୍ କରାଯାଇଛି। ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଆଡଭାନ୍ସ ଅଗ୍ନି...

ଏକକାଳୀନ ଅନେକଗୁଡ଼ିଏ ଲକ୍ଷ୍ୟ ଭେଦ କରିପାରିବ। ପ୍ରତି ଅସ୍ତ୍ରର ନିଜସ୍ୱ ରାଡାର ଓ ନାଭିଗେସନ୍ ସିଷ୍ଟମ୍ ଉପଲବ୍ଧ ରହିବ। ଏହାକୁ ଆଧାର କରି ପ୍ରତିଟି ଅସ୍ତ୍ର ନିଜ ନିଜ ଲକ୍ଷ୍ୟଭେଦ କରିବାର କ୍ଷମତା ରଖେ ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ସମେତ ଭାରତୀୟ ସେନା ଏବଂ କ୍ଷେପଣାସ୍ତ୍ର ବିକଶିତ କରିଥିବା ଶିଳ୍ପ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସୀମାରେ ଶତ୍ରୁ ଆକ୍ରମଣ ସମ୍ଭାବନା ବଢ଼ୁଥିବା ବେଳେ ଏହା ଭାରତର ପ୍ରତିରକ୍ଷା ପ୍ରସ୍ତୁତି କ୍ଷେତ୍ରକୁ ଅତୁଳନୀୟ ସାମର୍ଥ୍ୟ ପ୍ରଦାନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗୁରୁବାର ଓଡ଼ିଶା ଉପକୂଳରେ ଭାରତୀୟ ବାୟୁସେନା ଓ ଡିଆରଡିଓ ମିଳିତ ଭାବେ ଟ୍ୟାକ୍ଟିକାଲ ଆଡଭାନ୍ସଡ ରେଞ୍ଜ ଅଗମେଣ୍ଟେସନ୍ (ତାରା) ଅସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷା କରାଯାଇଥିଲା।

### ଆଜି ଶପଥ...

ଏହାପରେ ରାଜ୍ୟପାଳ ତାଙ୍କ କେରଳ ଗସ୍ତକୁ ବାତିଲ କରି ରବିବାର ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ୨୩୪ ଆସନବିଶିଷ୍ଟ ତାମିଲନାଡୁ ବିଧାନସଭାରେ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ୧୦୮ଟି ଆସନରେ ବିଜୟୀ ହୋଇ ଏକମାତ୍ର ସଂଖ୍ୟାଗରିଷ୍ଠ ଦଳ ଭାବେ ରାଜ୍ୟରେ ସରକାର ଗଠନ କରିବାକୁ ଦାବି କରିଥିଲା। ବିଜୟଙ୍କ ପାଖରେ ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ଗୃହର ମ୍ୟାଜିକ୍ ଅଙ୍କ (୧୧୮) ଠାରୁ ସେ ପଛରେ ଥିବାରୁ ରାଜ୍ୟପାଳ ଶ୍ରୀ ଆର୍ଲେକର ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରୁ ନ ଥିଲେ। ତେବେ ଶନିବାର ବିଜୟ କଂଗ୍ରେସର ୫ଟି, ସିପିଆଇର ୨ଟି, ସିପିଆଇ (ଏମ) ୨ଟି, ଆଇୟୁଏମଏଲର ୨ଟି ଏବଂ ଭିସିକେର ୨ଟି ଆସନ ସହ ତାଙ୍କ ନିକଟରେ ମୋଟ୍ ୧୨୦ଟି ଆସନ ଥିବା ନେଇ ରାଜ୍ୟପାଳଙ୍କୁ ଦର୍ଶାଇଥିଲେ। ଏହାପରେ ବିଜୟଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଏଥିସହ ମେ' ୧୩ ତାରିଖରେ ସେ ଗୃହରେ ଆସ୍ଥାଭୋଟ୍ ଲୋଡ଼ିବେ ବୋଲି ମଧ୍ୟ ରାଜ୍ୟପାଳ ବିଜୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ହାଇକୋର୍ଟଙ୍କ...

ବାଧା ସୃଷ୍ଟି କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ ଯେ ଉକ୍ତ ରାସ୍ତାକୁ ଅବରୋଧମୁକ୍ତ କରାଯାଉ ଓ ଯେଉଁ ଅନଧିକୃତ ବ୍ୟାରିକେଡ୍ କରାଯାଇଛି, ତାହାକୁ ହଟାଯାଉ। ଏହି ମାମଲାରେ ମୁଖ୍ୟ ସଚିବ, ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ, ବିଏମସି କମିଶନରଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଗତ ଫେବ୍ରୁଆରୀ ୩ ତାରିଖରେ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ସରକାରୀ ଅଧିକାରୀମାନଙ୍କ ଭୂମିକା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଗତ କେତେ ମାସ ଧରି କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ହାଇକୋର୍ଟ କହିବା ସହ ୩ ସପ୍ତାହ ମଧ୍ୟରେ ଫିଲ୍ଡ ଭେରିଫିକେସନ୍ କରି ଅନଧିକୃତ ଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଆଡିସନାଲ ଷ୍ଟାଣ୍ଡିଂ କାଉନସିଲ ତରଫରୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବଙ୍କୁ ଚିଠି କରାଯାଇଥିଲା। ଏହାପରେ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ତହସିଲଦାର ଓ ଟ୍ରାଫିକ୍ ପୁଲିସଙ୍କ ମିଳିତ ଟିମ ଦ୍ୱାରା ଗତ ଫେବ୍ରୁଆରୀ ୧୨ରେ ଯୁଗ୍ମ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ରିପୋର୍ଟରେ ଦର୍ଶାଯାଇଛି ଯେ ନବୀନ ନିବାସ ସାମ୍ନାରେ ଥିବା ପ୍ଲଟ୍ ନମ୍ବର ୧୦୭୧ର ପ୍ରାୟ ୦.୨୨୯ ଏକର ଜମିକୁ ସୁରକ୍ଷା ବ୍ୟବସ୍ଥା ପାଇଁ ଲୁହା ବ୍ୟାରିକେଡ କରାଯାଇଛି। ସେହିପରି ପ୍ଲଟ ନମ୍ବର ୧୦୩୫ର ଆଉ ୦.୩୩୦ ଏକର ଜମି ମଧ୍ୟ ଏହି ବ୍ୟାରିକେଡ ଭିତରେ ରହିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଉକ୍ତ ଅଞ୍ଚଳର ବାକି ଅଂଶ ସାଧାରଣ ରାସ୍ତା ଭାବେ ବ୍ୟବହୃତ ହେଉଛି। ଏଥିସହ ଏକ ୧୦୦ ଫୁଟ ଚଉଡ଼ା ବିକଳ୍ପ ରାସ୍ତା ନିର୍ମାଣ କରାଯାଇଥିବା ଯାଞ୍ଚରେ ଉଲ୍ଲେଖ ହୋଇଛି। ଏହି ରାସ୍ତା ଏୟାରପୋର୍ଟ ଛକରୁ ପୁନାମା ଗେଟ୍ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ତିଆରି ହୋଇଥିଲା। ସରକାରୀ ରେକର୍ଡ ଅନୁସାରେ, ପୂର୍ବରୁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା କିଛି ଜମି ଅଧିଗ୍ରହଣ କରାଯାଇ ଏହି ଡାଇଭର୍ସନ ରାସ୍ତା ନିର୍ମାଣ ହୋଇଥିଲା। ପରେ ବଦଳରେ ଅନ୍ୟ ସରକାରୀ ଜମି ବିମାନ ବନ୍ଦର କର୍ତ୍ତୃପକ୍ଷକୁ ଦିଆଯାଇଥିବା ତଥ୍ୟ ମଧ୍ୟ ଦଲିଲରେ ରହିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗରୁ ଲେଖାଯାଇଥିବା ଚିଠିରେ ବିବାଦରେ ଥିବା ଦୁଇଟି ପ୍ଲଟ୍ ସରକାରୀ ରେକର୍ଡ ଅନୁଯାୟୀ 'ସଡ଼କ' ବୋଲି ଚିହ୍ନିତ ହୋଇଛି, ଯାହାକି ଭୁବନେଶ୍ୱରର ସିଡିପି ମ୍ୟାପରେ ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଚିଠି କରାଯାଇଛି। କମିଶନରେଟ୍ ପୁଲିସ ଓ ଡିସିପି ଟ୍ରାଫିକଙ୍କ ସହ ଆଲୋଚନା କରି ବ୍ୟାରିକେଡ ସ୍ଥାନାନ୍ତର କିମ୍ବା ହଟାଇବା ନେଇ ମତାମତ ମଗାଯାଇଛି। ତେବେ ଗତ ଫେବ୍ରୁଆରୀ ୨୪ ଶୁଣାଣିରେ ହାଇକୋର୍ଟ କି ନିର୍ଦ୍ଦେଶ ଦେଇଛନ୍ତି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ।

### ପ୍ରତିଷ୍ଠା ହେବ...

'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା' ସମ୍ପର୍କିତ କର୍ମଶାଳାରେ ଯୋଗଦେଇ ଆଇନ ମନ୍ତ୍ରୀ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ପାଇଁ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ ବୋଲି କହିଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ। ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଞ୍ଚଳ ଓ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକେନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଓ ତୁରନ୍ତ ଦଣ୍ଡବିଧାନ ପାଇଁ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବାକୁ ସରକାର ବିଚାର କରୁଛନ୍ତି ବୋଲି ସେ କହିଛନ୍ତି ।

### ବେଙ୍ଗଲ ପରେ...

ସରକାର ମହିଳାଙ୍କ ପାଇଁ ଅନେକ ଯୋଜନା କରିଛ, କିନ୍ତୁ ତା'ର ବିଫଳତା, ନିଶା ଓ ଯୁବକଙ୍କୁ ଟାର୍ଗେଟ କରି ବିଜେପି ତା'ର ରଣନୀତି ପ୍ରସ୍ତୁତ କରିଛି। ଏଥିପାଇଁ ଗତ କିଛି ସପ୍ତାହ ଧରି ଅମିତ ଶାହ ପଞ୍ଜାବରେ ଏକାଧିକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଲେଣି। ପଞ୍ଜାବ ପରି ପ୍ରଧାନମନ୍ତ୍ରୀ ଓ ଶାହଙ୍କ ପରବର୍ତ୍ତୀ ଟାର୍ଗେଟ୍ ରହୁଛି ହିମାଚଳ ପ୍ରଦେଶ। ଅବଶ୍ୟ ହିମାଚଳ ସରକାରଙ୍କ କାର୍ଯ୍ୟକାଳ ୨୦୨୭ ଡିସେମ୍ବରରେ ଶେଷ ହେବ। ସେ ସମୟରେ ଏକାସାଙ୍ଗେ ଗୁଜରାଟ ବିଧାନସଭାର ମଧ୍ୟ କାର୍ଯ୍ୟକାଳ ସରୁଛି। ଗୁଜରାଟରେ ବିଜେପି ସରକାର ଶାସନ ଥିବା ବେଳେ କଂଗ୍ରେସ ଦଖଲରେ ଅଛି ହିମାଚଳ ପ୍ରଦେଶ। ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭାରେ ବିଜେପି ୨୫ ବିଧାୟକରେ ମୁଖ୍ୟ ବିରୋଧୀ ଦଳ ଆସନରେ ଅଛି। ତେଣୁ ହିମାଚଳକୁ ମଧ୍ୟ ଗୈରିକ କରିବା ଲକ୍ଷ୍ୟ ରଖିଛି ଦଳ।

### ଅସନ୍ତୋଷର ଦୃଢ଼ ...

ବଙ୍ଗଳାରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବ। ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ଭଳି ଏକ ପବିତ୍ର ସାଂସ୍କୃତିକ ଅବସରରେ ଏହି ନୂତନ ସରକାରର ଗଠନ ବଙ୍ଗଳା ପାଇଁ ଏକ ଶୁଭ ସଂକେତ। ଆଜି କୋଲକାତାଠାରେ ଅନୁଷ୍ଠିତ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହରେ ଶ୍ରୀ ପ୍ରଧାନ ନିଜେ ସାମିଲ ହୋଇଥିଲେ।

# ଅସମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ପରିଦର୍ଶନ ଗୃହ

**ନବରଙ୍ଗପୁର/ଉମରକୋଟ,୯।୫ (ସଂଚାର ବ୍ୟୁରୋ):** ଉମରକୋଟ ଗ୍ରାମ୍ୟ ଉନ୍ନୟନ ଓ କୋଠା ବାଡ଼ି ବିଭାଗ ଦ୍ୱାରା ତିଆରି କରାଯାଇଥିବା ପରିଦର୍ଶନ ଗୃହ ଏବେ ପାଲିଟିଛି ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ। ଉପର ମହଲା ଉପରେ ତିନୋଟି ଗୃହ ଥିଲା ବେଳେ ସବୁ ବଖରାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପ୍ରଥମ ପ୍ରବେଶ ଦ୍ୱାର ସମ୍ପୂର୍ଣ୍ଣ ମୁକୁଳା ଥିବା ବେଳେ ବାକି ସବୁ କୋଠରୀର ଅବସ୍ଥା ସମାନ। ଯେଉଁଠି ଆଖି ବୁଲେଇବେ ସେଠି, ଭଙ୍ଗା କାଚ, ଗୁଟଖା ଜରି, ଅଧା ଲଗା ସିଗାରେଟ, ଡିଆସିଲ ଖୋଳ, ନିଶା ସେବନ ଉର୍ଦ୍ଦିଷ୍ଟ ସିଲଭର ଜରି, ନମିକିନ ପାକେଟ, ପ୍ଲାଷ୍ଟିକ ଗ୍ଲାସ୍, ପାଣି ବୋତଲ ପରି ସାମଗ୍ରୀ ଏଣେ ତେଣେ ପଡିଛି। ଶୋଇବା ଉର୍ଦ୍ଦିଷ୍ଟ ବଖରାର ଚଟାଣ ଉପରେ ସ୍ଥାନେ ସ୍ଥାନେ ପୋଡା ଜଳା ମଧ୍ୟ ହେଇଛି। ଖାଲି ସେତିକି ନୁହେଁ କୋଠରୀ ମଧ୍ୟରେ ଏକ କାଠ ଖଟ ଉପରେ ଅତି ଅପରିଷ୍କାର ଗଦି ବି





ପଡିଛି। ଗୃହ ଭିତରେ ଆସବା ପତ୍ର ବିଶେଷ କିଛି ନଥିଲେ ମଧ୍ୟ ଶୌଚାଳୟ ଓ ବେସିନ ଭାଙ୍ଗି ରୁଜି ଯାଇଛି। ବିଶେଷ କରି ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି କୋଠାଟି କିଛି ମାସ ପୂର୍ବରୁ ପୁନଃ ନିର୍ମାଣ କରାଯାଇଥିଲା।

ଏହି କୋଠାର ମୁଖ୍ୟ ଉଦେଶ୍ୟ ହେଉଛି ବିଭାଗ ଦ୍ୱାରା ପ୍ରସ୍ତୁତ ହେଉଥିବା ରାସ୍ତା ଗୁଡିକର ମାନ ଯାଞ୍ଚ ସମୟରେ ଆସୁଥିବା କେନ୍ଦ୍ରୀୟ ପଦାଧିକାରୀ କିମ୍ବା ବିଭାଗର ଉଚ୍ଚଅଧିକାରୀଙ୍କ ରାତ୍ର ବିଶ୍ରାମସ୍ଥଳୀ। ଏମିତି ଅବ୍ୟବସ୍ଥା ଓ ନିର୍ମାଣ ବିଭାଗର ଦାୟିତ୍ୱହୀନତା ସମ୍ପର୍କରେ ସୂଚନା ଦେବାରୁ ଉମରକୋଟ ସହକାରୀ ନିର୍ବାହୀ ଅଧିକାରୀ କୃଷ୍ଣପ୍ରିୟା ଗମାଙ୍ଗ ପ୍ରଥମେ ବିରକ୍ତି ପ୍ରକାଶ କରି ଫଟୋ କାଢ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ। ସେ ଗୃହଟି କେବେଳ ଆମ କାର୍ଯ୍ୟାଳୟର ଅତିଥି ମାନଙ୍କ ପାଇଁ ବ୍ୟବହାର ହେଉଛି ବୋଲି ସଫେଇ ଦେଇ ସିଧାସଳଖ ଏଡ଼େଇ ଯାଇଥିଲେ। କାରଣ ପଚାରିବାରୁ ସେ ଗୃହକୁ ଅନାଧିକାର ପ୍ରବେଶ ନିଷିଦ୍ଧ ବୋଲି ଜଣାଇଥିଲେ।

ହେଲେ ପ୍ରଶ୍ନ ଉଠୁଛି ବିଭାଗ ଦ୍ୱାରା ତିଆରି କରାଯାଇଥିବା ଗୃହକୁ ଅନୁପଯୋଗୀ କରି ଦୀର୍ଘ ମାସ ହେବ ଖୋଲା ମେଲା ଛାଡି ଦେବା କେଉଁ ସରକାରୀ ଅଧିକାରୀଙ୍କ ଦାୟିତ୍ୱସମ୍ପନ୍ନ କାମ। ଅସାମାଜିକ ଆଡ୍ଡା ପାଲଟିଥିବା ଗୃହକୁ କାହିଁକି ଦୀର୍ଘଦିନ ହେଲା ଖୋଲା ଛଡା ଯାଇଛି, କାହା ବଳରେ ବଳିୟାନ ହେଇ ସହକାରୀ ଯନ୍ତ୍ରୀ କାର୍ଯ୍ୟରତ ସାମ୍ବାଦିକଙ୍କୁ ନାଲି ଆଖି ଦେଖାଉଛନ୍ତି, ପୁରା ଘଟଣା ଏସନ୍ଦେହ ଘେରରେ।

## ସାମ୍ବାଦିକାଙ୍କୁ ହତ୍ୟା ଉଦ୍ୟମ




**ବାଲିଆପାଳ,୯।୫ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ଜଣେ ମହିଳା ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଉଦ୍ୟମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଅନେକ ସମୟରେ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ସାମାଜିକ ଗଣମାଧ୍ୟମ ଓ ଫୋନରେ ଅଶ୍ଳୀଳ କମେଣ୍ଟ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇ ଆସୁଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରେ ରାଜଶ୍ରୀ ଖବର ସଂଗ୍ରହ କରି ଘରକୁ ଫେରୁଥିବା ସମୟରେ ରାସ୍ତାରେ ଶ୍ରୀ ଦାସ ତାଙ୍କୁ ଏକା ପାଇ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାଜଶ୍ରୀ ବାଲେଶ୍ୱର ଏସ୍‌ପିଙ୍କୁ ଭେଟି ଅବଗତ କରିବା ସହ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨୦୦/୨୬ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ସାଲଖାନ ମୁର୍ମୁ କହିଛନ୍ତି।

## ଯଶୁଆପୁରରେ ମେଧାବୀ ଛାତ୍ରୀ ଓ ନବନିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲିଅନ୍ତା,୯।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତର ଯଶୁଆପୁର ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ନୂତନ ଭାବରେ ଯୋଗଦାନ କଲେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା କାଣ୍ଡୀ। ପ୍ରକାଶ ଥାଉ କି ଉକ୍ତ ବିଦ୍ୟାଳୟ ଖୋଲିବା ପର ଠାରୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଥିଲେ ମଧ୍ୟ ଜଣେ ବି ହେଲେ ଶିକ୍ଷକଙ୍କୁ ନିଯୁକ୍ତି ମିଳିନଥିଲା। ହାଇସ୍କୁଲ ଖୋଲିବା ପରେ ପରେ ଦୁଇ ଗୋଟି ବ୍ୟାଚ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀ କୁମାରୀ ଶୁଭସ୍ମିତା ନାୟକ ଏ-୨ ମାର୍କ ରଖିଥିବାରୁ ଶିକ୍ଷା କମିଟି ଓ ଅଞ୍ଚଳ ତରଫରୁ ନୂତନ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମିତି ସଭ୍ୟ ତଥା ପୁରାତନ ଛାତ୍ର ରଞ୍ଜନ କୁମାର ମହାପାତ୍ରଙ୍କ ଅଭିଭାଷଣରେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବୀ ଥାଇ ମଧ୍ୟ ଏଭଳି ଭାବରେ ତିନି ଗୋଟି ବ୍ୟାଚ ରେଜଲ୍ଟ ସଫଳତା ଅର୍ଜନ କରିପାରିଛି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଢଳେଇ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିଅନ୍ତା,୯।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତରେ ବିକାଶର ନୂଆ ଅଧ୍ୟାୟ ଯୋଡି ହୋଇଛି। ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ ସରପଞ୍ଚ ରମାଲତା ନାୟକଙ୍କ ଦ୍ୱାରା ୪ଲକ୍ଷ ଟଙ୍କାର ଢଳେଇ ରାସ୍ତା ରାୟଗୁରୁ ବାସୁଦେବପୁର ହରିଜନ ସାହି ଓ ହାଇପୁର ମୁକୁରୀ ମହାନ୍ତି ସାହି ଢଳେଇ ରାସ୍ତା ୧ ଲକ୍ଷ ଟଙ୍କାର ନଡ଼ିଆ ବାଡେର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପିଓ ଅଜିତ୍ କୁମାର ଶତପଥୀ, ଜନିକ ଯଜ୍ଞୀ ବନ୍ଦିତା ନାୟକ, ହରେକୃଷ୍ଣ ମହାରଣା, ସୋମନାଥ ଖଟେଇ,ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ , ଅଭିମନ୍ୟୁ ଭୋଇ , କାର୍ତ୍ତିକ ରାଉତ, ଧୂର୍ଜଟି ପ୍ରଧାନ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଢଳେଇ ରାସ୍ତା ସମ୍ପୂର୍ଣ୍ଣ ହେଲେ ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ହେବା ସହ ପଞ୍ଚାୟତର ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ସରପଞ୍ଚ ରମାଲତା ନାୟକ କହିଛନ୍ତି।

## ଟ୍ରାନ୍ସଫର୍ମରକୁ ପିଟି ଓଲଟିଲା କାର୍, ଅଳ୍ପକେ ବର୍ତ୍ତିଲେ ଦମ୍ପତି



**ନୀଳଗିରି, ୯।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଅଞ୍ଚଳର ଜୈନିକ ଦମ୍ପତି ନୀଳଗିରି ଅଞ୍ଚଳରେ ଥିବା ବନ୍ଧୁ ଘରକୁ ଓଡ଼ି ୩୩ଏଲ୍ ୨୦୦୦ ନମ୍ବର ବିଶିଷ୍ଟ ଏକ ନାଲି ରଙ୍ଗକାର ଯୋଗେ ଆସୁଥିବା ବେଳେ ମିତ୍ରପୁର-ନୀଳଗିରି ରାସ୍ତା ପଣ୍ଡା ଅଫିସ ଛକ ନିକଟରେ ଭାରସାମ୍ୟ ହରାଇ ସଡ଼କ ପାର୍ଶ୍ୱରେ ଥିବା ଏକ ଟ୍ରାନ୍ସଫର୍ମର କୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱ କୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକ ଉଭୟ ଦମ୍ପତିଙ୍କୁ କାର୍ ଭିତରୁ ଉଦ୍ଧାର କରିଥିବା ବେଳେ ସେମାନେ ଏକ ବଡ ଦୁର୍ଘଟଣାରୁ ଅଲ୍ପକେ ବର୍ତ୍ତି ଯାଇଥିଲେ। ନୀଳଗିରି ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

# ଗୋପ ବ୍ଲକ୍‌ରେ ଖାଲିପଡିଛି ବିଡିଓ ପଦବୀ

## ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ

**ଗୋପ,୯।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଦ୍ୱିତୀୟ ସର୍ବବୃହତ୍ତମ ବ୍ଲକ ଭାବେ ପରିଚିତ ଗୋପ ବ୍ଲକରେ ଦୀର୍ଘଦିନ ଧରି ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଥିବାରୁ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ବ୍ଲକ୍‌ରେ ମୁଖ୍ୟ ପ୍ରଶାସନିକ ଅଧିକାରୀ ଭାବେ ବିଡିଓଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ, ଗତ ଫେବୃଆରୀ ୨୪ ତାରିଖରୁ ଗୋପ ବ୍ଲକରେ ବିଡିଓ ପଦବୀ ଖାଲି ପଡିଥିବାରୁ ପ୍ରଶାସନିକ କାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହେଉଛି।




ବର୍ତ୍ତମାନ ଗୋପର ନୂତନ ଯୁବ ତହସିଲଦାରଙ୍କୁ ଅତିରିକ୍ତ ଭାବେ ବିଡିଓ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ମଧ୍ୟ, ଏତେ ବଡ଼ ପ୍ରଶାସନିକ ବ୍ୟବସ୍ଥା ସମ୍ଭାଳିବା ଏକାକୀ ତାଙ୍କ ପକ୍ଷରେ କଷ୍ଟସାଧ୍ୟ ହୋଇପଡ଼ିଛି। ଗୋପ ବ୍ଲକରେ ୩୧ଟି ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ପରିଷଦ ଅଞ୍ଚଳର ୧୩ଟି ୱାର୍ଡ ଅନ୍ତର୍ଭୁକ୍ତ ଥିବାବେଳେ ଏଠାର ଲୋକସଂଖ୍ୟା ଦୁଇ ଲକ୍ଷ ପଚାଶ ହଜାରରୁ ଅଧିକ ରହିଛି। ଫଳରେ ପ୍ରତିଦିନ ଶତାଧିକ ପ୍ରଶାସନିକ ଓ ଜନସମସ୍ୟା ଉପସ୍ଥିତ ହେଉଛି। ଏହାର ସଠିକ୍ ସମାଧାନ ପାଇଁ ଏକ ଦକ୍ଷ, ଅଭିଜ୍ଞତାସମ୍ପନ୍ନ ଓ ସ୍ଥାୟୀ ବରିଷ୍ଠ ଅଧିକାରୀ ନିଯୁକ୍ତି ଅତ୍ୟାବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ସରକାରଙ୍କ ଆବାସ ଯୋଜନାରେ ନୂଆ ଘର ଅନୁମୋଦନ ଓ କିସ୍ତି ଟଙ୍କା ରିଲିଜ୍ ପ୍ରକ୍ରିୟା ପ୍ରାୟ ବନ୍ଦ ହୋଇଯାଇଛି। ସେହିପରି ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପାଇଁ ନୂଆ ନାଁ ଯୋଡିବା କାର୍ଯ୍ୟ ମଧ୍ୟ ଦୀର୍ଘଦିନ ଧରି ଅଟକି ରହିଛି। ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ମନରେଗା ଯୋଜନାରେ ଜବ୍‌କାର୍ଡ ପ୍ରସ୍ତୁତି, କାମ ଅନୁମୋଦନ ଓ ମଜୁରୀ ଟଙ୍କା ପ୍ରଦାନ ମଧ୍ୟ ବିଳମ୍ବିତ ହେଉଛି। ଏହା ସହ ରେସନ୍ କାର୍ଡରେ ନୂଆ ନାଁ ଯୋଡିବା କିମ୍ବା ଅଯୋଗ୍ୟ ନାଁ କାଟିବା ଭଳି ମୌଳିକ କାର୍ଯ୍ୟ ମଧ୍ୟ ବନ୍ଦ ଅବସ୍ଥାରେ ରହିଛି। ଏହାଛଡ଼ା ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କ୍ଷତିପୂରଣ ଟଙ୍କା ପାଇବାକୁ ଲୋକଙ୍କୁ ୬ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ପ୍ରଶାସନିକ ଅବହେଳା ଓ ଅଧିକାରୀ ଅଭାବ ଯୋଗୁଁ ସାଧାରଣ ଜନତା ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ସମ୍ ଲାଇଫ ସାଇନସେସ୍ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୯।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଠପାଟଣା ସ୍ଥିତ ସମ୍ ଲାଇଫ ସାଇନସେସ୍ ପ୍ରକଳ୍ପ ପରିସରରେ ସୁମା ରିଅଲ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍




ଏବଂ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଶନିବାର ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା ପ୍ରାୟ ୨୨୦ ଜଣ ପୁରୁଷ ଓ ମହିଳା ଶ୍ରମିକ ସାମିଲ୍ ହୋଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମ୍ ହସ୍ପିଟାଲର ବିଭିନ୍ନ ବିଭାଗରୁ ଆସିଥିବା ୧୭ ଜଣ ବିଶେଷଜ୍ଞ ଡାକ୍ତର ଏହି ଅବସରରେ ଶ୍ରମିକମାନଙ୍କୁ ଚିକିତ୍ସା ସେବା ଓ ପରାମର୍ଶ ପ୍ରଦାନ କରିଥିଲେ। ବିଶେଷ କରି ମେଡିସିନ୍, ଚର୍ମ ରୋଗ, ଚକ୍ଷୁ, ଦନ୍ତ ଚିକିତ୍ସା, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଏବଂ ଶଲ୍ୟ ଚିକିତ୍ସା ଭଳି ବିଭାଗର ଡାକ୍ତରମାନେ ରକ୍ତଚାପ ଓ ମଧୁମେହ ସମେତ ଅନ୍ୟାନ୍ୟ ସାଧାରଣ ରୋଗର ଯାଞ୍ଚ କରିଥିଲେ। ଶ୍ରମିକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସମ୍ ଲାଇଫ ସାଇନସେସ୍ ଏବଂ ଆଇଏମଏସ ଆଣ୍ଡ ସମ୍ ହସ୍ପିଟାଲର କର୍ମଚାରୀମାନେ ମିଳିତ ଭାବେ ପରିଚାଳନା କରିଥିଲେ।

## ସତ୍ୟବାଦୀ କୋର୍ଟ ପରିସରରେ ପ୍ରଥମ ଲୋକ ଅଦାଲତ



**ସତ୍ୟବାଦୀ,୯।୫ (ସଂଚାର ବ୍ୟୁରୋ):** ସତ୍ୟବାଦୀ ସ୍ଥିତ ଦେୱାନୀ ବିଚାରପତି ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଆଜି ପ୍ରଥମ ଥର ଲୋକ ଅଦାଲତ ମାଜିଷ୍ଟ୍ରେଟ୍ ସିଦ୍ଧାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଧାନ ଯୋଗ୍ୟ ଅପରାଧିକ ମାମଲା ୧୨, ଚୁକ୍ତି ବିନିମୟ ଭିତ୍ତିକ ମାମଲା ୧, ପୁଲିସ ଦ୍ୱାରା ଦାଖଲ ହୋଇଥିବା ଚୁରନ୍ତ ରିପୋର୍ଟ ମାମଲା ୩୫ ସହ ମୋଟ ୪୮ଟି କେସ ବାବଦକୁ ଏକଲକ୍ଷ ଟଙ୍କା ଜୋରିମାନା ରାଶି ଆଦାୟ କରାଯାଇଥିଲା। ଏଥିରେ ସତ୍ୟବାଦୀରେ ସରକାରୀ ଓକିଲ ତ୍ରିଦିବେସ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଅମ୍ବିକା ପ୍ରସାଦ ମହାପାତ୍ର, ଯୁବ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ବଟକୃଷ୍ଣ ମିଶ୍ର, ଶ୍ରୀବତ୍ସ ମହାପାତ୍ର, ମୋହରିର ନୀଳକଣ୍ଠ ବାରିକ ଓ କୋର୍ଟ ଅଫିସ କାର୍ଯ୍ୟକର୍ତ୍ତା ସାଗରିକା ନନ୍ଦ, ସୁରେଶ କୁମାର ପାଣି, ଶ୍ରୀଧର ଗୋଚ୍ଛାୟତ ପରିଚାଳନାରେ ସହଯୋଗ କରିଥିଲେ।

## ନୀଳଗିରିରେ ଜନ ଆକ୍ରୋଶ ମହିଳା ପଦଯାତ୍ରା

### ବିରୋଧୀ ଇଣ୍ଡି ମେଣ୍ଟ ନେତାଙ୍କ କୁଶ ପୁତ୍ତଳିକା ଦାହ

**ନୀଳଗିରି, ୯।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱ ତଥା ନୀଳଗିରି ନଗର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ବଜାରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅପରାହ୍ନ ୪.୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଯାଇଛି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ଇଣ୍ଡି ମେଣ୍ଟର ମହିଳା ବିରୋଧୀ ମାନସିକତା ବିରୋଧରେ ନୀଳଗିରିର ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇଥିଲେ। ପ୍ରତିବାଦ ସ୍ୱରୂପ ନୀଳଗିରି ମେଡିକାଲ ଛକ ଠାରୁ ମହିଳାମାନେ ନାରାବାଜି କରି ପଦଯାତ୍ରାରେ ବାହାରି ନୀଳଗିରି ଦୁର୍ଗମଣ୍ଡପ ଠାରେ ପହଞ୍ଚିଥିଲେ। ସେଠାରେ ମହିଳା ମାନଙ୍କୁ ସାମ୍ବିଧାନିକ ଅଧିକାରରେ ବାଧକ ସୃଷ୍ଟି କରୁଥିବା ଇଣ୍ଡି ମେଣ୍ଟର ପ୍ରମୁଖ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜି, ମଲିକାର୍ଜୁନ ଖଡ଼ଗେ ପ୍ରମୁଖ ବିରୋଧୀ ମେଣ୍ଟର ଅନ୍ୟାନ୍ୟ ନେତାଙ୍କ କୁଶପୁତଳିକା ଦାହ କରିଥିଲେ। ପରବର୍ତ୍ତୀ ସମୟରେ ନୀଳଗିରି ଡାକ ବଙ୍ଗଳା ପରିସରରେ ୫ ଘଟିକା ସମୟରେ ଏକ ମହିଳା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର ଓ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ମହିଳାମାନଙ୍କର ସମାଗମ ହୋଇଥିଲା ।

## ପିକ୍‌ଅପ ଭ୍ୟାନ ଓଲଟି ୨୦ରୁ ଊର୍ଦ୍ଧ୍ୱ ଆହତ

**ହିଞ୍ଜିଳିକାଟୁ, ୯।୫ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟବର୍ତ୍ତୀ ବାଳକୃଷ୍ଣପୁର ମୁଖ୍ୟରାସ୍ତାର ରାଇସ ମିଲ ସମ୍ମୁଖରେ ଅସାବଧାନତାବଶତଃ ପିକ ଅପ ଭ୍ୟାନ ଓଲଟି ନନ୍ଦିକ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ କୈବର୍ତ୍ତ ଆହତ ହୋଇଛନ୍ତି | ସେମାନେ ଲକ୍ଷ୍ମୀପୁରସ୍ଥିତ ନାଉଳି ସ୍ଥାନକୁ ମାଛ ଧରିବାକୁ ଯାଉଥିବା ବେଳେ ସକାଳ ୬ ଘଣ୍ଟ ସମୟରେ ଅଘଟଣ ଫଳରେ ସମସ୍ତଙ୍କୁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି | ସୁରେନ୍ଦ୍ର ବେହେରା (୫୦), ସନ୍ତୋଷ ବେହେରା (୩୬) ଓ ମଙ୍ଗୁଲୁ ବେହେରା (୬୦)ଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି |



## ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ପାଳିତ

**ବେତନଟୀ,୯।୫ (ସଂଚାର ବ୍ୟୁରୋ):** ଆଜି ବେତନଟୀ ବହୁଭାଷୀ ଅନୁଷ୍ଠାନ କବି ସଂଗମ ପକ୍ଷରୁ ସ୍ଥାନୀୟ ଧର୍ମଶାଳା ଠାରେ ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ଅତିଥି ମାନେ ପୁଷ୍ପ ମାଲ୍ୟ ଅର୍ପଣ କରିବା




ପରେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବାସୁଦେବ ନାପିତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପରେ ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁରଙ୍କର ଜନ୍ମ ଜୟନ୍ତୀ ପାଳନ କରିବା ନେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

ଏହି ଉତ୍ସବରେ ବେତନଟୀ ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ତଥା ଉତ୍କଳ ସାହିତ୍ୟ ସମାଜ କଟକ ର ଉପ ସଭାପତି ଡକ୍ଟର ରମାକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଏବଂ ବେତନଟୀ ମୟୂର ସାହିତ୍ୟ ସଂସଦର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଶ୍ୱ କବିଙ୍କର ଭାରତୀୟ ଭାଷା ସାହିତ୍ୟ କୁ ଅବଦାନ ସଂପର୍କରେ ଆଲୋଚନା କରିବା ସହିତ ବିଶ୍ୱ କବି ମାନ୍ୟତା ପାଇଥିବା ହେତୁ ସେ ମାନବବାଦ ର ପ୍ରଚାରକ ଥିଲେ ବୋଲି କହିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ମୟୂର ସାହିତ୍ୟ ସଂସଦର ସଂପାଦକ ନିରୋଦ ସୁନ୍ଦର ଜେନା ସମ୍ମାନିତ ବକ୍ତା ଭାବେ ସହଦେବ ଗିରି ଗୁରୁ ଚରଣ ଭୂୟାଁ ଦୁର୍ଯ୍ୟୋଧନ ସିଂ ପ୍ରମୁଖ ରବି ଠାକୁରଙ୍କ ଜୀବନ ଦର୍ଶନ ଉପରେ ସ୍ମୃତି ଚାରଣ କରିବା ସହିତ ତାଙ୍କ ସାହିତ୍ୟ ସୃଷ୍ଟି ରେ ହୃଦୟକୁ ଛୁଇଁବା ଭଳି ଆବେଗ ଥିଲା ବୋଲି କହିଥିଲେ । ଶେଷରେ କମଳ ଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ନୂତନ କାର୍ଯ୍ୟକର୍ତ୍ତା ଚୟନ

**ସୁନ୍ଦରଗଡ଼, ୯।୫ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏବଂ ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ସନ୍ତୋଷ ତିର୍କୀଙ୍କ ଅନୁମୋଦନକ୍ରମେ ବିଜେପି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀମାନଙ୍କ ନାମ ଘୋଷଣା କରାଯାଇଛି।

ନବଗଠିତ କମିଟିରେ ଜିଲ୍ଲା ଉପସଭାପତି ଭାବେ ମଖୁ ଟପ୍ପୋ, ରାଜେନ କେରକେଟା, ହେମନ୍ତ କୁମାର ନାଏକ, ଦେବଲାଲ ଲାକ୍ରା, ଦାସରଥୀ କିଷାନ ଏବଂ ହୀରାଧର ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ହେମନ୍ତ କିଷାନ ଓ ତପସିଲ ପ୍ରଧାନଙ୍କୁ ମନୋନୀତ କରାଯାଇଛି।

ଜିଲ୍ଲା ସମ୍ପାଦକ ଭାବେ ମଞ୍ଜୁ ମିଞ୍ଜ, ନିଆଲି କୁଜୁର, ଜ୍ୟୋତ୍ସ୍ନା ମଲିକ, ତପସ୍ୱିନୀ ମାଝୀ ଓ ଜୟରାମ କିଷାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବୀରେନ୍ଦ୍ର ଟପ୍ପୋଙ୍କୁ ନିଯୁକ୍ତ କରାଯାଇଛି। ଏଥିସହିତ ଆଇଟି ସେଲର ଦାୟିତ୍ୱ ମମତା ଖାଲଖୋ ଏବଂ ମିଡ଼ିଆ ସେଲର ଦାୟିତ୍ୱ ଶଙ୍କର ମାଝୀଙ୍କୁ ପ୍ରଦାନ କରାଯାଇଛି।

ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ପରିବାର ପକ୍ଷରୁ ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ସମସ୍ତ ପଦାଧିକାରୀଙ୍କ ଦୃଢ଼, ସକ୍ରିୟ ଓ ସମର୍ପିତ ନେତୃତ୍ୱରେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାରେ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଂଗଠନ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ ଓ ସଶକ୍ତ ହେବ ବୋଲି ଦଳ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ବୋରିଗୁମ୍ମାରେ ପେଟ୍ରୋଲ, ଡିଜେଲ ଅଭାବ

**ବୋରିଗୁମ୍ମା,୯।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ଏବଂ ଆଖପାଖ ଗ୍ରାମରେ ପେଟ୍ରୋଲ ପମ୍ପ୍ ଗୁଡିକରେ ପେଟ୍ରୋଲ ଏବଂ ଡିଜେଲର କୃତ୍ରିମ ଅଭାବ ଦେଖାଦେଇଛି। ଏପରି ସମସ୍ୟାକୁ ନେଇ ବିଭିନ୍ନ ଗାଡି ମାଲିକଙ୍କ ମଧ୍ୟରେ ଏକ ପ୍ରକାର ଛନକା ଦେଖାଦେଇଛି।




ଗତକାଲି ସଂଧ୍ୟା ଏବଂ ଆଜି ପୂର୍ବାହ୍ନରେ ସହରର ନବରଙ୍ଗପୁର ରାସ୍ତା ଏବଂ ଜୟପୁର ରାସ୍ତା ଖୁଡିଗୁଡା ଠାରେ ରହିଥିବା ପେଟ୍ରୋଲ ପମ୍ପରେ ବାଇକ, ଅଟୋ, ଚାରି ଚକିଆ ଯାନ ଗୁଡିକ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହିପରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗ ପକ୍ଷରୁ ବୋରିଗୁମ୍ମା ଯୋଗାଣ ଅଧିକାରୀ ସମେଶ୍ୱର ବେହେରାଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ସହର ଏବଂ ବୋରିଗୁମ୍ମା ବ୍ଲକ ମଧ୍ୟରେ ଥିବା ୭ ଗୋଟି ପେଟ୍ରୋଲ ପମ୍ପ ଗୁଡିକରେ ପହଞ୍ଚି ପେଟ୍ରୋଲ ଓ ଡିଜେଲ ଷ୍ଟକର ଯାଞ୍ଚ କରିଥିଲେ ଏବଂ ତୁରନ୍ତ ଆବଶ୍ୟକ ତୈଳ ରଖିବାକୁ ନିର୍ଦ୍ଦେଶ ଦେବା ସହିତ ତାଗିଦ କରିଥିଲେ।

ସହରରେ ଆଜି କେବଳ ନବରଙ୍ଗପୁର ରାସ୍ତା ଏବଂ ଜୟପୁର ରାସ୍ତାର ଖୁଡ଼ିଗୁଡା, ହାଟପଦା ରାସ୍ତା ଓ ହୋର୍ଦୋଳି ଛକ ଠାରେ ରହିଥିବା ଚାରିଗୋଟି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ରହିଥିବା ସହିତ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ବେଳେ ଅନ୍ୟାନ୍ୟ ପେଟ୍ରୋଲ ପମ୍ପରେ ଷ୍ଟକ ନଥିବା ଯୋଗୁଁ ପେଟ୍ରୋଲ ପମ୍ପରେ ପ୍ରବଳ ଭଡ଼ି ଦେଖାଦେଇଥିଲା। ତେଣୁ ସହରରେ ଏକ ପ୍ରକାର ପେଟ୍ରୋଲ ଓ ଡିଜେଲ ପାଇଁ ହା ହା କାର ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଣ ବିଭାଗର ଅଧିକାରୀ ପହଞ୍ଚି ସମସ୍ତେ କିଭଳି ପେଟ୍ରୋଲ ଓ ଡିଜେଲ ପାଇବେ ସେଥିନେଇ ପ୍ରତ୍ୟେକ ବାଇକ ପିଛା ୨୦୦ ଟଙ୍କା ଏବଂ ଚାରିଚକିଆ ଯାନ ପିଛା ୫୦୦ ଟଙ୍କାର ପେଟ୍ରୋଲ ଦେଇଥିଲେ। ସେହିପରି ଡିଜେଲ ୪ ଚକିଆ ଯାନ ପାଇଁ ଏକ ହଜାର ଟଙ୍କାର ଏବଂ ଟ୍ରକ ଓ ବସର ଯାତ୍ରା ଅନୁଯାୟୀ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଡିଜେଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଜରୁରୀକାଳୀନ ସେବା ପାଇଁ ସମସ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ସର୍ବନିମ୍ନ ୨ହଜାର ଏବଂ ଡିଜେଲ ସର୍ବନିମ୍ନ ୪ ହଜାର ଲିଟର ଷ୍ଟକ ରଖିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଜଡ଼ାମାହାରେ ହାତୀ ଆତଙ୍କ, ରୋଷେଇଘର ଭାଙ୍ଗିଲା

**ଫୁଲବାଣୀ, ୯।୫ (ସଂଚାର ବ୍ୟୁରୋ):** କିଛି ଦିନର ବ୍ୟବଧାନ ପରେ ପୁଣିଥରେ ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି ଗ୍ରେଶିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଏକ୍ ନମ୍ବର ୱାର୍ଡର ଜଡାମାହା ଗ୍ରାମରେ ରାତ୍ରି ସମୟରେ ଏକ ଦନ୍ତା ହାତୀ ପ୍ରବେଶ ନିଦ୍ରାବତି ପ୍ରଧାନଙ୍କ ରୋଷେଇ ଘର ଭାଙ୍ଗି ଦେଇଥିବା ସୂଚନା ମିଳିଛି। ନିଦ୍ରାବତୀ ଏକୁଟିଆ ସେହି ଘରେ ରହୁଛନ୍ତି । ହାତୀ ଭାଙ୍ଗିବା ଫଳରେ ସେ ଭୟଭୀତ ହୋଇଥିବା ସୂଚନା ରହିଛି । ସ୍ଥାନୀୟ ଅଞ୍ଚଳରେ ହାତୀଟି କେତେବେଳେ କାହାର ଘର ଭାଙ୍ଗୁଥିବା ବେଳେ, କେତେବେଳେ ଦେଖାଯାଉଛି। ଆମ୍ବ ଓ ପଣସ ଖାଇବା ପାଇଁ କଦଳୀ ଗଛ ନଷ୍ଟ କରି ଖାଉଥିବା ବାଡ଼ି ବଗିଚାରେ ପ୍ରବେଶ କରୁଥିବା ସହ



ମୁଖ୍ୟ ରାସ୍ତା ଅତିକ୍ରମ କରି ଲୋକମାନଙ୍କ ମଧ୍ୟରେ ଭୟର ପରିବେଶ ଅଞ୍ଚଳ ବାସୀ ଆତଙ୍କିତ କରୁଛି। ଫଳରେ ଅବସ୍ଥାରେ ଦିନ କାଟୁଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଗ୍ରେଶିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ ନିଦ୍ରାବତି ପ୍ରଧାନଙ୍କ ଘରେ ପହଞ୍ଚି କ୍ଷୟକ୍ଷତିର ଅବସ୍ଥା ବୁଝି ଥିଲେ। ସେହିପରି ବନ ବିଭାଗର କର୍ମଚାରୀମାନେ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି।

## ଖୋର୍ଦ୍ଧା ଶରଧାପୁର-ପିତାପଲ୍ଲୀ ରାସ୍ତା କାମ ଆରମ୍ଭ

# ବିକାଶ ଓ ସେବାର ଦଳ ନ ଥାଏ: ଅପରାଜିତା

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଶନିବାର ଦିନ ଆରମ୍ଭ ହୋଇଛି ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ, ଶରଧାପୁର ଠାରୁ ପିତା ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଉନ୍ନତି

### ଖୁବ୍ ଶୀଘ୍ର ୮୩୦୬ କୋଟି ଟଙ୍କାର ରିଂ ରୋଡ୍

### ଥଇଥାନ ପରେ ହେବ ବିକାଶ କାର୍ଯ୍ୟ




କରଣ କାମ। ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆସନ୍ତା ୩ ମାସ ମଧ୍ୟରେ ସମ୍ପନ୍ନ ହେବାକୁ ଥିବା ବେଳେ,ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସୁଶାସନ ମଡେଲ୍‌କୁ ସାଢ଼େ ୪ କୋଟି ଭାରତୀୟ ପସନ୍ଦ କରୁଥିବା ବେଳେ ଏବେ ଓଡ଼ିଶା, ବେଙ୍ଗଲ ସମେତ ୨୧ଟି ରାଜ୍ୟରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସନ କରୁଥିବା ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଏଥିସହ ରାଜ୍ୟରେ ଚାଲୁଥିବା ଡବଲ ଇଞ୍ଜିନ ସରକାର ଯୋଗୁଁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଥିବା ଦର୍ଶାଇଥିଲେ ଅପରାଜିତା। 'ବିକାଶ ଓ ସେବାର କୌଣସି ଦଳ ନ ଥାଏ' କହି ଆଗାମୀ ଦିନରେ ଭୁବନେଶ୍ୱର ଭଳି ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଆହ୍ୱାନ ଦେଇଥିଲେ ସାଂସଦ।

ଅନ୍ୟପଟେ ଖୁବ୍ କମ୍ ସମୟ ମଧ୍ୟରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୮୩୦୬ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଯାଉଥିବା ରାମେଶ୍ୱର ଟାଙ୍ଗୀଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ୧୧୧ କିମି, ୬ ଲେନ୍ ବିଶିଷ୍ଟ ରିଂ ରୋଡ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହାର କାମ ସରିବ ବୋଲି ସାଂସଦ କହିଛନ୍ତି। ତେବେ ସମସ୍ତ କାର୍ଯ୍ୟ ଲୋକଙ୍କ ମତାମତ ନେଇ କରାଯାଉଥିବା ବେଳେ ସୁଶାସନକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପ୍ରତି ମାସେ ୨ ମାସରେ ଅଭିଯୋଗ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଖୋର୍ଦ୍ଧା ବାଇପାସ୍ ରୋଡ କାର୍ଯ୍ୟ ସଠିକ୍ ସମୟରେ ସରିବ ହେବ ବୋଲି କହିବା ସହ କୌଣସି ସ୍ଥାନରେ ବିସ୍ଥାପନ ସମସ୍ୟା ସୃଷ୍ଟି ହେଲେ ପ୍ରଥମେ ଥଇଥାନ ଓ ପରେ ବିକାଶ କାମ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି ଶ୍ରୀମତୀ ଷଡ଼ଙ୍ଗୀ।

ଆଜିର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାଂସଦଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ଜିତୁ ମିତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍ ସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଜାତୀୟ ରାଜପଥ ବିଭାଗର ବରିଷ୍ଠ ଅଧିକାରୀ ପିକେ ପ୍ରଧାନ, ଖୋର୍ଦ୍ଧା ସାଂସଦ ପ୍ରତିନିଧି ଦୀପୁ ହୋତା, ନିକୁଞ୍ଜ ପଟ୍ଟନାୟକ, ରଶ୍ମି ରଞ୍ଜନ ମହାପାତ୍ର, ପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ଭାରତୀ, ଓଡ଼ିଶା ପଶ୍ଚିମର ବାର୍ଷିକ ଉତ୍ସବ

# 'ସେବା ଭାରତୀ' ନିଃସ୍ୱାର୍ଥପର ମାନବସେବାର ଉଦାହରଣ



### ଚାରା ରୋପଣ ସହ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବର୍ଜନ ହେଉ

ସମ୍ବଲପୁର,୯।୫(ସଂଚାର ବ୍ୟୁରୋ): ସେବା ଭାରତୀ କେବଳ ଏକ ସଂଗଠନର ନାମ ନୁହେଁ, ବରଂ ଏହା ନିଃସ୍ୱାର୍ଥପର ସେବାର ଏକ ଅନନ୍ୟ ପ୍ରତୀକ ବୋଲି ଶନିବାର ଏଠାରେ ଆୟୋଜିତ 'ସେବା ଭାରତୀ' ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ସେବା ହିଁ ଭଗବାନ ମନ୍ତ୍ରକୁ ପାଥେୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂସ୍କାର ଓ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରତିଟି କ୍ଷେତ୍ରରେ ଏହି ଅନୁଷ୍ଠାନର ସମର୍ପିତ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ। ସମାଜର ଅବହେଳିତ ଓ ବଞ୍ଚିତ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେବା ଭାରତୀ ଯେଉଁ ସଂକଳ୍ପ ନେଇଛି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଆମେ କାହାକୁ ଦୟା କରିବା ଉଚିତ ନୁହେଁ, କାହାକୁ ଅନୁକମ୍ପା ଦେଖେଇବା ଉଚିତ ନୁହେଁ, ଆମେ ଆମର ନିଜର କର୍ତ୍ତବ୍ୟ କରିବା ଉଚିତ। କର୍ତ୍ତବ୍ୟଟା ଆମର ସମାଜର ସଂସ୍କାର। ସ୍ଥାନୀୟ ପ୍ରସଙ୍ଗ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଭାରତୀ ସଦାସର୍ବଦା ନିଜକୁ ସମାଜ ସହ ଯୋଡ଼ି ରଖିଛି। ସାମାଜିକ ସ୍ୱାବଲମ୍ବନ ସହ ପାରମ୍ପରିକ କାର୍ଯ୍ୟକ୍ରମ ଏବଂ ପାନୀୟ ଜଳ ବ୍ୟବସ୍ଥା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଏକ ଆତ୍ମୀୟତା ଓ ସାମୂହିକ ସଦଭାବ ସୃଷ୍ଟି କରିବାରେ ଏହି ସଂଗଠନ ସଫଳ ହୋଇଛି। ତେବେ ଆଜି ଜିଲ୍ଲା ପ୍ରଶାସନ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ସେବା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

ଆଜିର ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣକୁ ଏକ ଚିନ୍ତାଜନକ ବିଷୟ ଭାବେ ଦର୍ଶାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ପିଢ଼ିକୁ ସୁସ୍ଥ ଓ ଶିକ୍ଷିତ କରି ଗଢ଼ିତୋଳିବା ଆମ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ। ଏଥିସହ ବଢ଼ୁଥିବା ତାପମାତ୍ରାର ମୁକାବିଲା ପାଇଁ ବ୍ୟାପକ ଚାରା ରୋପଣ ଓ



# କାର୍ ଧକ୍କାରେ ସ୍ୱାମୀ-ସ୍ତ୍ରୀ ମୃତ

## ଫେରାର ବେଳେ ଚକା ହେଲା ପଙ୍କଚର୍

କଲ୍ୟାଣସିଂହପୁର,୯।୫(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ କୃଷ୍ଣନଗର ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦ୍ରୁତଗତିରେ ଆସୁଥିବା ଏକ କାର୍ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍‌ରେ ଯାଉଥିବା ସ୍ୱାମୀ-ସ୍ତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଦେବ ଭତ୍ରା ଓ ତାଙ୍କ ପତ୍ନୀ ଶକୁନ୍ତଳା ଭତ୍ରା। ତେବେ ଦୁର୍ଘଟଣା ଘଟାଇବା ପରେ କାର୍ ଚାଳକ ଫେରାର୍ ହେବା ସକାଶେ ଉଦ୍ୟମ କରୁଥିଲେ ହେଁ ଚକା ପଙ୍କଚର୍ ହେବା ଫଳରେ କାର୍‌ଟି ଅଟକିରହିଥିଲା। କିନ୍ତୁ ଚାଳକ ଜଣକ ଫେରାର୍ ହେବାରେ ସକ୍ଷମ ହୋଇଛନ୍ତି। ତାଙ୍କ ସହ ଗାଡ଼ିରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ବି ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ।

## ● ସମୁଦ୍ର ମଝିରେ ଚୋରା ଡିଜେଲ କାରବାର

# ମାଡ଼ି ବସିଲା ମେରାଇନ ପୁଲିସ୍




ପାରାଦୀପ,୯।୫(ସଂଚାର ବ୍ୟୁରୋ): ସମୁଦ୍ର ମଝିରେ ଚାଲିଥିଲା ଚୋରା ଡିଜେଲ କାରବାର। କୌଣସି ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚି ଏହି କାରବାରକୁ ଭଣ୍ଡୁର କରିଛି ମେରାଇନ୍ ପୁଲିସ୍। ମାଛ ଧରା ଡଙ୍ଗା ମଧ୍ୟରେ ସମୁଦ୍ରରୁ ଡିଜେଲ ଚୋରି କରି କେତେକ ଲୋକ କୂଳକୁ ଆସୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ମେରାଇନ୍ ପୁଲିସ୍ ଦୂର ସମୁଦ୍ର ମଧ୍ୟରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ଗୋଟିଏ ଡଙ୍ଗାରେ ପ୍ରାୟ ୩ ହଜାର ଲିଟର ଡିଜେଲ ରହିଥିବା ଜଣାପଡ଼ିଥିଲା। ଉକ୍ତ ଡଙ୍ଗାକୁ ପୁଲିସ୍ ଜବତ କରିବା ସହ ଜଣେ ଚାଳକଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଚାଳକ ଚତୁରତାର ସହ ଖସିଯିବାରେ ସକ୍ଷମ ହୋଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ତେଲ ଚୋରା ଚାଲାଣରେ ଅନ୍ୟ ରାଜ୍ୟର ଗ୍ୟାଙ୍ଗ ସାମିଲ୍ ଥିବା ସନ୍ଦେହ କରି ପୁଲିସ ମାଷ୍ଟରମାଇଣ୍ଡକୁ ଗିରଫ କରିବା ସକାଶେ ପ୍ରୟାସ ଆରମ୍ଭ କରିଛି। ପାରାଦୀପର ନେହରୁ ବଙ୍ଗଳା ମାଛଧରା ବନ୍ଦର ମଧ୍ୟରେ ଜବତ ଡଙ୍ଗାକୁ ରଖାଯାଇଥିବା ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜିଙ୍ଗ ମାନେ ସୂଚନା ଦେଇଛନ୍ତି।

## ରାଜସ୍ୱ କର୍ମଚାରୀଙ୍କୁ ଗାଳିଗୁଲଜ, ଜଣେ ଗିରଫ



ହାଟଡ଼ିହି, ୯।୫ (ସଂଚାର ବ୍ୟୁରୋ) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ରାଜସ୍ୱ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଧମକ ଘଟଣାରେ ପୁଲିସ ଶନିବାର ଜଣକୁ ଗିରଫ କରିଛି। ଘଟଣା ସମ୍ପର୍କରେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି ଯେ ଗତ ୨୨ ତାରିଖରେ ରାଧିକାଦେଇପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସାମଲଙ୍କ ରିପୋର୍ଟ ଆଧାରେ ଘସିପୁରା ଥାନାରେ ୧୮୮/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ ଉକ୍ତ ଦିନ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ସେ ସମ୍ପର୍କରେ ଘସିପୁରା ତହସିଲଦାରଙ୍କୁ ଅବଗତ କରାଇଥିଲେ। ତେବେ ତହସିଲଦାର ଆସିବା ପୂର୍ବରୁ ଟ୍ରାକ୍ଟର ମାଲିକ ପ୍ରଶାନ୍ତ କୁମାର ଜେନା ଓରଫ ବିଭୁ, ତାଙ୍କ ଭାଇ ସୁଶାନ୍ତ କୁମାର ଜେନା ଓରଫ ବୁବୁ ଓ କାଂସା ଗ୍ରାମର ଜଣେ ସଞ୍ଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏଥିସହ ସେମାନେ ଜବତ ଟ୍ରାକ୍ଟରକୁ ବଳପୂର୍ବକ ଘଟଣାସ୍ଥଳରୁ ନେଇଯାଇଥିଲେ। ରାଧିକାଦେଇପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସାମଲଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ ହୋଇଥିଲା। ମାମଲାରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଅଭିଯୁକ୍ତଙ୍କ ମଧ୍ୟରୁ ସୁଶାନ୍ତଙ୍କୁ ଗିରଫ କରାଯାଇଛି।

# ୧୧ରୁ ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି



ପୁରୀ, ୯।୫ (ସଂଚାର ବ୍ୟୁରୋ): ରତ୍ନଭଣ୍ଡାରର ପୁଣି ଗଣତିମଣତି ହେବ। ଦୀର୍ଘଦିନର ବ୍ୟବଧାନ ପରେ ଆସନ୍ତା ୧୧ରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତିମଣତି କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଓ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତିକାନ୍ତିରେ କୌଣସି ପ୍ରକାର ସମସ୍ୟାକୁ ଏଡ଼ାଇବା ସକାଶେ ଗଣତି ମଣତି କାର୍ଯ୍ୟ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ, ଆସନ୍ତା ୧୧ରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ, ସେନେଇ ସୂଚନା ଦିଆଯିବ ବୋଲି ଡ. ପାଢ଼ୀ କହିଛନ୍ତି।

ପୂର୍ବରୁ ଏପ୍ରିଲ୍ ୧୪ରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଓ ଆରବିଆଇ ଅଧିକାରୀ ଉପସ୍ଥିତ ରହିଥିଲେ। ସିସିଟିଭି ସର୍ଭେଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି। ସେହିପରି ଗଣତି ମଣତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

## ଭୁବନେଶ୍ୱରରେ ବୁଲିଲା ଖଣ୍ଡା

# ପୂର୍ବ ଶତ୍ରୁତାକୁ ନେଇ ହଣାକଟା

ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ରାଜଧାନୀ ପୁଣି ଅଶାନ୍ତ। ଭୁବନେଶ୍ୱର ରାଜରାସ୍ତାରେ ଦିନଦ୍ୱିପ୍ରହରେ ବୁଲିଛି ଖଣ୍ଡା। କ୍ୟାପିଟାଲ୍ ଥାନା କେଦାରପଲ୍ଲୀ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ହଣାକଟା ହୋଇଛି। ଗୋଡ଼େଇ ଗୋଡ଼େଇ ଏକାଧିକ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ହାଣିଛନ୍ତି। ନିକଟସ୍ଥ ଏକ ଦୋକାନର ସିସିଟିଭିରେ ଏହି ଆକ୍ରମଣ ବେଳରେ ଦୃଶ୍ୟ କଏଦ ହୋଇଛି। ମିଳିଥିବା ସୂଚନାନୁଯାୟୀ, କ୍ୟାପିଟାଲ୍ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ହଣାକଟା ହୋଇଛି। ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ଫଳରେ ଯୁବକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ନେଇ ଖବର ପାଇବା ପରେ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଛାନଭିନ୍ କରୁ ଦୁର୍ବୃତ୍ତମାନଙ୍କୁ ଧରିବା ସକାଶେ ପୁଲିସ୍ ଉଦ୍ୟମ କରୁଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍‌କୁ ଏ ଦିଗରେ ସଫଳତା ମିଳିପାରିନାହିଁ।

# ଯାତ୍ରୀବାହୀ ବସ୍ ସହ ଟ୍ରକ୍ ଧକ୍କା

## ଜଣେ ମୃତ, ୧୫ ଆହତ



ଖଲ୍ଲିକୋଟ, ୯।୫ (ସଂଚାର ବ୍ୟୁରୋ) : କୋଦଳା ଥାନା ବାଲି ଢାବା ନିକଟରେ ଆଜି ଏକ ଯାତ୍ରୀବାହୀ ବସ୍‌କୁ ଟ୍ରକ୍ ସମ୍ମୁଖରୁ ଧକ୍କା ଦେବା ଫଳରେ ଏଥିରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଗୁରୁତର ଆହତ ହୋଇଥିବା ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଆଜି ପ୍ରାତଃ ପ୍ରାୟ ୫ଟା ସମୟରେ ଯାତ୍ରୀବାହୀ ବସଟି ଯାତ୍ରୀଙ୍କୁ ନେଇ ଆସିକାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ତେବେ ହଠାତ୍ କୋଦଳା ବାଲି ଢାବା ନିକଟରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ୍ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍ ଓ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବସ୍ ଭିତରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୬ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ସେଠାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଯାତ୍ରୀମାନଙ୍କର ଚିକିତ୍ସା ଜାରି ରହିଛି। ଏନେଇ ଖବର ପାଇ କୋଦଳା ଥାନା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ● ବାଲିଅନ୍ତାରେ ଯୁବକଙ୍କୁ ପିଟି ପିଟି ହତ୍ୟା ଘଟଣା

# ୧୧ରେ ପହଞ୍ଚିଲା ଗିରଫ ସଂଖ୍ୟା



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ବାଲିଅନ୍ତାରେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ସ୍ଥାନୀୟ ଲୋକେ ପିଟିପିଟି ମାରିଦେବା ଘଟଣାରେ ଆଜି ମୋଟ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ୫ ଜଣ ଗିରଫ ହୋଇଥିବା ବେଳେ ଆଜି ଆଉ ୬ ଜଣଙ୍କୁ ପୁଲିସ ଗିରଫ କରିଛି। ତେବେ ଏହି ଗିରଫ ସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଫଳତଃ ଘଟଣାସ୍ଥଳର ଆଖପାଖ ଗାଁଗୁଡ଼ିକୁ ଏବେ ଗିରଫଦାରୀ ଭୟ ଘାରିଛି। କେତେକ ସ୍ଥାନରେ ପୁରୁଷମାନେ ଘର ଛାଡ଼ି ଫେରାର୍ ହୋଇଯାଇଛନ୍ତି। ସେପଟେ ସିସିଟିଭି ଭିଡିଓ ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବାଲିଅନ୍ତା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଏ ସଂକ୍ରାନ୍ତରେ ଡିସିପି ଦେଇଥିବା ସୂଚନାନୁସାରେ, ବାଲିଅନ୍ତା ଥାନାରେ ଦୁଇଟି ପୃଥକ ପୃଥକ ଏତଲା କରାଯାଇଛି। ଅନ୍ୟପକ୍ଷରେ କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସାଙ୍ଗ ଓମ୍ ପ୍ରକାଶ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ସୌମ୍ୟ ଓ ସେ ଗୋଟିଏ ବାଇକରେ ଓଲଟପୁରସ୍ଥିତ ମଉଜପୁରରୁ ଭୁବନେଶ୍ୱର ସତ୍ୟବିହାର ଜିମ୍‌କୁ ଆସୁଥିଲେ। ତେବେ ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ପାର୍ ହେବା ପରେ ମନିପର୍ସ ଘରେ ଛାଡ଼ି ଆସିଛି ବୋଲି ସୌମ୍ୟ କହିଥିଲେ। ଓମ୍ ଗାଡ଼ି ବୁଲାଇ ଘରମୁହାଁ ହୋଇଥିଲେ। ତେବେ ଏହି ହଠାତ୍ ସୌମ୍ୟଙ୍କୁ ବାତ ମାରିଥିଲା। ସେ ଅସ୍ୱାଭାବିକ ଆଚରଣ ଦେଖାଇବା ଆରମ୍ଭ କରିଦେଇଥିଲେ। ସେ ଓମଙ୍କ ବେକକୁ ଜୋରରେ ଧରି ପକାଇଥିଲେ। ଫଳରେ ଓମ୍ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ବସିଲେ ଏବଂ ଏହି ସମୟରେ ସ୍କୁଟିରେ ଆସୁଥିବା ଦୁଇ ଯୁବତୀଙ୍କ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ତଳେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ସାମାନ୍ୟ ପାଟିତୁଣ୍ଡ ବି ହୋଇଥିଲା। କିନ୍ତୁ ଯୁବତୀଙ୍କୁ ସୌମ୍ୟ କୌଣସି ପ୍ରକାର ଅସଦାଚରଣ କରିଥିବା ଅଭିଯୋଗକୁ ଓମ୍ ଅସ୍ୱୀକାର କରିଛନ୍ତି।

## ବରମୁଣ୍ଡାରେ ମର୍ମନ୍ତୁଦ ଦୁର୍ଘଟଣା

# ଟ୍ରକ୍ ଧକ୍କାରେ ୩ ମୃତ



ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜରେ ଆଜି ସନ୍ଧ୍ୟାରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା। ଦ୍ରୁତ ଗତିରେ ଯାଉଥିବା ୨ଟି ବାଇକକୁ ଟ୍ରକ୍ ପିଟିବା ଫଳରେ ମୋଟ ୩ ଜଣଙ୍କର ପ୍ରାଣହାନୀ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଯୁବତୀ ବି ଅଛନ୍ତି। ଏହାଛଡ଼ା ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଖଣ୍ଡଗିରି ଥାନା ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଦୁର୍ଘଟଣା ପରେ ଓଭରବ୍ରିଜରେ ଟ୍ରାଫିକ ଜାମ୍ ହୋଇଥିବା ବେଳେ ଟ୍ରାଫିକ ପୁଲିସ ଓ ଆଇଆରବି ଫୋର୍ସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଛନ୍ତି। ତେବେ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ପରିଚୟ ମିଳିପାରିନାହିଁ।

## ୩ଟି ଚକ ସହ ସଂଯୋଗ ହେଲା ଅଖ



ପୁରୀ, ୯।୫ (ସଂଚାର ବ୍ୟୁରୋ) : ଚଳଚଞ୍ଚଳ ରଥଖଳା। ଜୋର୍ସୋର ଚାଲିଛି ବିଶ୍ୱ ନିଅନ୍ତାଙ୍କ ରଥ ନିର୍ମାଣ କାମ। ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ରଥଖଳାରେ ମହାପ୍ରଭୁଙ୍କୁ ଆଜ୍ଞାମାଳ ପହଞ୍ଚିବା ପରେ ୩ ରଥର ଚକ ସହ ଅଖ ସଂଯୋଗ ହୋଇଛି । ୨ଟି ଲେଖାଏଁ ନାହାକା ଚକରେ ଗୋଟିଏ ଲେଖାଏଁ ନାହାକା ଅଖ ଭୁଞ୍ଜା ଯାଇଥିଲା । ପଟୁଆରରେ ପୂଜାପଣ୍ଡା ସାମନ୍ତମାନେ ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ନେଇ ଶ୍ରୀନଅର ସିଂହଦ୍ୱାର ସମ୍ମୁଖକୁ ଆସି ପହଞ୍ଚିଥିଲେ । ଏହା ପୂର୍ବରୁ ଆଗେ ଭୋଇ ସେବକମାନେ ରଥ ଖଳାରୁ ନାହାକା ଚକ ବୋହି ଆଣି ଅଖ ସହ ଯଥା ସ୍ଥାନରେ ରଖିଥିବେ। ୩ ରଥର ତିନି ମୁଖ୍ୟ ବିଶ୍ୱକର୍ମା ସଂଯୁକ୍ତ ଚକର ତୁମ୍ବରେ ଖଣ୍ଡୁଆ ପକାଇଲେ। ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଲାଗି କରିଥିଲେ ।

# ୧୮ ପର୍ଯ୍ୟନ୍ତ ତାତିରୁ ତ୍ରାହି ନାହିଁ




ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ): ବଢ଼ିଛି ବାତ୍ୟା ଆଶଙ୍କା। ଦକ୍ଷିଣ ଆଣ୍ଡମାନ ସାଗର ଓ ତା'ର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଆସନ୍ତା ୧୨ ତାରିଖ ବେଳକୁ ଲଘୁଚାପର ରୂପ ନେବ। କିନ୍ତୁ ଏହାର ଦିଗ ବଙ୍ଗୋପସାଗର ପଟକୁ ହେବ ତାହା ସ୍ପଷ୍ଟ ନାହିଁ। ବର୍ତ୍ତମାନ ଏହାର ଦିଗ ତାମିଲନାଡୁ ପଟକୁ ରହୁଥିବା ପୂର୍ବାନୁମାନ କରାଯାଇଛି। ଏହା ପ୍ରଭାବରେ ରାଜ୍ୟରେ ବଢ଼ିବ ତାତି। ୧୩ରୁ ପାରଦ ବଢ଼ିବାକୁ ନେଇ ଆଜି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଦକ୍ଷିଣ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ହୋଇଥିବା ବେଳେ ଏହା ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ୧୨ ତାରିଖ ସୁଦ୍ଧା ଲଘୁଚାପ ଓ ପରେ ଏହା ଗଭୀର ଅବପାତର ରୂପ ନେବ। ଏହା ଆହୁରି ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଥିବା ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ କହିଛନ୍ତି। କିନ୍ତୁ ଏହାର ପ୍ରଭାବ ବର୍ତ୍ତମାନ ତାମିଲନାଡୁ ଉପକୂଳ ପଟକୁ ଦେଖାଉଥିବା ସେ କହିଛନ୍ତି। ବାତ୍ୟା ରୂପ ନେଲେ ବି ଏହା ସେତେଟା ତୀବ୍ର ରୂପ ନେବ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି। ଏପଟେ ରାଜ୍ୟ ଉପରେ ଏକ ଟ୍ରାପଲାଇନ ଥିବାରୁ ଏହା ପ୍ରଭାବରେ ଦକ୍ଷିଣ ଆଣ୍ଡମାନ ସାଗରରେ ଥିବା ଘୂର୍ଣ୍ଣିବଳୟ ବଙ୍ଗୋପସାଗର ପଟକୁ ଆସିବି କି ନାହିଁ ସେ ଚିତ୍ର ସ୍ପଷ୍ଟ ହୋଇନାହିଁ। ଅବଶ୍ୟ ଆସନ୍ତା ୧୩ ତାରିଖ ପରେ ଚିତ୍ର ସ୍ପଷ୍ଟ ହେବ। ଏହି ଦୁଇଟି ସିଷ୍ଟମ୍ ମିଶିଥିବାରୁ କାଳବୈଶାଖୀ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଯେତିକି ମାତ୍ରରେ ଘଡ଼ଘଡ଼ି ସହ ବର୍ଷା ହେବା କଥା, ସେତିକି ହେଉନାହିଁ।

ଦକ୍ଷିଣ ଆଣ୍ଡମାନ ସାଗରରେ ଥିବା ଏହି ସିଷ୍ଟମ ଯୋଗୁଁ ରାଜ୍ୟରେ ପାରଦ ବଢ଼ିବ। ୧୩ ତାରିଖ ପରଠାରୁ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଆସନ୍ତା ୧୪ ଓ ୧୫ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ହେବାର ସମ୍ଭାବନା ରହିଛି। ସେହିପରି ୧୬ରୁ ୧୮ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶାରେ ମଧ୍ୟ ପାରଦ ବଢ଼ିପାରେ। ଅସହ୍ୟ ଗୁଳୁଗୁଳି ଓ ଗରମ ଅନୁଭୂତ ହେବ ଓ ଏହା ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୧୮ ତାରିଖ ବେଳକୁ ଆଉ ଏକ ସିଷ୍ଟମ୍ କେନ୍ଦ୍ର ବଙ୍ଗୋପସାଗରଠାରେ ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଅନେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ଥିବାରୁ ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ପିଟିପିଟି ହରିଣକୁ ମାରିଦେଲେ



ସୋରଡ଼ା,୯।୫(ସଂଚାର ବ୍ୟୁରୋ): ସୋରଡ଼ାରେ ଘଟିଛି ଏକ ଅଭାବନୀୟ ଘଟଣା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ସେଣ୍ଟ୍ରାଲ ରେଞ୍ଜ ଅଧୀନ ଖପରାଗଣ୍ଡା ଶିବାନୀ ରାଇସ ମିଲ ନିକଟରେ ଗୋଟିଏ ହରିଣକୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଗାଁ ନିକଟ ଜଙ୍ଗଲରେ ଅଧିକାଂଶ ସମୟରେ ହରିଣ, ସମ୍ବର ଦେଖାଯାଅନ୍ତି। ତେବେ କିଛି ଅସାଧୁ ବ୍ୟକ୍ତି ଆଜି ଏକ ବଡ଼ ହରିଣକୁ ଗୋଡାଇ ଗୋଡ଼ାଇ ପିଟିଥିଲେ। ଏହାପରେ ତାକୁ ଏକ କାତିରେ ହାଣିଦେଇଥିଲେ। ଏହି ସମୟର ଭିଡିଓ ସିସିଟିଭିରେ କଏଦ ହୋଇଛି। ଏନେଇ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ବ୍ୟବଚ୍ଛେଦ ପାଇଁ ନେଇଥିବା ଜଣାପଡ଼ିଛି। ସେହିପରି ରେଞ୍ଜର ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ଜଙ୍ଗଲରେ ବାରମ୍ବାର ପଶୁ ଶିକାର ହେଉଥିବା ଖବର ମିଳୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଠୋସ୍ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ମେ'୧୫ ପୂର୍ବରୁ ଭାରତରେ ବଢ଼ିବ ପେଟ୍ରୋଲ ଏବଂ ଡିଜେଲ ଦର!



ନୂଆଦିଲ୍ଲୀ, ୯।୫: ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବେ ବି ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି। ଏହାରି ଭିତରେ ଏପରି ଏକ ଖବର ସାମ୍ନାକୁ ଆସିଛି, ଯାହା ଆପଣଙ୍କୁ ଚିନ୍ତାରେ ପକାଇବ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇପାରେ। ଏହି ବୃଦ୍ଧି ୧୫ ତାରିଖ ପୂର୍ବରୁ ଆଶା କରାଯାଉଛି। ସୂତ୍ର ଅନୁସାରେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ଏହା ତୈଳ କମ୍ପାନୀଗୁଡ଼ିକ ଉପରେ ଯଥେଷ୍ଟ ଆର୍ଥିକ ଚାପ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉପରମୁହାଁ। ବ୍ୟାରେଲ ପିଛା ଏହା ୭୦ ଡଲାରରୁ ବଢ଼ି ହୋଇଛି ୧୨୬ ଡଲାର। କିନ୍ତୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ରହିଛି ସ୍ଥିର। ଏଭଳି ସ୍ଥିତିରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକର କ୍ଷତି ବଢ଼ିଚାଲିଛି। ଆଗକୁ ଏହି ବୋଝର କିଛି ଭାଗ ଖାଉଟିଙ୍କୁ ମୁଣ୍ଡାଇବାକୁ ପଡ଼ିପାରେ। ଏକ ସୂତ୍ରରୁ ଜଣାପଡ଼ିଛି, ମେ' ୧୫ ପୂର୍ବରୁ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିପାରେ।

ପେଟ୍ରୋଲିୟମ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ଯୋଗୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍ପିଜି ବିକ୍ରିରେ ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଙ୍କ ମାସିକ କ୍ଷତି ୩୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ବର୍ଦ୍ଧିତ ଅନ୍ତର୍ଜାତୀୟ ଦରର ପ୍ରଭାବକୁ ସୀମିତ କରିବା ପାଇଁ ମାର୍ଚ୍ଚ ଶେଷ ଭାଗରେ କେନ୍ଦ୍ର ସରକାର ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲର ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ କରିଥିଲେ। ଏହାସତ୍ତ୍ୱେ ତୈଳ ରାଷ୍ଟ୍ରାୟତ୍ତ କମ୍ପାନିଗୁଡ଼ିକ ପ୍ରଚୁର ମାତ୍ରାରେ କ୍ଷତି ସହୁଛନ୍ତି।

ଉତ୍ପାଦ ଶୁଳ୍କ ହ୍ରାସ ଯୋଗୁ ମାସକୁ ସରକାର ପ୍ରାୟ ୧୪,୦୦୦ କୋଟି ଟଙ୍କାର ରାଜସ୍ୱ ହରାଉଥିବା ଶର୍ମା କହିଛନ୍ତି। ସରକାର ଯଦି ଉତ୍ପାଦ ଶୁଳ୍କକୁ ହ୍ରାସ କରିନଥାନ୍ତେ ତେବେ ଇନ୍ଧନ ବିକ୍ରିରେ ୩ ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଙ୍କ କ୍ଷତି ଆହୁରି ଅଧିକ ହୋଇଥାନ୍ତା ବୋଲି ଶର୍ମା କହିଛନ୍ତି। ହର୍ମୁଜ ମାର୍ଗ ଅବରୋଧ ଫଳରେ ବିଶ୍ୱର ୨୦% ତୈଳ ପରିବହନ ଠପ୍ ହୋଇଯାଇଛି। ଏସବୁ ବାହ୍ୟ ଝଟ୍କା ସତ୍ତ୍ୱେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ସ୍ଥିର ରହିଛି। ରିଟେଲ ଦର ଏବଂ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ ମଧ୍ୟରେ ତାଳମେଳ ନାହିଁ। ଉଭୟ ସରକାର ଏବଂ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକ ସମାନ ଭାବେ ବୋଝକୁ ବହନ କରୁଛନ୍ତି। ଲିଟର ପିଛା ପେଟ୍ରୋଲ ଉପରେ ସରକାର ଏବଂ ତୈଳ କମ୍ପାନିଗୁଡ଼ିକ ୨୪ ଟଙ୍କା ପର୍ଯ୍ୟନ୍ତ କ୍ଷତି ସହୁଛନ୍ତି।

ସେହିଭଳି ଲିଟର ଡିଜେଲରେ କ୍ଷତି ପରିମାଣ ରହିଛି ୩୦ ଟଙ୍କା। ସୂତ୍ର ଅନୁସାରେ, ଯଦି ଦରବୃଦ୍ଧିକୁ ଅନୁମୋଦନ ମିଳେ ତେବେ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦର ୪ରୁ୫ ଟଙ୍କା ଓ ଘରୋଇ ଏଲ୍ପିଜି ସିଲିଣ୍ଡର ୪୦ରୁ୫୦ ଟଙ୍କା ମହଙ୍ଗା ହୋଇପାରେ। ଯଦି ଏହା ହୁଏ ୪ ବର୍ଷ ମଧ୍ୟରେ ଉଭୟ ଇନ୍ଧନ ଦରରେ ଏହା ହେବ ବୃହତ୍ ସଂଶୋଧନ।


# 'ଖିମଜି ଜୁଏଲର୍ସ'ରେ ମଦର୍ସ ଡେ' ପାଳିତ

ଭୁବନେଶ୍ୱର, ୯।୫: ପିଢ଼ିପିଢ଼ି ଧରି ମା'ମାନେ ନିରବ ଭାବରେ ଆମ ଜୀବନକୁ ଗଢ଼ି ତୋଳିଛନ୍ତି। ସେମାନଙ୍କର ସ୍ନେହ, ତ୍ୟାଗ ଓ ସଂସ୍କାର ଆମ ସ୍ୱପ୍ନକୁ ଆକାର ଦେଇଛି। ସେହି ଅମୂଲ୍ୟ ଭଲପାଇବା ଠିକ୍ ଖିମଜି ଜୁଏଲର୍ସର ସୁନାର ନିର୍ମଳତା ଓ କାରିଗରୀ ପରି ଚିରନ୍ତନ ଓ ଉଜ୍ଜ୍ୱଳ। ଏହି ମଦର୍ସ ଡେ ଅବସରରେ ଖିମଜି ଜୁଏଲର୍ସ ମା'ଙ୍କ ମାହାତ୍ମ୍ୟକୁ ସମ୍ମାନ ଜଣାଇ ନେଇଆସିଛି ଏକ ବିଶେଷ ଉତ୍ସବ।

୧୯୩୬ ରୁ ଆରମ୍ଭ ହୋଇଥିବା ଐତିହ୍ୟକୁ ବୋକେଇ ଆସୁଥିବା ଖିମଜି ଜୁଏଲର୍ସ ଜାଣେ ଯେ, ଗହଣା କେବଳ ଶୃଙ୍ଗାର ନୁହେଁ। ଏହା ହେଉଛି ଭାବନା, ସ୍ମୃତି ଓ ଅର୍ଥର ଏକ ସୁନ୍ଦର ପ୍ରତିକ। ସୁକୌଶଳରେ ତିଆରି ସୁନାର ହାର, ଆକର୍ଷଣୀୟ ବାଲା ଓ ଆଧୁନିକ ଡିଜାଇନର ପ୍ରତ୍ୟେକ ଗହଣା ଜଣେ ନାରୀଙ୍କ ନିଜସ୍ୱତା ଓ ସୌନ୍ଦର୍ଯ୍ୟକୁ ପ୍ରକାଶ କରେ, ବିଶେଷ କରି ଜଣେ ମା'ଙ୍କୁ। ଏହି ମଦର୍ସ ଡେରେ, ଯିଏ ପିଢ଼ି ପିଢ଼ିକୁ ସ୍ନେହରେ ଗଢ଼ିଛନ୍ତି, ସେହି ମା'ଙ୍କୁ ଦିଅନ୍ତୁ ତାଙ୍କ ଭଲପାଇବା ପରି ଚିରନ୍ତନ ଏକ ଉପହାର। ସମସ୍ତ ମା'ଙ୍କ ପାଇଁ ଡାୟମଣ୍ଡ ଜୁଏଲରୀର ମେକିଂ ଚାର୍ଜ ଉପରେ ମିଳୁଛି ଶତ ପ୍ରତିଶତ ରିହାତି। ମା'ଙ୍କର ସ୍ନେହ, ଶକ୍ତି ଓ ଅସୀମ ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ ଏହି ବିଶେଷ ପ୍ରୟାସ। ଖିମଜି ଜୁଏଲର୍ସର ଏକ ଉପହାର କେବଳ କୃତଜ୍ଞତାର ଚିହ୍ନ ନୁହେଁ, ଏହା ହେଉଛି ପ୍ରତ୍ୟେକ ନିଦ୍ରାହୀନ ରାତି, ପ୍ରତ୍ୟେକ ନିରବ ପ୍ରାର୍ଥନା ଓ ନିସ୍ୱାର୍ଥ ଭଲପାଇବା ପାଇଁ ଏକ ହୃଦୟସ୍ପର୍ଶୀ ଧନ୍ୟବାଦ। ନିର୍ଭରଯୋଗ୍ୟ ଶୁଦ୍ଧତା, ସ୍ୱଚ୍ଛ ମୂଲ୍ୟ ଓ ନିଶ୍ଚିତ କାରିଗରୀ ସହିତ ପ୍ରତ୍ୟେକ ଗହଣାରେ ରହିଛି ଏକ ଆସ୍ଥାର ପ୍ରତିଶ୍ରୁତି, ଠିକ୍ ମା'ଙ୍କ ଭଲପାଇବା ପରି।

ଏହି ମଦର୍ସ ଡେରେ କେବଳ ଶବ୍ଦରେ ନୁହେଁ, ଚିରକାଳ ରହିବା ଭଳି ଏକ ଉପହାରରେ ମା'ଙ୍କୁ କରନ୍ତୁ ସମ୍ମାନ। ଯେପରି ପ୍ରତ୍ୟେକ ଗହଣାରେ ଥାଏ ଗୋଟିଏ କାହାଣୀ, ସେପରି ପ୍ରତ୍ୟେକ ମା'ଙ୍କର ମଧ୍ୟ ରହିଛି ଏକ ଅମୂଲ୍ୟ ଗଳ୍ପ। ଓଡ଼ିଶାରେ ୧୧ଟି ଶୋରୁମ ସହ ଖିମଜି ଜୁଏଲର୍ସ ଆଜିବି ଆସ୍ଥା ଓ ଉତ୍କର୍ଷତାର ଐତିହ୍ୟକୁ ଅତୁଟ ରଖି, ପରିବାରମାନଙ୍କ ଜୀବନର ସବୁଠୁ ସ୍ମରଣୀୟ ମୁହୂର୍ତ୍ତକୁ ଅଧିକ ଖାସ କରୁଛି। କାରଣ ପିଢ଼ି ପିଢ଼ି ଧରି ସଂରକ୍ଷିତ ହୋଇ ଆସୁଥିବା ଗହଣା ପରି, ମା'ଙ୍କ ଭଲପାଇବା ମଧ୍ୟ ଚିରନ୍ତନ।





# ଋଣ ପରେ ଋଣ କରୁଛି ପାକିସ୍ତାନ
## ଆଇଏମ୍ଏଫ୍ ଦେଲା ୧.୨ ବିଲିୟନ ଡଲାର ସହାୟତା

ନୂଆଦିଲ୍ଲୀ, ୯।୫: ଦୀର୍ଘ ଦିନ ଧରି ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନ ପାଇଁ ପ୍ରାୟ ୧.୨ ବିଲିୟନ ଡଲାର (ପ୍ରାୟ ୧୧,୩୨୨.୨୫ କୋଟି ଟଙ୍କା)ର ଋଣ ମଞ୍ଜୁର କରିଛି। ଶୁକ୍ରବାର ଆଇଏମ୍ଏଫ୍‌ର କାର୍ଯ୍ୟକାରୀ ବୋର୍ଡ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି, ଯାହା ପାକିସ୍ତାନର ଭୁଶୁଡ଼ି ପଡୁଥିବା ଅର୍ଥନୀତିକୁ କିଛି ମାତ୍ରାରେ ସାହାରା ଦେବ ବୋଲି ଆଶା କରାଯାଉଛି। ପାକିସ୍ତାନକୁ ଏହି ଆର୍ଥିକ ସହାୟତା ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରାଯାଉଛି। ସେପ୍ଟେମ୍ବର ୨୦୨୪ରେ ହୋଇଥିବା ଚୁକ୍ତି ଅନୁଯାୟୀ, ପାକିସ୍ତାନକୁ ମୋଟ ୭ ବିଲିୟନ ଡଲାର ମିଳିବାର ଅଛି। ବର୍ତ୍ତମାନ ଏହି ଅଧୀନରେ ପ୍ରାୟ ୧ ବିଲିୟନ ଡଲାର (୯,୪୩୫.୨୯ କୋଟି ଟଙ୍କା) ଜାରି କରାଯାଇଛି। ରେଜିଲିଏନ୍ସ ଆଣ୍ଡ ସଷ୍ଟେନବିଲିଟି ଫାସିଲିଟି ଜଳବାୟୁ ପରିବର୍ତ୍ତନର ସଙ୍କଟରୁ ରକ୍ଷା ପାଇବା ପାଇଁ ପାକିସ୍ତାନକୁ ଅତିରିକ୍ତ ୨୧ କୋଟି ଡଲାର ପ୍ରଦାନ କରାଯିବ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ପାକିସ୍ତାନ ମୋଟ ୮.୪ ବିଲିୟନ ଡଲାରର ପ୍ୟାକେଜ୍ ମଧ୍ୟରୁ ୪.୫ ବିଲିୟନ ଡଲାର ପାଇସାରିଛି। ଆସନ୍ତା ସପ୍ତାହ ସୁଦ୍ଧା ଏହି ଟଙ୍କା ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ପହଞ୍ଚିବା ପରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୧୭ ବିଲିୟନ ଡଲାର ଅତିକ୍ରମ କରିବ। ଆଇଏମ୍ଏଫ୍ ଏହି ଋଣ ଏମିତି ଦେଇନାହିଁ, ଏଥିପାଇଁ ପାକିସ୍ତାନ ସରକାରଙ୍କୁ ଅନେକ କଠୋର ସର୍ତ୍ତ ପାଳନ କରିବାକୁ ପଡ଼ିଛି। ପାକିସ୍ତାନ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ରଖାଯାଇଥିବା ସମସ୍ତ ଆର୍ଥିକ ଲକ୍ଷ୍ୟକୁ ସଫଳତାର ସହ ପୂରଣ କରିଛି। ଟିକସ ସଂଗ୍ରହ କ୍ଷେତ୍ରରେ




କିଛିଟା ଅଭାବ ପରିଲକ୍ଷିତ ହୋଇଥିଲେ ମଧ ସରକାର ପେଟ୍ରୋଲିୟମ ଲେଭି ଦର ବୃଦ୍ଧି କରି ସେହି କ୍ଷତିକୁ ଭରଣା କରିଛନ୍ତି। ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଆଶ୍ୱାସନା ଦେଇଛନ୍ତି ଯେ ଦେଶ ସଂସ୍କାର ପଥରୁ ଓହରିବ ନାହିଁ। ଆଗାମୀ ବଜେଟ୍ ଆଇଏମ୍ଏଫ୍‌ର ପରାମର୍ଶ କ୍ରମେ ପ୍ରସ୍ତୁତ କରାଯିବ, ଯେଉଁଥିରେ ଆର୍ଥିକ ବିକାଶ ଅପେକ୍ଷା 'ସ୍ଥିରତା' ଉପରେ ଅଧିକ ଧ୍ୟାନ ଦିଆଯିବ। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ସତ୍ତ୍ୱେ ପାକିସ୍ତାନ ନିଜର ଆର୍ଥିକ ଲକ୍ଷ୍ୟରୁ ପଛକୁ ହଟିବ ନାହିଁ। ସରକାର ପ୍ରାୟ ୩.୪ ଟ୍ରିଲିୟନ ଟଙ୍କାର ପ୍ରାଥମିକ ବଜେଟ୍ ବଳକା ଲକ୍ଷ୍ୟ ରଖିଛନ୍ତି। ତେବେ ଏହି କଠୋର ଆର୍ଥିକ ନୀତି ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ବେକାରୀ ଏବଂ ଦାରିଦ୍ର୍ୟତା ବଢ଼ିବାର ଆଶଙ୍କା ଦେଖାଦେଇଛି। ନିଶ୍ଚିତ ଭାବରେ ଆଇଏମ୍ଏଫ୍‌ର ଏହି ସହାୟତା ପାକିସ୍ତାନ ପାଇଁ ଏକ ଅସ୍ଥାୟୀ ଆଶ୍ୱସ୍ତି ଆଣିଛି, କିନ୍ତୁ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ୍ଣ ସୁଧାରିବା ପାଇଁ ଦେଶକୁ ଆହୁରି ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ।

### ଏପ୍ରିଲରେ ଏଲପିଜି ଆମଦାନୀ ଅଧା
# ଭାରତର ଯୋଗାଣ ଉପରେ ଚାପ ସୃଷ୍ଟି କରିଛି ହର୍ମୁଜ ସଙ୍କଟ

ନୂଆଦିଲ୍ଲୀ,୮।୫: ପଶ୍ଚିମ ଏସିଆରେ ଚାଲିଥିବା ବିବାଦ ମଧ୍ୟରେ, ମାର୍ଚ୍ଚ ଆରମ୍ଭରୁ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ଭାରତର ତରଳ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲପିଜି) ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଭାରତ ଏହାର ଏଲପିଜି ଆବଶ୍ୟକତା ପୂରଣ କରିବା ପାଇଁ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରୁ ଆମଦାନୀ ଉପରେ ବହୁତ ନିର୍ଭର କରେ। ଜାହାଜ ଗତିବିଧି ଟ୍ରାକିଂ ଡାଟା ସୂଚାଇ ଦିଏ ଯେ ମାର୍ଚ୍ଚ ଏବଂ ଏପ୍ରିଲରେ ଏଲପିଜି ଆମଦାନୀ ଦ୍ରୁତ ହ୍ରାସ ପାଇଛି, ଯାହା ୨୦୨୫-୨୬ ଅବଧିର ଅଧିକାଂଶ ସମୟ ପାଇଁ ହାରାହାରି ଆମଦାନୀ ସ୍ତରର ଅଧାକୁ ଖସି ଆସିଛି। ହର୍ମୁଜ ପ୍ରଣାଳୀ ଦେଇ ପରିବହନ ଯାତାୟାତ କେବେ ଯୁଦ୍ଧ ପୂର୍ବର ସ୍ୱାଭାବିକ ସ୍ଥିତିକୁ ଫେରିବ ସେ ସମ୍ପର୍କରେ ନିରନ୍ତର ଅନିଶ୍ଚିତତା ଏବଂ ସ୍ୱଚ୍ଛତାର ଅଭାବ ମଧ୍ୟରେ, ଭାରତ ସାମ୍ନାରେ ଥିବା ଏଲପିଜି ଯୋଗାଣର ଚ୍ୟାଲେଞ୍ଜ ଏପର୍ଯ୍ୟନ୍ତ ହ୍ରାସ ପାଇନାହିଁ; ପ୍ରକୃତରେ, ଏହା ଦେଖାଯାଉଛି ଯେ ଆଗାମୀ ଭବିଷ୍ୟତରେ ଯୋଗାଣ ଅଭାବ ମଧ ଜାରି ରହିବ। ହର୍ମୁଜ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଯାହା ଦେଇ ବିଶ୍ୱର ପେଟ୍ରୋଲିୟମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସାଧାରଣତଃ ଗତି କରେ। ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଏହି ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ଏକ ବିରାଟ ହ୍ରାସ ଘଟିଛି। ଭାରତ ଏହାର ପ୍ରାୟ ୬୦% ଏଲପିଜି ବ୍ୟବହାର ଆମଦାନୀ ମାଧମରେ ପୂରଣ କରେ, ଏବଂ ଏହି ଆମଦାନୀର ୯୦% ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରେ। ଏଲଏନଜି ଆମଦାନୀ ମାମଲାରେ (ଯାହା ଉପରେ ଭାରତ ଏହାର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ଅଧା ପୂରଣ କରିବାକୁ ନିର୍ଭର କରେ) ଏହି ପ୍ରଣାଳୀ ୫୫-୬୦% ଅଂଶ ଅଟେ। ଅଶୋଧିତ ତୈଳ ପାଇଁ, ଏହାର ପ୍ରାୟ ୪୦% ଏହି ସାମୁଦ୍ରିକ ମାର୍ଗ ଦେଇ ଆସେ।

କମୋଡିଟି ମାର୍କେଟ ବିଶ୍ଳେଷଣରେ ବିଶେଷଜ୍ଞ ସଂସ୍ଥା କେପ୍ଲରଙ୍କ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୧୧ ମାସ (ଏପ୍ରିଲରୁ ଫେବୃଆରୀ) ମଧ୍ୟରେ ଏଲପିଜିର ହାରାହାରି ମାସିକ ଆମଦାନୀ ପ୍ରାୟ ୨୦ ଲକ୍ଷ ଟନ୍ ଥିଲା। ତଥ୍ୟ ସୂଚିତ କରୁଛି ଯେ ମାର୍ଚ୍ଚ ମାସରେ ଏହି ସଂଖ୍ୟା ୧୧ ଲକ୍ଷ ଟନକୁ ହ୍ରାସ ପାଇଥିଲା ଏବଂ ଏପ୍ରିଲରେ ଆହୁରି ହ୍ରାସ ପାଇ ୯.୫ ଲକ୍ଷ




ଟନ୍ ରେ ପହଞ୍ଚିଛି। ଫଳସ୍ୱରୂପ, ଏହି ବାଧା ଯୋଗୁଁ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଏଲପିଜି ଯୋଗାଣରେ ହ୍ରାସ (ରାସନିଂ) ଆବଶ୍ୟକ ହୋଇଛି, ଯାହା ଦ୍ୱାରା ରୋଷେଇ ପାଇଁ ଏଲପିଜି ଉପରେ ନିର୍ଭର କରୁଥିବା ୩୩ କୋଟି ପରିବାରକୁ ପ୍ରାଥମିକତା ଦିଆଯାଇପାରିବ। ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ, ପରିବାର ଦ୍ୱାରା ଏଲପିଜି ରିଫିଲ୍ ପାଇଁ ବୁକିଂ ମଧ୍ୟରେ ଆବଶ୍ୟକ ସର୍ବନିମ୍ନ ବ୍ୟବଧାନ ମଧ ବୃଦ୍ଧି କରାଯାଇଛି। ଆମଦାନୀ ହ୍ରାସକୁ ଆଂଶିକ ଭାବରେ ପୂରଣ କରିବା ପାଇଁ ଘରୋଇ ରିଫାଇନାରୀଗୁଡ଼ିକ ମଧ ଏଲପିଜି ଉତ୍ପାଦନକୁ ସର୍ବାଧିକ କରିବା ପାଇଁ ପ୍ରୟାସ କରୁଛନ୍ତି; ସମକାଳୀନ ଭାବରେ, ରିଫାଇନାରୀ କମ୍ପାନିଗୁଡ଼ିକ ଯୁକ୍ତରାଷ୍ଟ୍ର, ଅଷ୍ଟ୍ରେଲିଆ ଏବଂ ରୁଷିଆ ଭଳି ଅନ୍ୟ ଅଞ୍ଚଳରୁ ଏଲପିଜି ଯୋଗାଣ (କାର୍ଗୋ) ସଂଗ୍ରହ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି। କୂଟନୈତିକ ପ୍ରୟାସ ମାଧ୍ୟମରେ, ସରକାର ପାରସ୍ୟ ଉପସାଗରରେ ଫସି ରହିଥିବା ନଅଟି ଏଲପିଜି ଟ୍ୟାଙ୍କରକୁ ସଫଳତାର ସହ ଉଦ୍ଧାର କରିପାରିଛନ୍ତି। ଘରୋଇ ଏଲପିଜି ଉତ୍ପାଦନକୁ ସର୍ବାଧିକ କରିବା ପାଇଁ ରିଫାଇନର୍ସଙ୍କ ପ୍ରୟାସ ଯୋଗୁଁ, ପଶ୍ଚିମ ଏସିଆରେ ପୂର୍ବ ଦ୍ୱନ୍ଦ୍ୱ ସ୍ତର ତୁଳନାରେ ଉତ୍ପାଦନ ପ୍ରାୟ ୪୦% ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଯେ ଦେଶର ନିଜସ୍ୱ ଏଲପିଜି ଉତ୍ପାଦନ ବର୍ତ୍ତମାନ ଚାହିଦାର ପ୍ରାୟ ୫୫% ପୂରଣ କରୁଛି, ଯାହା ପୂର୍ବରୁ ୪୦% ଥିଲା। ତଥାପି, ଯୋଗାଣ ନିଅଣ୍ଟ ଏତେ ଅଧିକ ରହିଛି ଯେ, ଏହାକୁ ପୂରଣ କରିବା ବର୍ତ୍ତମାନ ସମୟରେ ଢ଼େର ମୁସ୍କିଲ ଅଟେ।

କାପଲର୍‌ର ମଡେଲିଂ ଏବଂ ରିଫାଇନିଂର ପରିଚାଳକ ସୁମିତ ରିତୋଲିଆଙ୍କ ଅନୁସାରେ, "ନିକଟ ଭବିଷ୍ୟତରେ ଏଲପିଜି ଆମଦାନୀର ଉପଲବ୍ଧତା ସୀମିତ ରହିପାରେ।" "ତଥାପି, ମାର୍ଚ୍ଚ ଏବଂ ଏପ୍ରିଲରେ ଦେଖାଯାଇଥିବା ସମସ୍ୟା ପରି, ଭାରତ ଇରାନ ଏବଂ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ଉତ୍ପାଦକମାନଙ୍କ ସହିତ ନିକଟ ସମନ୍ୱୟ ରକ୍ଷା କରି କିଛି କାର୍ଗୋ ପରିବହନକୁ ସୁରକ୍ଷିତ କରିବାରେ ସଫଳ ହୋଇଛି। ବାଧା ସତ୍ତ୍ୱେ ଅନେକ ଭାରତ ଅଭିମୁଖୀ ଏଲପିଜି ଜାହାଜ ସଫଳତାର ସହିତ ପ୍ରଣାଳୀ ଦେଇ ଗତି କରିଛି...।" ସେ କହିଛନ୍ତି, "ଏଲପିଜି ଉତ୍ସଗୁଡ଼ିକୁ ବିବିଧ କରିବା ପାଇଁ ପ୍ରୟାସ ଜାରି ରହିଥିବାରୁ ଏବଂ ଆମେରିକା ଏବଂ ଅଷ୍ଟ୍ରେଲିଆରୁ ଅଧିକ ଯୋଗାଣ ଆସିବାର ସମ୍ଭାବନା ଥିବାରୁ ମେ ମାସରେ ଆମଦାନୀ ବୃଦ୍ଧି ପାଇବାର ଆଶା କରାଯାଉଛି। ତଥାପି, ସାମଗ୍ରିକ ଯୋଗାଣ ପରିବେଶ ନିକଟ ଭବିଷ୍ୟତରେ କଡ଼ା ରହିବାର ସମ୍ଭାବନା ରହିଛି, ଯାହା ଭାରତର ମୋଟ ଏଲପିଜି ଚାହିଦାକୁ ପ୍ରଭାବିତ କରିବ।"

# ଦେଶରେ ମହଙ୍ଗା ହେଲା ନିରାମିଷ ଓ ଆମିଷ ଥାଳି

ନୂଆଦିଲ୍ଲୀ, ୯।୫:ଏପ୍ରିଲରେ ଘରେ ରୋଷେଇ ହେଉଥିବା ନିରାମିଷ ଓ ଆମିଷ ଥାଳି ମହଙ୍ଗା ହୋଇଛି। କ୍ରିସିଲ ଇଣ୍ଟେଲିଜେନ୍ସର ମାସିକ 'ରୋଟି ରାଇସ୍ ରେଟ୍' (ଆରଆରଆର) ରିପୋର୍ଟ ଅନୁସାରେ ବାର୍ଷିକ ଆଧାରରେ ପ୍ରତି ଥାଳି ପିଛା ବ୍ୟୟ ପ୍ରାୟ ୨% ବଢ଼ିଛି। ଏଥି ପାଇଁ ଟମାଟର, ବନସ୍ପତି ତେଲ ଓ ଏଲପିଜି ସଂକଟକୁ ଦାୟି କରାଯାଇଛି। ରିପୋର୍ଟ ମୁତାବକ ଦକ୍ଷିଣ ଭାରତରେ ଟମାଟର ଚାଷ ଅଞ୍ଚଳ ହ୍ରାସ ଯୋଗୁ ଉତ୍ପାଦନ ପ୍ରଭାବିତ ହୋଇଛି। ଏଣୁ ବଜାରରେ ଟମାଟୋ ଦର ପାଖାପାଖି ୩୮% ପର୍ଯ୍ୟନ୍ତ ବଢ଼ିଛି। ସେହିପରି ବୈଶ୍ୱିକ ଯୋଗାଣ ଚାପ ଯୋଗୁ ବନସ୍ପତି ତୈଳ ଓ ଏଲପିଜି ସିଲିଣ୍ଡର ଦର ୭% ଲେଖାଏଁ ବଢ଼ିଛି। କ୍ରିସିଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର ପୁଷ୍ପେନ ଶର୍ମା କହିଛନ୍ତି ଯେ ଖାଦ୍ୟ ସାମଗ୍ରୀ ଓ ଇନ୍ଧନ ଖର୍ଚ୍ଚ



ବୃଦ୍ଧି ସିଧା ପ୍ରଭାବ ଲୋକଙ୍କ ରୋଷେଇ ଘର ଉପରେ ପଡିଛି। ସେ କହିଛନ୍ତି ଯେ ନିରାମିଷ ଓ ଆମିଷ ଥାଳି ମହଙ୍ଗା ହେବାର ଏହା ହିଁ ମୁଖ୍ୟ କାରଣ। ରିପୋର୍ଟରେ ଏହା ବି ସତର୍କ କରାଯାଇଛି ଯେ ଜୁଲାଇ ଓ ଅଗଷ୍ଟ ମାସରେ ଟମାଟର ଦର ଆହୁରି ବଢ଼ିପାରେ। ଗ୍ରୀଷ୍ମରେ ସ୍ୱଳ୍ପ କୃଷି, ଦୁର୍ବଳ ବଜାର ସଂକେତ ଓ ଉତ୍ତର ଭାରତର ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଗ୍ରୀଷ୍ମ ଲହରର ପ୍ରଭାବ ଏହାର ମୁଖ୍ୟ କାରଣ ହୋଇ ପାରେ। ଆଗାମୀ ଦିନରେ ପିଆଜ ଦର ବୃଦ୍ଧି ନେଇ ମଧ୍ୟ କ୍ରିସିଲ ସତର୍କ କରିଛି। ଚଳିତ ବର୍ଷ ରବି ଫସଲ ଅମଳରେ ୪ରୁ ୬% ପର୍ଯ୍ୟନ୍ତ ହ୍ରାସ ହୋଇଛି। ଏଣୁ ଆଗାମୀ ସମୟରେ ପିଆଜ ଦର ଉଚ୍ଚା ହୋଇପାରେ। ତେବେ ଡାଲି ଦର ଆଶ୍ୱସ୍ତି ଦେଇ ପାରେ। ରିପୋର୍ଟ ଅନୁସାରେ ଅନୁକୂଳ ଆମଦାନୀ ପରିସ୍ଥିତି ଓ ସରକାର ବଫର ଷ୍ଟକ୍ ଜାରି କରିବା ଯୋଗୁ ବଜାରରେ ଲଗାତାର ଯୋଗାଣ ଅବ୍ୟହତ ରହିବ। ଏଣୁ ଡାଲି ପର୍ଯ୍ୟାପ୍ତ ଉପଲବ୍ଧ ହେବା ଯୋଗୁ ଦର ନିୟନ୍ତ୍ରିତ ରହିବ ବୋଲି ଅନୁମାନ କରାଯାଉଛି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୪୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୯,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୪୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୩୧୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୦୧୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୪୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

# ମେଡିକାଲକୁ ଠିକ୍ ସମୟରେ ଆସୁନାହାନ୍ତି ଡାକ୍ତର

## ଚିକିତ୍ସା ନ ପାଇ ରୋଗୀ ହତାଶ

## ଘରୋଇ କ୍ଲିନିକ୍‌ରେ ରୋଗୀ ଦେଖୁଛନ୍ତି ସରକାରୀ ଡାକ୍ତର

## ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି



ଧାମନଗର,୯।୫ (ସଂଚାର ବ୍ୟୁରୋ)ଃ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଅବ୍ୟବସ୍ଥା ଏବେ ଚରମ ସୀମାରେ ପହଞ୍ଚିଛି। ଡାକ୍ତରମାନେ ଠିକ୍ ସମୟରେ ମେଡିକାଲକୁ ଆସୁନଥିବାରୁ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଓପିଡିରେ ଅପେକ୍ଷା କରି ହଇରାଣ ହେଉଛନ୍ତି। ମେଡିକାଲ ବୋର୍ଡରେ ସକାଳ ୮ଟାରୁ ଦିନ ୧୨ଟା ଓ ସନ୍ଧ୍ୟା ୪ଟାରୁ ୬ଟା ପର୍ଯ୍ୟନ୍ତ ଆଉଟଡୋର ସମୟ ଉଲ୍ଲେଖ ଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଶନିବାର ସକାଳ ପ୍ରାୟ ୯ଟା ୩୦ ପର୍ଯ୍ୟନ୍ତ ରୋଗୀମାନେ ଅପେକ୍ଷା କରିଥିଲେ ମଧ୍ୟ ମେଡିକାଲରେ ଜଣେ ଡାକ୍ତରଙ୍କୁ ଛାଡ଼ି ଅନ୍ୟ କୌଣସି ଡାକ୍ତରଙ୍କ ଦେଖା ମିଳିନଥିଲା। ଫଳରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରୋଗୀ ଲମ୍ବା ଲାଇନରେ ଛିଡ଼ା ହୋଇ ରହିଥିବା ବେଳେ କିଛି ରୋଗୀ ତଳେ ବସି ନିଜ ଡ଼ାକ୍ତରଙ୍କୁ ଅପେକ୍ଷା କରିଥିଲେ। ବୃଦ୍ଧ, ମହିଳା ଓ ଶିଶୁ ମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି।

ସକାଳ ୧୦ଟା ସୁଦ୍ଧା ଆଉଟଡୋର ରେଜିଷ୍ଟରରେ ୪୧୫ ନମ୍ବର ସିରିଏଲ ଚାଲିଥିବା ବେଳେ ପ୍ରତିଦିନ ପ୍ରାୟ ୫୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଧାମନଗର ମେଡିକାଲକୁ ଆସୁଥିବା ସୂଚନା ମିଳିଛି। ଏତେ ଅଧିକ ରୋଗୀ ସଂଖ୍ୟା ସତ୍ତ୍ୱେ ପର୍ଯ୍ୟାପ୍ତ ଡାକ୍ତର ଉପସ୍ଥିତ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୩୧ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ନିକଟସ୍ଥ ଭଣ୍ଡାରୀ ପୋଖରୀ ବ୍ଲକର ୨ରୁ ୩ଟି ପଞ୍ଚାୟତର ଲୋକମାନେ ମଧ୍ୟ ଏହି ମେଡିକାଲ ଉପରେ ନିର୍ଭରଶୀଳ ଅଛନ୍ତି। ଏହିଭଳି ସ୍ଥିତିରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଡ୍ୟୁଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଡାକ୍ତରଙ୍କୁ ଦିନକୁ ୮ ଘଣ୍ଟା ଡ୍ୟୁଟି କରିବା ସହ ମେଡିକାଲରେ ସବୁବେଳେ ଜଣେ ଜରୁରୀକାଳୀନ ଡାକ୍ତର ଉପସ୍ଥିତ ରହିବା ଆବଶ୍ୟକ। କିନ୍ତୁ ଏଠାରେ ଜଣେ ଡାକ୍ତର ୨୪ ଘଣ୍ଟା ପାଇଁ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି। ହେଲେ ଡ୍ୟୁଟି ରେଜିଷ୍ଟରରେ ୮ ଘଣ୍ଟିଆ ଡ୍ୟୁଟି ଦର୍ଶାଯାଉଥିବା ବେଳେ ବାକି ସମୟରେ ଡାକ୍ତରମାନେ ବାହାର ଘରୋଇ କ୍ଲିନିକରେ ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ଫଳରେ ସରକାରୀ ମେଡିକାଲକୁ ଆସୁଥିବା ରୋଗୀମାନେ ଠିକ୍ ସମୟରେ ଡାକ୍ତରଙ୍କୁ ନପାଇ ହଇରାଣ ହେଉଛନ୍ତି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଡ୍ୟୁଟି ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିୟମିତ କରିବାକୁ ଦାବି ହେଉଛି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର




ପଟ୍ଟାମୁଣ୍ଡାଇ,୯।୫ (ସଂଚାର ବ୍ୟୁରୋ)ଃପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋସ୍କୋ ଆକ୍ଟ, ଜୁଭେନାଇଲ ଜଷ୍ଟିସ ଆକ୍ଟ ଏବଂ ଭାରତ ସମ୍ବିଧାନ ରେ ଥିବା ନାଗରିକ ମାନଙ୍କର ୧୧ ଗୋଟି ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଶିବିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇ ଯାଇଛି । ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲାଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ଜେ.ଏମ.ଏଫ.ସି.ବିଦ୍ୟୁତଲତା ପ୍ରଧାନ,ଅତିରିକ୍ତ ସିଭିଲ ଜଜ ଡ଼ି. କେ. ବାଲକ୍ରୀଷନ ପକସୋ ଆକ୍ଟ, ଜୁଭିନାଇଲ ଆକ୍ଟର ଆଇନଗତ ଦିଗ ଓ ଭାରତୀୟ ସମ୍ବିଧାନରେ ନାଗରିକଙ୍କ ୧୧ଟି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସମଗ୍ର ଭାରତବର୍ଷରେ କୋମଳମତି ଶିଶୁମାନେ ନିଜ ସମ୍ପର୍କୀୟମାନଙ୍କ ଦ୍ୱାରା ପୀଡିତ ହେଉଥିବାରୁ ଏହାର ପ୍ରତିକାର ପାଇଁ ଯଥାସମ୍ଭବ ସତର୍କତା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଓ ସରକାରୀ ଓକିଲ ଧୀରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ , ଉପସଭାପତି ଗୋପୀନାଥ ତ୍ରିପାଠୀ ଆଇନଜୀବି କୁମାର ସତ୍ୟନାରାୟଣ ନାୟକ, ରିଟେନର ଗୀତାଞ୍ଜଳୀ ପୃଷ୍ଟି ପୋସ୍କୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଜୁଭେନାଇଲ ଜଷ୍ଟିସ ଆକ୍ଟ ବଳରେ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି କହିଥିଲେ ।

## ଫର୍ଣ୍ଣିଚର ପ୍ଲାଜାର ବାର୍ଷିକ ଲଟେରୀ ଉଠାଣ ଶେଷ



ପାରାଦୀପ,୯।୫ (ସଂଚାର ବ୍ୟୁରୋ)ଃ ପାରାଦୀପ ଦୋଛକିରେ ଥିବା ଫର୍ନୀଚର ପ୍ଲାଜାର ବାର୍ଷିକ ଲଟେରୀ ଉଠାଣ ମହା ସମାରୋହରେ ଶେଷ ହୋଇଛି | ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭାସ କୁମାର ମହାନ୍ତି , ଭବାନୀ ଶଙ୍କର ଦାସ , ଦୀନେଶ କୁମାର ବିଶୋଇ , ଶ୍ରୀପତି ସ୍ୱାଇଁ , ବାବର ଦତ୍ତ , ନିରଞ୍ଜନ ଭତ୍ତା , ଦୀପ୍ତି ରଞ୍ଜନ ନାୟକ ଓ ସୁଶୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇ ଫର୍ନୀଚର ପ୍ଲାଜାର ଗୁଣବତ୍ତା ଏବଂ ସର୍ଭିସ ଉପରେ ଆଲୋକପାତ କରିଥିଲେ | ବର୍ଷ ତମାମ ଏଠାରୁ କ୍ରୟ କରିଥିବା ଗ୍ରାହକଙ୍କ ମଧ୍ୟରେ ଲଟେରୀ ଉଠାଣ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା |

## ହାଇୱା-ବାଇକ ଧକ୍କା, ଜଣେ ମୃତ, ଜଣେ ଗୁରୁତର

ଯାଜପୁର, ୯।୫ (ସଂଚାର ବ୍ୟୁରୋ)ଃ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ବିଜୁ ପଟନାୟକ ମାର୍ଗ ର ଜଟିଆ ଷ୍ଟିଲ ସ୍ରମ୍ପାରେ ହାଇୱା ଗାଡି ସହ ବାଇକ ଧକ୍କା ଲାଗି ବାଇକ ଆରୋହୀ ମୃତ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି । ମୃତ ବାଇକ ଆରୋହୀ ଜେନାପୁର ଥାନା କବାଟ ବନ୍ଧର ହିମାଂଶୁ ଶେଖର ଧଳ (୨୫) । ଖବର ପାଇ ଯଖପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ ହିମାଂଶୁ ଏବଂ ଗୁରୁତରଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ହେଲେ ହିମାଂଶୁଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ସ୍କୁଟି ଚାଳକକୁ ଚିକିତ୍ସା ପାଇଁ କଟକ ପଠାଯାଇଥିଲା । ଉଲ୍ଲେଖ ଯୋଗ୍ୟ ଯେ, ପ୍ରଥମେ ବାଇକକୁ ହାଇୱା ଧକ୍କା ଦେବା ପରେ ସେ ଛିଟିକି ପଡି ରାସ୍ତାରେ ଯାଉଥିବା ଏକ ସ୍କୁଟି ଉପରେ ପଡିଥିଲା । ତେବେ ବାଇକ ଆରୋହୀ ହିମାଂଶୁଙ୍କ ମୃତ୍ୟୁ ଘଟି ଥିବାବେଳେ ସ୍କୁଟି ଆରୋହୀ ଗୁରୁତର ହୋଇଥିଲେ ।

## ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୯।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ବିଷ୍ଣୁ ମହାନ୍ତିଙ୍କର ଭୁବନେଶ୍ୱରସ୍ଥିତ କଳିଙ୍ଗ ହସପିଟାଲରେ ବିୟୋଗ ହୋଇଯାଇଛି । ଓଡ଼ିଶାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ପରବର୍ତ୍ତୀ ସମୟରେ ଓଡିଶାରେ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଜୀବନର ଶେଷ ପର୍ଯ୍ୟନ୍ତ କାମ କରୁଥିଲେ । ସିପିଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀର ଅନ୍ୟତମ ବରିଷ୍ଠ ସଭ୍ୟ ସାଥି ବିଷ୍ଣୁ ମହାନ୍ତିଙ୍କ ମୃତ୍ୟୁରେ ରାଜ୍ୟର ଶ୍ରମିକ ଓ ସାମ୍ୟବାଦୀ ଆନ୍ଦୋଳନ ପାଇଁ ଗଭୀର କ୍ଷତ ସୃଷ୍ଟି କରିଛି। ତାଙ୍କର ଏ ଅସମୟରେ ମୃତ୍ୟୁ ସାରା ରାଜ୍ୟବାସୀଙ୍କୁ ଗଭୀର ଆଘାତ ଦେଇଛି। ତାଙ୍କ ସ୍ମୃତିରେ ସ୍ଥାନୀୟ ହୋଟେଲ ଦି ପ୍ୟାଲେସରେ ଏକ ଶୋକ ସଭା ଅନୁଷ୍ଠିତ ହେଇଯାଇଛି । ଏଆଇଟିୟୁସି ଜିଲ୍ଲା ସଭାପତି ବାବାଜୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ (ଏମ)ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ,ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ,ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ଶ୍ରମିକ ନେତା ମାଧବ ଦାସ, କୃଷକସଭା ନେତା ଆଦିକନ୍ଦ ରାଉଳ, ପ୍ରାଧ୍ୟାପକ ଡ଼ ଗିରିଶ ପାତ୍ର, ଶିଶିର କୁମାର ରାଉତ, ଅଧ୍ୟାପକ ବିରେନ କୁମାର ରାଉତ, ହରପ୍ରସାଦ ଜେନା, ଜଳନ୍ଧର ସାହୁ, ସୌମ୍ୟରଞ୍ଜନ ଧଳ ପ୍ରମୁଖ ଗଭୀର ଶ୍ରାଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଏକ ବଡ ଧରଣର ଜିଲ୍ଲା ସ୍ତରୀୟ ଶ୍ରାଦ୍ଧାଞ୍ଜଳି ସଭା କରାଯିବାକୁ ସ୍ଥିର ହୋଇଛି ।

## ଦର୍ଶନ ଏକାଡେମୀର ଗ୍ରୀଷ୍ମକାଳୀନ ଶିବିର ଓ ଔଷଧୀୟ ଚାରା ରୋପଣ



ସୁନ୍ଦରଗଡ଼,୯।୫ (ସଂଚାର ବ୍ୟୁରୋ)ଃ ଗ୍ରୀଷ୍ମ ଛୁଟିକୁ ଶିକ୍ଷା,ସୃଜନଶୀଳତା ଓ ଆନନ୍ଦର ଏକ ସ୍ମରଣୀୟ ଅଭିଜ୍ଞତାରେ ପରିଣତ କରିଛି ଦର୍ଶନ ଏକାଡେମୀ ସୁନ୍ଦରଗଡ଼। ବିଦ୍ୟାଳୟର ପ୍ରଧାନପାଟ କ୍ୟାମ୍ପସ ରେ ଆୟୋଜିତ ଛଅଦିନିଆ ଗ୍ରୀଷ୍ମ କାଳୀନ ଶିବିର ଶନିବାର ଉତ୍ସାହ, ଆନନ୍ଦ ଓ ସ୍ମୃତିମୟ ପରିବେଶ ମଧ୍ୟରେ ସଫଳତାର ସହ ପରି ସମାପ୍ତ ହୋଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଡ. ଆର.ଭି. ପ୍ରଦୀପ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପ ମେ ୪ ତାରିଖରୁ ଠାରୁ ଆରମ୍ଭ ହୋଇଥିଲା।

ଏହି କ୍ୟାମ୍ପରେ ୭୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବିଜ୍ଞାନ ପରୀକ୍ଷା, ମଡେଲ ପ୍ରଦର୍ଶନୀ, ସୃଜନାତ୍ମକ ଖେଳ ଓ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିଥିଲେ। ଶିଶୁମାନଙ୍କ ମନୋବୃତ୍ତି ଓ ଆଗ୍ରହକୁ ଧ୍ୟାନରେ ରଖି କ୍ୟାମ୍ପରେ ଶିକ୍ଷା ସହ ଆନନ୍ଦ କୁ ମିଶାଇ ଏକ ଅନନ୍ୟ ପରିବେଶ ସୃଷ୍ଟି କରାଯାଇଥିଲା। କେବଳ ପାଠ୍ୟମୂଳକ କାର୍ଯ୍ୟକଳାପରେ ସୀମିତ ନ ରହି, ଛାତ୍ରଛାତ୍ରୀମାନଙ୍କ ପାଇଁ ପାହାଡ଼ ଟ୍ରାକିଂ, ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ଅଗ୍ନି ବିନା ଖାଦ୍ୟ ପ୍ରସ୍ତୁତି, ଦଳୀୟ କାର୍ଯ୍ୟକଳାପ ଓ ବ୍ୟବହାରିକ ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଏହି ସମସ୍ତ କାର୍ଯ୍ୟକ୍ରମରେ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହିତ ଭାଗ ନେଇ ନୂତନ ଅନୁଭବ ହାସଲ କରିଥିଲେ।

ଉଦଯାପନୀ ସମାରୋହରେ ଗ୍ରୀନ ମେମୋରୀ କ୍ୟାମ୍ପେନର ସହଯୋଗରେ ଏକ ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ମେମୋରୀ କ୍ୟାମ୍ପେନର ପ୍ରତିଷ୍ଠାତା ଦିଗାମ୍ବର ଉପାଧ୍ୟାୟ ଯୋଗଦାନ କରି ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ଓ ସବୁଜ ଭବିଷ୍ୟତ ଗଠନର ଆବଶ୍ୟକତା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିବା ସହିତ ଗଛ ଲଗାଇବା ସହିତ ସେଗୁଡିକର ସୁରକ୍ଷା ଓ ପରିଚର୍ଯ୍ୟା କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ରେ ୧୦ଟି ଔଷଧୀୟ ଚାରା ରୋପଣ କରାଯାଇଥିଲା।

## ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀମାନଙ୍କ ନାମ ଘୋଷଣା

ସୁନ୍ଦରଗଡ଼,୯।୫ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏବଂ ଅନୁସୂଚିତ ଜନଜାତି ମୋର୍ଚ୍ଚା ର ଜିଲ୍ଲା ସଭାପତି ସନ୍ତୋଷ ତିର୍କୀ ଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀମାନଙ୍କ ନାମ ଘୋଷଣା କରାଯାଇଛି।

ନବଗଠିତ କମିଟିରେ ଜିଲ୍ଲା ଉପ ସଭାପତି ଭାବେ ମଖୁ ଟପ୍ପୋ, ରାଜେନ କେରକେଟା, ହେମନ୍ତ କୁମାର ନାଏକ, ଦେବଲାଲ ଲାକ୍ରା, ଦାସରଥୀ କିଷାନ ଏବଂ ହୀରାଧର ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ହେମନ୍ତ କିଷାନ ଓ ତପସିଲ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଜିଲ୍ଲା ସମ୍ପାଦକ ଭାବେ ମଞ୍ଜୁ ମିଞ୍ଜ, ନିଆଲି କୁଜୁର, ଜ୍ୟୋସ୍ନା ମଲିକ, ତପସ୍ୱିନୀ ମାଝୀ ଓ ଜୟରାମ କିଷାନଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବୀରେନ୍ଦ୍ର ଟପ୍ପୋଙ୍କୁ ନିଯୁକ୍ତ କରାଯାଇଛି। ଏଥିସହିତ ଆଇଟି ସେଲର ଦାୟିତ୍ୱ ମମତା ଖାଲଖୋ ଏବଂ ମିଡ଼ିଆ ସେଲର ଦାୟିତ୍ୱ ଶଙ୍କର ମାଝୀଙ୍କୁ ପ୍ରଦାନ କରାଯାଇଛି। ହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ପରିବାର ପକ୍ଷରୁ ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## ଇନ୍ଦିରାଗାନ୍ଧି ମହିଳା କଲେଜ ଛକ ସମ୍ମୁଖ ପୋଖରୀ ଦଳମୟ



ଯାଜପୁର ରୋଡ଼, ୯।୫ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ୱାର୍ଡ ନଂ-୨୧ରେ ଥିବା ଇନ୍ଦିରାଗାନ୍ଧୀ ମହିଳା କଲେଜ ଛକ ନିକଟ ରାସ୍ତା କଡ଼ ପୋଖରୀରେ ଏବେ ମେଂଚା ମେଂଚା ଦଳ ହୋଇ ପୋଖରୀ ପାଣି କାହାରି କାମରେ ଆସୁନାହିଁ। ଯାହା ଦ୍ୱାରା ସ୍ଥାନୀୟ ଅଂଚଳର ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାସ୍ତା କଡ଼ରେ ଡଷ୍ଟବିନ୍ ଅଭାବରୁ ଲୋକମାନେ ପୋଖରୀ ମଧ୍ୟକୁ ଅଳିଆ ଆବର୍ଜନା ଫିଙ୍ଗୁଛନ୍ତି । ବର୍ଷା ହେଲେ ଅଳିଆରେ ପାଣି ଜମି ମଶା, ମାଛି ଡିମ୍ବ ଦେବାରେ ସହାୟକ ହେଉଛି । ଜନ ସଚେତନତା ଅଭାବରୁ ପୋଖରୀର ପୁନରୁଦ୍ଧାର ହୋଇପାରୁନି । ଅନ୍ଧାର ରାତିରେ ଦଳପୂର୍ଣ୍ଣ ପୋଖରୀ ସବୁଜ ପଡିଆ ପରି ଦୃଶ୍ୟମାନ ହେଉଛି।

ପୂର୍ବରୁ ପୋଖରୀ ପାଣିକୁ ଜନସାଧାରଣ ବ୍ୟବହାର କରୁଥିଲେ । ପୋଖରୀ ହୁଡ଼ାରେ ଶୁଦ୍ଧି କ୍ରିୟା ସମ୍ପନ୍ନ ହେଉଥିଲା । ଲୋକମାନେ ଲିଜ୍ ନେଇ ମାଛ ଚାଷ କରୁଥିଲେ । କିନ୍ତୁ ଏବେ ପୋଖରୀରୁ ଦଳ ସଫା କରାଯାଉନି। ତେଣୁ ଏହି ପୋଖରୀର ଜଳ ପୁନରୁଦ୍ଧାର ଓ ଦଳ ସଫା କରି ପୋଖରୀକୁ ଲୋକଙ୍କ ବ୍ୟବହାର ଯୋଗ୍ୟ କରିବା ଲାଗି ବ୍ୟାସନଗର ପୌର ପ୍ରଶାସନ ଏବଂ ସ୍ଥାନୀୟ କାଉନସିଲର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଯାଜପୁର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

### ୮,୫୬୧ଟି ମକଦ୍ଦମାର ଫଇସଲା, ୭.୮୭ କୋଟି ଟଙ୍କା ଆଦାୟ




ଯାଜପୁର,୯।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ଆଇନ ସେୱା ପ୍ରାଧିକରଣ ଆନୁକୂଲ୍ୟରେ ରିଖ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୮,୫୬୧ ଗୋଟି ମୋକଦ୍ଦମା ଫଇସଲା ହୋଇଛି । ସେଥି ମଧ୍ୟ୍ୟରୁ ୨୯୬ ଗୋଟି ଫୌଜଦାରୀ, ୧୭ ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲା, ୩୧ ଗୋଟି ଦେୱାନୀ, ୧୪ ଗୋଟି ପାରିବାରିକ କଳହ ମୋକଦ୍ଦମା, ଟ୍ରାଫିକ ଚାଲାଣ ୧୫ ଗୋଟି, ଖାଉଟି ସମ୍ବନ୍ଧୀୟ ୪ ଗୋଟି ଏବଂ ରାଜସ୍ୱ ବିଭାଗର ୮୧୮୪ ଟି ମାମଲା ଫଇସଲା କରାଯାଇ ମୋଟ ଟ. ୭,୮୭,୦୩,୨୪୩/- ଙ୍କା ଆଦାୟ କରାଯାଇଛି । ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୩୦ ଗୋଟି, ବିଦ୍ୟୁତ ବିଭାଗର ୨୭ ଗୋଟି, ସ୍ଥାୟୀ ଲୋକ ଅଦାଲତର ୩ ଗୋଟି ଏବଂ ଟେଲିଫୋନ ୩ ଗୋଟି ସମ୍ବନ୍ଧୀୟ ପ୍ରାକ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ଟ. ୮,୮୪,୧୫୨ /- ଙ୍କା ମଧ୍ୟ ଆଦାୟ କରାଯାଇଛି ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେୱା ପ୍ରାଧିକରଣର ଅଧକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଜିଲ୍ଲା ଆଇନ ସେୱା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡ଼ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର, ପଲ୍ଲବୀରାଣୀ ସାହୁ, ବରିଷ୍ଠ ଦେୱାନୀ ବିଚାର ପତି, ନୀଳିମା ପଣ୍ଡା, ବରିଷ୍ଠ ଦେୱାନୀ ବିଚାର ପତି (ଏଲ ଆର ଏବଂ ଏଲ ଟି ଭି) ଶ୍ରୀମତୀ ଲୋପାମୁଦ୍ରା ବେହେରା, ଏସ. ଡି. ଜେ. ଏମ. ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାର ପତି, ଶ୍ରୀମତୀ ସୁନିତା ବିଶ୍ୱାଳ, ଜେ. ଏମ. ଏଫ. ସି.(ଏଲ ଆର ଏବଂ ଏଲ ଟି ଭି), ଶ୍ରୀ ଅଂଶୁ ମାନ ରଥ, ଜେ. ଏମ. ଏଫ. ସି, ବୀଣାପାଣି ତାଣ୍ଡି, ଅଂଶ ଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକୁ ଫଇସଲା କରିଥିଲେ ।

ଏହି ଲୋକଅଦାଲତରେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

## ନାରୀ ଅଧିକାର ଅଭିଯାନ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି,୯।୫ (ସଂଚାର ବ୍ୟୁରୋ)ଃ ନୀଳଗିରି ବିଜେଡ଼ି ପକ୍ଷରୁ ଆସନ୍ତା ୨୧ ତାରିଖରେ ନାରୀ ଅଧିକାର ଅଭିଯାନ ପକ୍ଷପାଳନ ପାଇଁ ଆଜି ନୀଳଗିରି ବିଜେଡ଼ି କାର୍ଯ୍ୟାଳୟ ରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତା ରେ

ଏକ ପ୍ରସ୍ତୁତୁ ବୈଠକ ହୋଇଯାଇଛି। ସୂଚନା ଯୋଗ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶାସନ କାଳରେ ତ୍ରି ସ୍ତରୀୟ ପଂଚାୟତି ରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ପାଇଁ ୫୦ ଭାଗ ସିଟ ବ୍ୟବସ୍ଥା କରିଥିବା ବେଳେ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ୩୩ ଭାଗ ସଂରକ୍ଷଣକୁ କାର୍ଯ୍ୟକାରୀ କରିଥିଲେ। ସେହିଭଳି ମହିଳା ମାନଙ୍କୁ ସଶକ୍ତ କରିବା ସହିତ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମହିଳା ମିଶନ ଶକ୍ତି ଗଠନ କରି ଭାରତ ବର୍ଷରେ ଏକ ନୂତନ ଉଦାହରଣ ସୃଷ୍ଟି କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ଏମ୍ବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ଗୋ ମିତ୍ର, ପ୍ରମୁଖ ପଦ ପଦବୀ ସୃଷ୍ଟି କରି ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ଆର୍ଥିକ ସ୍ୱଚ୍ଛଳତା ଆଣି ପାରିଥିଲେ। ଓଡିଶାରେ ବିଜେପି ସରକାର ଆସିବା ପରେ ସୁଭଦ୍ରା ଯୋଜନାରେ ଏକ କାଳୀନ ୫୦ ହଜାର ପରିବର୍ତ୍ତେ କେବଳ ୫ ହଜାର ଟଙ୍କା ଦେଇ ଲକ୍ଷପତି ଦିଦି ସୃଷ୍ଟି କରିବାରେ ମିଥ୍ୟା ଡିଣ୍ଡିମ ପିଟୁଥିବା ପ୍ରତିବାଦ ରେ ଆସନ୍ତା ୨୧ ତାରିଖ ଗୁରୁବାର ସକାଳ ୯ ଘଟିକା ସମୟରେ ବିଜେଡ଼ି ପକ୍ଷରୁ ଏକ ବିଶାଳ ମହିଳା ରାଲି ଜଗନ୍ନାଥ ମନ୍ଦିର ଠାରୁ ବାହାରି ବାଇବାସ ଠାରେ ଥିବା ୱିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ କେଶି ହାଇ ସ୍କୁଲ ପଡିଆରେ ଏକ ବିଶାଳ ସମାବେଶ ହେବାର ନିଷ୍ପତ୍ତି ନିଆଯାଇଥିଲା ।

## ପ୍ରାକୃତିକ କୃଷି ଓ ପାରମ୍ପରିକ ବିହନ ସଂରକ୍ଷଣ ସମ୍ପର୍କରେ ଆଲୋଚନାଚକ୍ର



ଫୁଲବାଣୀ,୯।୫ (ସଂଚାର ବ୍ୟୁରୋ)ଃ ଶ୍ରୀ ଅନ୍ନ ଅଭିଯାନ, ଟିକାବଲି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ସହଯୋଗରେ କଟିମାହା ପଂଚାୟତ ଅର୍ନ୍ତଗତ ପ୍ରଧାନପଡା ଠାରେ ପ୍ରାକୃତିକ କୃଷୀ ଓ ପାରମ୍ପରିକ ବିହନ ସଂଗ୍ରକ୍ଷଣ ସଂପର୍କରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନା ଚକ୍ରରେ ଟିକାବାଲି ବ୍ଲକ୍ କୃଷି ଅଧିକାରି ସ୍ୱାଗତିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ ପଂଚାୟନ କୃଷି ପରିଦର୍ଶକ ସରସ୍ୱତୀ ବେହେରା ଯୋଗ ଦେଇ ଆଜିର ପରିବର୍ତ୍ତନଶୀଳ ପାଣିପାଗ ଓ ବର୍ଷାର ଅନିୟମିତତା ମଧ୍ୟରେ ପାରମ୍ପରିକ ଚାଷକୁ ବଂଚାଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ମତ ରଖିଥିଲେ । ଦେଶୀ ଧାନ ବିହନ ଦ୍ୱାରା ହେଉଥିବାଚାଷ ପ୍ରକୃତି ସହ ସମନ୍ୱୟ ରଖିଥାଏ ଏବଂ କମ୍ ବର୍ଷା କିମ୍ବା ବିପରିତ ପରିସ୍ଥିତିରେ ମଧ୍ୟ ଭଲ ଉତ୍ପାଦନ ଦେଇଥାଏ ବୋଲି ସୂଚନା ଦେବା ସହିତ ରାସାୟନିକ ସାର ଓ ବିଷାକ୍ତ ଔଷଧ ବ୍ୟାବାହାର ନହେବାରୁ ଏହି ଧାନ ଅଧିକ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ହୋଇଥାଏ ବୋଲି କହିଥିଲେ । ପାରମ୍ପରିକ ଚାଷ କେବଳ ଏକ ଚାଷ ପ୍ରଣାଳୀ ନୁହେଁ, ଏହା ଆମ ସଂସ୍କୃତିକୁ. ପରିବେଶ ଓ ଆଗାମୀ ପିଢୀଙ୍କ ସୁରକ୍ଷା ସହ ଜଡିତ। ଦେଶି ଧାନ ବିହନ ମାଟିର ଉର୍ବରତାକୁ ରକ୍ଷା କରିବା ସହିତ କୃଷକ ଙ୍କ ଖର୍ଚ୍ଚକୁ ମଧ୍ୟ କମାଇଥାଏ । ସ୍ୱାତୀ ଅନୁଷ୍ଠାନ ଏହି ପାରମ୍ପରିକ ଚାଷ ଓ ଦେଶୀ ଧାନ ବିହନ ସୁରକ୍ଷା ଉପରେ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରୁଛନ୍ତି ।

ଏହି ପ୍ରୟାସରେ ତୁଳସୀ ସ୍ୱୟଂସହାୟକ ଦଳ ୭ ପ୍ରକାରର ଦେଶୀ ଧାନ ବିହନ ଉତ୍ପାଦନ କରି ପ୍ରାୟ ୧୧ କ୍ୱିଂଟାଲ ବିହନ ସଂଗ୍ରହ କରିଥିଲେ । ପରେ ଏହି ବିହନ ଗୁଡିକୁ ବିହନ ବିତରଣ, ବିହନ ବିକ୍ରି ଓ ସିଡ୍ ବ୍ୟାଙ୍କ୍‌ରେ ସଂରକ୍ଷଣ ମାଧ୍ୟମରେ ଅନ୍ୟ କୃଷକ ମାନଙ୍କ ନିକଟକୁ ପହଂଚାଯାଇଛି। ଏହା ଦ୍ୱାରା ପାରମ୍ପରିକ ଚାଷ ପ୍ରତି କୃଷକ ମାନଙ୍କ ଆଗ୍ରହ ବଢୁଥିବା ସହ ଦେଶୀ ବିହନ ସୁରକ୍ଷା ମଧ୍ୟ ସମ୍ଭବ ହେଉଛି ।

## ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କ ଦେହାନ୍ତ



ନବରଙ୍ଗପୁର/ଉମରକୋଟ,୯।୫ (ସଂଚାର ବ୍ୟୁରୋ)ଃ ଜଣେ ଅବସର ପ୍ରାପ୍ତ ନୌସେନା ଅଧିକାରୀଙ୍କ ପାଇଁ ଆଜି କାନ୍ଦିଲା ସାରା ଉମରକୋଟ ସହର। ଶବଧାରାରେ ଅଗଣିତ ଲୋକ ଶେଷ ସମ୍ମାନ ଜଣାଇବା ସକାଶେ ଶ୍ମଶାନ ପର୍ଯ୍ୟନ୍ତ ଯିବା ଉମରକୋଟ ସହର ଇତିହାସରେ ପ୍ରଥମ। ଏହି ଠାରୁ ବାରି ହୋଇ ପଡୁଥିଲା ନୌସେନା ଅଧିକାରୀ ଗୋଲ୍ଡ ସ୍ମିଥଙ୍କ ଲୋକପ୍ରିୟତା। ଗୋଲ୍ଡ ସ୍ମିଥ ମାତ୍ର ୩୬ ବର୍ଷ ବୟସରେ ହୃଦଘାତ ଯୋଗୁଁ ଅକାଳରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କ ଜନ୍ମ ମାଟି ଉମରକୋଟ ଠାରେ ଶେଷ ବିଦାୟ ଦିଆଯାଇଛି।

ଭାରତୀୟ ନୌସେନା ରୁ ଅବସର ନେବା ପରେ ସେ ସ୍ଥାନୀୟ ଅଂଚଳର ଯୁବ ଗୋଷ୍ଠି ସେନାବାହିନୀରେ ଚୟନ ହେବା ପାଇଁ ତାଲିମ ଦେଇ ଚର୍ଚ୍ଚାରେ ଥିଲେ। ଜି ଗୋଲ୍ଡ ସ୍ମିଥ୍ ଉମରକୋଟ ଡି ଏନ କେରେ ରହୁଥିଲେ। ସେ କିଛି ବର୍ଷ ପୂର୍ବେ ଅବସର ନେବାର ପରେ ନିଜ ଜନ୍ମମାଟି ଉମରକୋଟ ସହରକୁ ଆସି କିଛି ନୂଆ କରିବାର ସ୍ୱପ୍ନ ଥିଲା, ଆଉ ସେ ଏହି ଉପାନ୍ତ ଅଞ୍ଚଳ ର ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସେବାରେ ନିୟୋଜିତ କରାଇବା ପାଇଁ ନିଜ ଖର୍ଚ୍ଚରେ ଏକ ଅତ୍ୟାଧୁନିକ ସ୍ୱିମିଙ୍ଗ ପୁଲ ନିର୍ମାଣ ସହ ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ଶାରୀରିକ ଓ ମାନସିକ ଭାବେ କିପରି ପ୍ରସ୍ତୁତ ହେବ ତାହାର ପ୍ରଶିକ୍ଷଣ ଦେଉଥିଲେ। କିଛି ଯୁବକ ଯୁବତୀ ପ୍ରଶିକ୍ଷଣ ନେବାପରେ ଚାକିରି ମଧ୍ୟ କରିଥିଲେ । ଏହା ସହ ସ୍ଥାନୀୟ ଅଂଚଳରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହି ଆସିଥିଲା। ଅତ୍ୟନ୍ତ ମେଳାପୀ ଓ ଶାନ୍ତ ସ୍ୱଭାବ ଯୋଗୁଁ ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ।

ଦେହ ଅସୁସ୍ଥ ହେବାରୁ ବିଶାଖାପାଟଣା ମେଡିକାଲ ଯାଇଥିଲେ ସେହିଠାରେ ମୃତ୍ୟୁବରଣ କରିଥିଲେ। ଶନିବାର ସ୍ମିଥଙ୍କ ପାର୍ଥିବ ଶରୀରକୁ ଖ୍ରୀଷ୍ଟିଆନ ରୀତିନୀତି କରିବା ପରେ କବର ଦିଆଯାଇଥିଲା । ଡିଏନକେ ବାସଭବନ ଠାରୁ ସେ ଯୁବକଙ୍କୁ ସେନା ହେବା ପାଇଁ ତାଲିମ ଦେଉଥିବା ଏ ଜି ଆର ଏକାଡେମୀ ନିଆଯିବା ପରେ ରାଇଘର ରୋଡ ସ୍ଥିତ କବରସ୍ଥାନକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା । ଏହି ଶୋଭାଯାତ୍ରାରେ ଉତ୍କଳ କଳା ସଂସଦ ର ସମସ୍ତ ସଦସ୍ୟ ସହରର ବରିଷ୍ଠ ନେତା ପୌରପରିଷ ଅଧ୍ୟକ୍ଷା ଖ୍ରୀଷ୍ଟମାସ ସମ୍ପ୍ରଦାୟର ସମସ୍ତ ସଦସ୍ୟ ପରିବାର ପରିଜନ ଉପସ୍ଥିତ ରହିଥିଲେ।



# ଲିଭରରେ କେମିତି ଜମେ ଫ୍ୟାଟ୍

**ଲିଭର ବା ଯକୃତ ଆମ ଶରୀରର ପରିଚାଳନା ବିଭାଗକୁ ସମ୍ଭାଳିଥାଏ। ଶରୀର ନାମକ ମେଶିନକୁ ସଠିକ୍ ଭାବରେ ଚାଲୁ ରଖିବା ପାଇଁ ଲିଭରକୁ ସୁସ୍ଥ ରଖିବା ଗୁରୁତ୍ୱପୂର୍ଣ୍ଣ। ଲିଭରରେ ସମସ୍ୟା ସମଗ୍ର ଶରୀରକୁ ପ୍ରଭାବିତ କରିଥାଏ। ଜୀବନଶୈଳୀ ପରିବର୍ତ୍ତନ ହେଉଥିବା ଏବଂ ଖାଦ୍ୟର ଗୁଣବତ୍ତା ହ୍ରାସ ପାଇବା ସହିତ ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବାର ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଜାଣନ୍ତୁ କେମିତି ଆଉ କେବେ ଲିଭରରେ ଜମା ହୁଏ ଚର୍ବି...**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବା ଆରମ୍ଭ ହେବା ମାତ୍ରେ ସତର୍କ ରହିବା ଉଚିତ୍। ବିଶେଷକରି ଯଦି ନିୟମିତ ଭାବରେ ମଦ୍ୟପାନ କରନ୍ତି ଏବଂ ଅଧିକ ଚର୍ବି ଜାତୀୟ ଆମିଷ ଖାଦ୍ୟ ଖାଆନ୍ତି, ତେବେ ଲିଭରରେ ଫ୍ୟାଟ୍ ଜମା ହେବାର ଆଶଙ୍କା ଥାଏ। ଏପରି ପରିସ୍ଥିତିରେ ଆପଣଙ୍କୁ ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାଇବା ଉଚିତ। ଯଦି ଲିଭରରେ ଚର୍ବି ଜମା ହେବା ବିଷୟରେ ସୂଚନା ଥାଏ, ତେବେ ଏହାକୁ ତୁରନ୍ତ ନିୟନ୍ତ୍ରଣ କରିବା ଉଚିତ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ଚିକିତ୍ସା ଆରମ୍ଭ କରିବା ଉଚିତ। ଲିଭରରେ ପୂର୍ବରୁ ଅଳ୍ପ ପରିମାଣରେ ଫ୍ୟାଟ୍ ଅଂଶ ଚର୍ବି ଥାଏ, କିନ୍ତୁ ଯେତେବେଳେ ଏହା ୫ରୁ ୧୦ ପ୍ରତିଶତ ବୃଦ୍ଧି ପାଏ, ଏହାକୁ ଫ୍ୟାଟି ଲିଭର କୁହାଯାଏ। ଏହା ଅନେକ କାରଣ ଯୋଗୁ ବୃଦ୍ଧି ପାଏ ଯେପରିକି- ତେଲିଆ ଖାଦ୍ୟ, ମିଠା ଏବଂ ଫାଷ୍ଟଫୁଡ୍ ଖାଇବା, ଅତ୍ୟଧିକ ମଦ୍ୟପାନ ଲିଭରକୁ କ୍ଷତି ପହଞ୍ଚାଏ। ଏହା ବ୍ୟତୀତ ମେଦବହୁଳତା ଏବଂ ଡାଇବେଟିସ୍ ବୃଦ୍ଧି ହେତୁ, ଶରୀରରେ ଚର୍ବି ଜମା ହେବାକୁ ଲାଗେ, ଯାହା ଫ୍ୟାଟି ଲିଭରର କାରଣ ହୁଏ। ସବୁଠାରୁ ବଡ଼ କାରଣ ହେଉଛି ବ୍ୟାୟାମ ନ କରି ବସିବାର ଅଭ୍ୟାସ। ଯଦି ଶରୀର ସକ୍ରିୟ ନ ଥାଏ, ତେବେ ଏହା ଲିଭରକୁ ମଧ୍ୟ ପ୍ରଭାବିତ କରେ, କାରଣ ବସିବା ଦ୍ୱାରା ଚର୍ବି କମ୍ ହୁଏ ନାହିଁ ବରଂ ଜମା ହୋଇ ରହିଥାଏ। ଯାହା ଫ୍ୟାଟି ଲିଭରର ମୁଖ୍ୟ କାରଣ ହୁଏ।

ପ୍ରାରମ୍ଭରେ ଲିଭରରେ ଚର୍ବି ଜମା ହେଉଥିବାର ଜଣାପଡ଼େ ନାହିଁ, କିନ୍ତୁ ପରେ ଏହା ଗମ୍ଭୀର ରୂପ ନେଇପାରେ। ଏହା ଯୋଗୁ ଅନେକ ପ୍ରକାରର ରୋଗ ମଧ୍ୟ ହୋଇପାରେ। ଲିଭର ସିରୋସିସ୍, ଲିଭରରେ ଫୁଲା ଏବଂ ଚିହ୍ନ ଦେଖାଯାଏ, ଯାହା ଯୋଗୁ ଲିଭର ଟିସୁ ଧିରେ ଧିରେ ନଷ୍ଟ ହେବାକୁ ଲାଗେ। ଏହା ଲିଭର ଫେଲ୍ୟୁଅର ହେବାର ଆଶଙ୍କା ମଧ୍ୟ ବଢ଼ାଇଥାଏ। ଏହା ବ୍ୟତୀତ, ଫ୍ୟାଟି ଲିଭର କ୍ୟାନସର ରୋଗ ମଧ୍ୟ ସୃଷ୍ଟି କରିପାରେ। ଫ୍ୟାଟି ଲିଭର ଯୋଗୁ ହାର୍ଟରୋଗ ମଧ୍ୟ ହୋଇପାରେ। ଲିଭରକୁ ସୁସ୍ଥ ରଖିବା ପାଇଁ ତେଲ ଏବଂ ମିଠା ଜିନିଷଠାରୁ ଦୂରେଇ ରୁହନ୍ତୁ କିମ୍ବା ପରିମାଣ ସୀମିତ କରନ୍ତୁ। ସବୁଜ ପନିପରିବା ଖାଆନ୍ତୁ। ଖାଦ୍ୟରେ ଫାଇବର ସାମିଲ କରନ୍ତୁ। ଫାଇବର ଖାଦ୍ୟ ଶୀଘ୍ର ହଜମ କରେ ଏବଂ ପାଚନ ଭଲ ହୁଏ। ଏହା ସହିତ ବ୍ୟାୟାମ କରନ୍ତୁ। ଯୋଗ ମଧ୍ୟ ଲାଭଦାୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲିଭରକୁ ସୁସ୍ଥ ରଖିବା ପାଇଁ ମଦ୍ୟପାନରୁ ଦୂରେଇ ରୁହନ୍ତୁ। ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାନ୍ତୁ।

# ପାଚନ ଶକ୍ତି ପାଇଁ ରାମବାଣ ଆଲୋବେରା ଜୁସ୍



**ଆଲୋବେରା ହେଉଛି ଏକ ଔଷଧୀୟ ଗଛ ଯାହା ପ୍ରାଚୀନ କାଳରୁ ଘିଁ କୁଆରୀ ନାଁରେ ଜଣାଶୁଣା। ଏହା କଣ୍ଟାର ପତ୍ର ହୋଇଥାଏ ଯାହା ପାଖରେ ଅନେକ ରୋଗର ନିରାକରଣ ଗୁଣ ରହିଛି।**

**ଶକ୍ତି ବଢାଇଥାଏଃ** ନିୟମିତ ଭାବେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରରେ ଶକ୍ତ ସଂଚାର ହୋଇଥାଏ। ଏହି ଜୁସରେ ଅନେକ ପ୍ରକାରର ପୋଷକ ତତ୍ୱ , ଭିଟାମିନସ୍ ଏବଂ ମିନେରାଲ ରହିଛି ଯାହା ଦ୍ୱାରା ଶରୀରର ଉତ୍ତମ ପରିବର୍ତ୍ତନ ଆସିଥାଏ ଏବଂ ସୁସ୍ଥ ରଖିଥାଏ। ଏହି ଜୁସ୍ ପାଇଁ ପ୍ରତିରକ୍ଷା କ୍ଷମତା ମଧ୍ୟ ବଢ଼ିଥାଏ। ୩ରୁ ୪ ଚାମଚ ଆଲୋବେରା ପାଣି ଖାଲି ପେଟରେ ସକାଳୁ ନିୟମିତ ପିଇଲେ ଫୁର୍ତ୍ତି ଲାଗିଥାଏ।

**କେଶ ଏବଂ ତ୍ୱଚାର ସୁନ୍ଦରତା ବଢାଇଥାଏଃ** ଆଲୋବେରା ଜୁସ୍ ପିଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ଲମ୍ବା ସମୟ ଯାଏ ଗ୍ଲେଜ୍ କମି ନଥାଏ। ଆଖି ତଳର କଳା ଦାଗ, ରୁକ୍ଷ୍ୟ ତ୍ୱଚା, ବ୍ରଣ, ଖରାରେ ଝାଉଁଳି ପଡିଥିବା ତ୍ୱଚା ସବୁକିଛି ସମସ୍ୟାରୁ ରକ୍ଷା ମିଳିଥାଏ। ଏହି ଜୁସକୁ ପିଇବା ଦ୍ୱାରା ମଧ୍ୟ କେଶରେ ଚମକ ଆସିଥାଏ ଏହା ସହ ରୁପି ସମସ୍ୟାରୁ ଉପସମ ମିଳିଥାଏ। ଆଲୋବେରାର ରସକୁ ମେହେନ୍ଦୀରେ ମିଶାଇ କେଶରେ ଲଗାଇବା ଦ୍ୱାରା କେଶର ରଙ୍ଗ ଚମକିବା ସହ ମଜଭୁତ୍ ରହିଥାଏ।

**ଭଲ ପାଚନଃ** ଆଲୋବେରା ଜୁସରେ ପ୍ରଚୁର ମାତ୍ରାରେ ପାଚକ ତତ୍ୱ ରହିଥାଏ। ଏହି କାରଣ ପାଇଁ ପେଟ ଜନିତ ସମସ୍ୟା ଦେଖା ଯାଇ ନଥାଏ।

**ଓଜନ କମାଇଥାଏଃ** ନିୟମିତ ରୂପେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରର ଓଜନ କମିବାକୁ ଲାଗିଥାଏ ଏବଂ ଏହାକୁ ଖାଇବା ଦ୍ୱାରା ବାରମ୍ବାର ଭୋକ ହୋଇ ନଥାଏ। ଏହି ଜୁସ୍ ଶରୀରକୁ ଦୁର୍ବଳ କରି ନଥାଏ।

ଦାନ୍ତ ପାଇଁ ଉପକାରୀ : ଆଲୋବେରା ଜୁସ୍ ଦାନ୍ତ ପାଇଁ ଖୁବ୍ ଲାଭକାରୀ ହୋଇଥାଏ। ଏହା ଆମ ଦାନ୍ତକୁ ପରିଷ୍କାର ରଖିବା ସହ ଜିବାଣୁ ମୁକ୍ତ ମଧ୍ୟ କରିଥାଏ।

# ମାଇଗ୍ରେନ୍ ସମସ୍ୟା କାହିଁକି ଦେଖାଦିଏ




ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ବେଳେ ବେଳେ ଭିଟାମିନ୍ ଅଭାବ ସହିତ ମଧ୍ୟ ଜଡିତ ହୋଇପାରେ। ବିଶେଷକରି, ଭିଟାମିନ୍ ଡି ଅଭାବ ଏହି ସମସ୍ୟାର ଏକ ପ୍ରମୁଖ କାରଣ ହୋଇପାରେ। ଏହି ଭିଟାମିନ୍ ଆମ ମସ୍ତିଷ୍କର କାର୍ଯ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ନ୍ୟୁରୋଟ୍ରାନ୍ସମିଟର ମେଟାବୋଲିଜିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ଏହାର ସ୍ତର କମ୍ ଥାଏ, ଏହା ଅନେକ ପ୍ରକାରେ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ।

**ଭିଟାମିନ୍ ଡି ଅଭାବ ଏବଂ ମୁଣ୍ଡବିନ୍ଧା ମଧ୍ୟରେ ସମ୍ପର୍କଃ** ଭିଟାମିନ୍ ଡି ରେ ପ୍ରଦାହ-ବିରୋଧୀ ଗୁଣ ଅଛି। ଏହାର ଅଭାବ ମସ୍ତିଷ୍କରେ ପ୍ରଦାହ ବୃଦ୍ଧି କରିପାରେ, ଯାହା ମାଇଗ୍ରେନ୍ ଯନ୍ତ୍ରଣାକୁ ବୃଦ୍ଧି କରେ। ମସ୍ତିଷ୍କରେ ଅନେକ ଭିଟାମିନ୍ ଡି ରିସେପ୍ଟର ଅଛି। ଭିଟାମିନ୍ ଡି ଅଭାବ ନ୍ୟୁରୋଟ୍ରାନ୍ସମିଟରର ସନ୍ତୁଳନକୁ ବିଚଳିତ କରିପାରେ, ଯାହା ମୁଣ୍ଡବିନ୍ଧାର ସମ୍ଭାବନାକୁ ବୃଦ୍ଧି କରିଦେଇଥାଏ। ଶରୀରକୁ ମ୍ୟାଗ୍ନେସିୟମ୍ ଶୋଷଣ କରିବା ପାଇଁ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ। ମ୍ୟାଗ୍ନେସିୟମ୍ ଅଭାବ ମଧ୍ୟ ମାଇଗ୍ରେନ୍ ସହିତ ଜଡିତ। ତେଣୁ, ଭିଟାମିନ୍ ଡି ଅଭାବ ପରୋକ୍ଷ ଭାବରେ ମ୍ୟାଗ୍ନେସିୟମ୍ ଶୋଷଣରେ ବାଧା ସୃଷ୍ଟି କରି ମୁଣ୍ଡବିନ୍ଧାର ଆଶଙ୍କାକୁ ଆହୁରି ବୃଦ୍ଧି କରିପାରେ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ହେଉଛି, ତେବେ ଏହା ଭିଟାମିନ୍ ଡି ଅଭାବର ଲକ୍ଷଣ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଡାକ୍ତରଙ୍କୁ ଭେଟି ଆପଣଙ୍କର ଭିଟାମିନ୍ ଡି ପରୀକ୍ଷା କରାଇବା ଉଚିତ। ଡାକ୍ତରଙ୍କ ପରାମର୍ଶରେ ଆପଣ ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ। ଭିଟାମିନ୍ ଡିର ସର୍ବୋତ୍ତମ ଏବଂ ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ। ସକାଳେ ହାଲୁକା ସୂର୍ଯ୍ୟକିରଣରେ କିଛି ସମୟ ବସିବା ଆପଣଙ୍କ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ପାଇଁ ବହୁତ ଲାଭଦାୟକ ହୋଇପାରେ। ଆପଣଙ୍କ ଖାଦ୍ୟରେ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯେପରିକି ଚୁନା ମାଛ, କ୍ଷୀର ଏବଂ ପନିର, ଅଣ୍ଡା, ଛତୁ, ସୋୟାବିନ ଏବଂ କମଳା ରସ। ଏହି ଉପାୟଗୁଡ଼ିକ ଗ୍ରହଣ କରି ଆପଣ ଭିଟାମିନ୍ ଡି' ର ଅଭାବକୁ ଦୂର କରିପାରିବେ ଏବଂ ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟାରୁ ମୁକ୍ତି ପାଇପାରିବେ।

# ଓଜନ କମାଇବାକୁ ଚାହୁଁଛନ୍ତି କି ?



ଗୁପଚୁପ୍ କାହାକୁ ବା ପସନ୍ଦ ନୁହେଁ। ଖାସ୍ କରି ଝିଅମାନଙ୍କୁ ଏହା ବେଶୀ ଭଲ ଲାଗିଥାଏ। ଗୁପଚୁପ୍ ନାଁ ଆସିବା ମାତ୍ରେ ସମସ୍ତଙ୍କ ପାଟିରେ ପାଣି ଆସିଯାଏ। ବର୍ଷା ହଉ ଅବା ଗରମ ସବୁବେଳେ ଗୁପଚୁପ୍ ଖାଇବାର ମଜା ନିଆରା ଥାଏ। ଗୁପଚୁପ୍କୁ ବଡ଼ଠୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଖାଇବାକୁ ଭଲ ପାଆନ୍ତି। ଗୁପଚୁପ୍କୁ କେହି ଗୋଲଗପ୍ପା କୁହନ୍ତି ତ ଆଉ ପୁଣି କିଏ ପାନୀପୁରୀ, ପୁଚକାଁ ବୋଲି ମଧ୍ୟ କୁହନ୍ତି। ଏହା ସମସ୍ତଙ୍କ ରୋଡ୍ ସାଇଡର ପ୍ରିୟ ଖାଦ୍ୟ କହିଲେ କିଛି ଭୁଲ୍ ହେବ ନାହିଁ। ଏହା ପାଟିକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ଲାଭକାରୀ ହୋଇଥାଏ। କେବଳ ପାଟିର ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ଜନିତ ଫାଇଦା ମଧ୍ୟ ଦେଇଥାଏ। ଏ କଥା ଶୁଣିବା ମାତ୍ରେ ହୁଏ ତ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ସତ କିନ୍ତୁ ଏହା ସତ। କିନ୍ତୁ ଯଦି ଆପଣ ମଇଳା ସ୍ଥାନରୁ କିମ୍ବା ଅପରିଷ୍କାର ଭାବରେ ତିଆରି ଗୋଲଗପ୍ପା ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ଖୁବ୍ କମ୍ ଲୋକ ଗୁପ୍ଚୁପ୍ ଖାଇବାର ଫାଇଦା ସମ୍ପର୍କରେ ଜାଣନ୍ତି। କିନ୍ତୁ ଆମେ ଆଜି ଆପଣଙ୍କୁ ଏହାର ଲାଭ ସମ୍ପର୍କରେ ଜଣାଇବୁ। ବିଶେଷଜ୍ଞଙ୍କ ମତରେ ଗୁପଚୁପରେ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିସାର ରହିଛି। ଏଥିରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଭିଟାମିନ୍ ସି ରହିଛି। ଏହି ସମସ୍ତ ଉପାଦାନ ଶରୀରର ଗଠନରେ ସାହାଯ୍ୟ କରେ। ଏହା ସତ୍ତ୍ୱେ ବିଶେଷଜ୍ଞମାନେ ସୀମିତ ପରିମାଣରେ ଗୁପଚୁପ୍ ଖାଇବାକୁ ପରାମର୍ଶ ଦେଉଛନ୍ତି। ଏହାକୁ ଅଧିକ ପରିମାଣରେ ଖାଇବାର କ୍ଷତି ମଧ୍ୟ ହୋଇଥାଏ। ତେବେ ଆସନ୍ତୁ ଏହାର ଗୁଣକାରୀ ଫାଇଦା ସମ୍ପର୍କରେ ଜାଣିବା। ଯଦି ଓଜନକୁ କମାଇବାକୁ ଚାହୁଁଛନ୍ତି ତେବେ ଏହି ସମସ୍ୟା ପାଇଁ ଗୁପଚୁପ୍ ବେଷ୍ଟ ହୋଇଥାଏ। ପାଟିକୁ ଟେଷ୍ଟି ଲାଗିବା ସହ ଓଜନ ଯାତ୍ରାକୁ ମଧ୍ୟ ସରଳ କରିଦେଇଥାଏ। ଏଥିରେ ପୋଦିନା, ହେଙ୍ଗୁ, ଲେମ୍ବୁ ଏବଂ ଆମ୍ବକସିଆ ଅଦା ରହିଥାଏ। ଯାହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସମସ୍ୟା ଦୂର କରିବା ପାଇଁ ଗୁପଚୁପକୁ ଭଲ ବୋଲି ବିବେଚନା କରାଯାଏ। ଯାହା ଓଜନ କମ୍ କରିବାରେ ଚମତ୍କାର ଫାଇଦା ଦେଇଥାଏ। ଏଥିରେ ତେନ୍ତୁଳି, କଳା ଲୁଣ, ଜିରା, ଜଳଜିରା ଏବଂ ଅନ୍ୟାନ୍ୟ ମସଲା ଥାଏ। ତେଣୁ ଏହାକୁ ପାଚନ ସମସ୍ୟା ପାଇଁ ମଧ୍ୟ ଭଲ ବୋଲି ବିବେଚନା କରାଯାଏ। ଯାହା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେଇଥାଏ। ଏତିକି ନୁହେଁ ବରଂ ଏଥିରେ ସୁଜି, ଚଣା ଏବଂ ସିଝା ଆଳୁ ଥାଏ। ଯାହାକୁ ଖାଇବା ଦ୍ୱାରା ଆପଣ କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ପାଇପାରିବେ। ଗୁପଚୁପ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ। କାରଣ ଏଥିରେ ଥିବା କଳା ଗୋଲମରିଚ, ଜିରା ଇତ୍ୟାଦି ମସଲା ଡାଇବେଟିସ୍ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। କଳାଚଣାରୁ ଭରପୁର ମାତ୍ରାର ପ୍ରୋଟିନ୍ ମିଳିଥାଏ। ଯାହା କୋଲେଷ୍ଟ୍ରୋଲ ସମସ୍ୟା ପାଇଁ ଭଲ ବିକଳ୍ପ। ଏହି ସବୁ ସମସ୍ୟା ଥିଲେ ଗୁପଚୁପ୍ ଖାଇବା ଆବଶ୍ୟକ। କିନ୍ତୁ ଅଧିକ ଖାଇବା ଦ୍ୱାରା କ୍ଷତିରେ ପକାଇଥାଏ।

# ପେଟ ଗ୍ୟାସ୍ କିମ୍ବା ଫୁଲା ସମସ୍ୟାକୁ ଦୂରକରେ ହର୍ବାଲ ଚା'

ସକାଳୁ ଉଠିବା ମାତ୍ରେ ଆପଣ ପେଟରେ ଭାରୀ ଅନୁଭବ କରୁଛନ୍ତି କି ? ଯଦି ହଁ, ତେବେ ଏହି ନ୍ୟୁଜଟି ଆପଣଙ୍କ ପାଇଁ ବେଷ୍ଟ ହେବ। ଆଜିକାଲି ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ସାଧାରଣ ହୋଇଗଲାଣି। ଭୁଲ ଖାଦ୍ୟପେୟ ଏବଂ ଜୀବନଶୈଳୀରେ କିଛି ଭୁଲ ଏହାର ମୁଖ୍ୟ କାରଣ ହୋଇପାରେ। ଯେପରିକି କିଛି ଲୋକ ରାତିରେ ଅତ୍ୟଧିକ ଖାଦ୍ୟ ଖାଇଥାନ୍ତି, ଯାହା ଫଳରେ ଗ୍ୟାସ୍ ସମସ୍ୟା ସୃଷ୍ଟି ହୁଏ ଏବଂ ପେଟ ଫୁଲିବା ଭଳି ସମସ୍ୟା ଦେଖାଦିଏ। ସେହି ସମୟରେ କିଛି ଭୁଲ ଖାଇବା ଯୋଗୁଁ ମଧ୍ୟ ଏହି ସମସ୍ୟା ହୋଇପାରେ। ଏଥିପାଇଁ କିଛି ଲୋକ ଔଷଧ ଉପରେ ନିର୍ଭର କରନ୍ତି, ଯାହା ଭବିଷ୍ୟତରେ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏପରି ପରିସ୍ଥିତିରେ ଆପଣ କିଛି ପ୍ରାକୃତିକ ପଦ୍ଧତି ଗ୍ରହଣ କରିପାରିବେ। ଏହା ସହିତ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ଆପଣ ଏହି ସମସ୍ୟାରୁ ମଧ୍ୟ ମୁକ୍ତି ପାଇପାରିବେ। ତେବେ ଅପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ଏବଂ ଅଭ୍ୟାସ ବିଷୟରେ କହିବୁ ଯାହାକୁ ଆପଣାଇବା ଉଚିତ। ଏହା ଆପଣଙ୍କୁ ଶୀଘ୍ର ଫଳାଫଳ ମଧ୍ୟ ଦେବ।

**ଗ୍ୟାସ ସମସ୍ୟାଃ** ପେଟରେ ଗ୍ୟାସ୍ ଯୋଗୁଁ ଅନେକ ସମସ୍ୟା ହୋଇପାରେ। କେତେବେଳେ ଖାଦ୍ୟ ଯୋଗୁଁ ଗ୍ୟାସ୍ ହୁଏ ତ କେତେବେଳେ ଏହାର ଗମ୍ଭୀର କାରଣ ମଧ୍ୟ ହୋଇପାରେ। ଆମେ ଖାଉଥିବା ଖାଦ୍ୟର କିଛି ଅଂଶ ସହଜରେ ହଜମ ହୁଏ, କିନ୍ତୁ କାର୍ବୋହାଇଡ୍ରେଟ୍, ଚିନି, ଫାଇବର ଏବଂ କିଛି ଷ୍ଟାର୍ଚ ଭଳି କିଛି ଜିନିଷ ଶୀଘ୍ର ହଜମ ହୁଏ ନାହିଁ। ଗ୍ୟାସ୍ କେବଳ ଭୁଲ ଖାଦ୍ୟ ଅଭ୍ୟାସ ଉପରେ ନୁହେଁ ବରଂ ପାଚନ ପ୍ରକ୍ରିୟା ଉପରେ ମଧ୍ୟ ନିର୍ଭର କରେ। କିଛି ଲୋକ ଏହି ସମସ୍ୟାକୁ ହାଲୁକା ଭାବରେ ନିଅନ୍ତି। କିନ୍ତୁ ଗ୍ୟାସ୍ ଗଠନ ଅନେକ ଅନ୍ୟାନ୍ୟ ରୋଗର କାରଣ ମଧ୍ୟ ହୋଇପାରେ। ତେଣୁ ଏଥିରୁ ମୁକ୍ତି ପାଇବା ନିହାତି ଜରୁରୀ। ଆପଣ ସକାଳ ଉଷୁମ ପାଣି ସହିତ ଦିନଟି ଆରମ୍ଭ କରନ୍ତୁଃ ଯଦି ଆପଣଙ୍କର ବହୁତ ଗ୍ୟାସ୍ ସମସ୍ୟା ଅଛି, ତେବେ ଆପଣ ସକାଳେ ଉଠିବା ପରେ ଖାଲି ପେଟରେ ଉଷୁମ ପାଣି ପିଇ ଦିନଟିକୁ ଆରମ୍ଭ କରିବା ଉଚିତ। ଏହା ଆପଣଙ୍କ ପେଟକୁ ହାଲୁକା କରିବାରେ ସାହାଯ୍ୟ କରେ। ଯଦି ଆପଣ ଚାହାଁନ୍ତି ତେବେ ଆପଣ ଏଥିରେ ଲେମ୍ବୁ ମିଶାଇ ଉଷୁମ ପାଣି ମଧ୍ୟ ପିଇପାରିବେ। ଏହା ଶରୀରରୁ ସୋଡିୟମ୍ ବାହାର କରିଦିଏ ଏବଂ ପେଟ ଫୁଲିବା କମ କରିବାରେ ସାହାଯ୍ୟ ମଧ୍ୟ କରେ। ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁଃ କିଛି ଲୋକ ରାତିରେ ଅତ୍ୟଧିକ କିମ୍ବା ଭାରୀ ଖାଦ୍ୟ ଖାଆନ୍ତି, ଯାହା ଗ୍ୟାସ ଏବଂ ପେଟ ଫୁଲିବାର ସବୁଠାରୁ ବଡ଼ ଏବଂ ସାଧାରଣ କାରଣ। ଏପରି ପରିସ୍ଥିତିରେ ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଏହା ବଦଳରେ ରାତ୍ରୀ ଭୋଜନରେ ଏପରି ଜିନିଷ ଖାଆନ୍ତୁ ଯାହା ସହଜରେ ହଜମ ହେବ। ଏହା ଦ୍ୱାରା ସକାଳେ ଆପଣଙ୍କ ପେଟ ହାଲୁକା ଅନୁଭବ ହେବ ଏବଂ ଗ୍ୟାସର ସମସ୍ୟା ହେବ ନାହିଁ।

**ହର୍ବାଲ୍ ଚାଃ** ପୁଦିନା, ଅଦା ଏବଂ ମେଥି ଦାନା ଭଳି ଜିନିଷ ପେଟ ଫୁଲିବା ଦୂର କରିବାରେ ସହାୟକ ହୋଇଥାଏ। ଏଥିରୁ ତିଆରି ଚା ପିଇବା ଦ୍ୱାରା ଗ୍ୟାସରୁ ମୁକ୍ତି ମିଳିଥାଏ। ଏହି ଜିନିଷଗୁଡ଼ିକ ପାଚନ ତନ୍ତ୍ରରେ ମାଂସପେଶୀ ସଙ୍କୋଚନକୁ ହ୍ରାସ କରିଥାଏ, ଯାହା ଫଳରେ ଗ୍ୟାସ ସହଜରେ ବାହାରକୁ ଆସିଥାଏ ଏବଂ ପେଟ ହାଲୁକା ଅନୁଭବ ହୁଏ। ଏଥିସହ ଯଦି ଆପଣଙ୍କର ଏହିଭଳି ସମସ୍ୟା ଦେଖାଦେଉଛି, ତେବେ ଏହି ଟିପ୍ସକୁ ନିଶ୍ଚିତ ଭାବରେ ଫଲୋ କରନ୍ତୁ।



# ନାଁ ଝରଣା ସାହି ମୁନ୍ଦାଏ ପାଣି ଭାଗ୍ୟରେ ନାହିଁ



## ବିଲ ଗାତରୁ ପାଣି ପିଉଛନ୍ତି ଲୋକେ

**ମୟୂରଭଞ୍ଜ,୯।୫(ସଂଚାର ବ୍ୟୁରୋ):** ସରକାର ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ବାସ୍ତବ ଚିତ୍ର କିନ୍ତୁ କିଛି ଅଲଗା। ଆଜି ବି ଲୋକେ ବୁନ୍ଦାଏ ଶୁଦ୍ଧ ଜଳ ପାଇଁ ତହଳ ବିକଳ ହେଉଛନ୍ତି। ଏମିତି ଏକ ଚିତ୍ର ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଉଦଳାରୁ। ବିଲରେ ଖୋଳାଯାଇଥିବା ଏକ ଅପରିଷ୍କାର ଗାତର ପାଣି ପିଉଛନ୍ତି ଲୋକେ। ବୁନ୍ଦାଏ ପିଇବା ପାଣି ପାଇଁ ଏଠି ଲୋକେ ନିଜ ନିଜ ଭିତରେ ପ୍ରତିଯୋଗିତା କରୁଛନ୍ତି। ଗାଁକୁ ପଶିଗଲେ ଆପଣଙ୍କୁ ଚିକ୍ ଚିକ୍ କରୁଥିବା ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ଦିଶିବ। ଟ୍ୟାପ୍ ଖୋଲିଲେ ପାଣି ମଧ୍ୟ ବାହାରୁଛି। ହେଲେ ସେହି ପାଣିରେ ହାତ ମାରିବାକୁ ବି ଇଚ୍ଛା ହେବନି। କାରଣ ପାଣି ସମ୍ପୂର୍ଣ୍ଣ ହଳଦିଆ, ଯାହା ପିଇବା ତ ଦୂରର କଥା ବ୍ୟବହାର କରିବା ମଧ୍ୟ ବିପଦଜ୍ଜନକ। ସେଥିପାଇଁ ବାଧ୍ୟ ହୋଇ ବିଲ ମଝିରେ ଥିବା ଏକ ଛୋଟ ଗାତ ଉପରେ ନିର୍ଭର କରୁଛନ୍ତି ଉଦଳା ବ୍ଲକ ପାଟଶାଣିପୁର ପଞ୍ଚାୟତର ଝରଣାସାହିର ୫୦ ପରିବାର। ଝରଣାରୁ ବୋହି ଆସୁଥିବା ପାଣି ଏହି ଗାତରେ ଜମି ରହୁଛି। ରାତି ପାହିଲେ ସମସ୍ତେ ହାଣ୍ଡି, ଗରା ଧରି ଧାଡ଼ି ଲଗାଉଛନ୍ତି ଏହି ଅପରିଷ୍କାର ଗାତ ନିକଟରେ। ଦିନରାତି ଖୋଲା ହୋଇପଡ଼ିଥିବା ଏହି ଗାତରେ ଆବର୍ଜନା ଥିଲେ ସୁଦ୍ଧା ବିକଳ୍ପ ନଥିବାରୁ ଏହାକୁ ପିଇବାକୁ ବାଧ୍ୟ ହେଉଛନ୍ତି ଲୋକେ। ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କେହି ବି ଲୋକଙ୍କ ଅଭିଯୋଗ ଶୁଣୁନାହାନ୍ତି। ଫଳରେ ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି।

# ପିଇବାକୁ ନାହିଁ ପାଣି; ମହିଳାଙ୍କ ରାସ୍ତାରୋକ



## ବୋରୱେଲ ଖୋଲିବାକୁ ନିର୍ଦ୍ଦେଶ ଦେଲେ ବିଧାୟକ

**ପୁରୁଷୋତ୍ତମପୁର,୯।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଗ୍ରାମ୍ଯ ଜଳଯୋଗାଣ ବିଭାଗୀୟ ଅଧିକାରୀଙ୍କ ଖେଳ ଲୋକଙ୍କ ପାଇଁ କାଳ ସାଜିଛି । ଫଳରେ ବଡଖରିଡା ପଞ୍ଚାୟତର ବାଣନଇରେ ପାଣିଟୋପାଏ ପିଇବା ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗୁହାରୀ ଜଣାଇବା ପରେ ମଧ୍ୟ ପ୍ରଶାସନ କର୍ଣ୍ଣପାତ ନକରିବାରୁ ଗ୍ରାମର ମହିଳାମାନେ ଉତକ୍ଷିପ୍ତ ହୋଇ ଶେଷରେ ଶନିବାର ରାଜରାସ୍ତାକୁ ଓହ୍ଲାଇଛନ୍ତି । ଗତ ଏକ ମାସ ହେଲା ପ୍ରଚଣ୍ଡ ଖରା ହେଉଥିବା ବେଳେ ଗ୍ରାମରେ ରହିଥିବା ପୁରୁଣା ବୋରୱେଲର ଜଳସ୍ତର କମିଯିବା ହେତୁ ଗ୍ରାମବାସୀଙ୍କୁ ପିଇବାକୁ ପାଣି ମିଳୁନାହିଁ । ଲୋକେ ବିଲମାଳ କୂଅକୁ ଯାଇ ପାଣି ଆଣୁଥିବା ବେଳେ ବର୍ତ୍ତମାନ କୂଅର ପାଣି ମଧ୍ୟ ଶୁଖିଯାଇଛି । ଯାହାଦ୍ୱାରା ରୋଷେଇ କରିବା ଓ ପିଇବା ପାଇଁ ମଧ୍ୟ ପାଣି ମିଳୁନାହିଁ । ଏନେଇ ଗ୍ରାମ୍ଯ ଜଳଯୋଗାଣ ଯନ୍ତ୍ରୀଙ୍କ ପ୍ରଶାସନଠାରେ ବାରମ୍ବାର ଅଭିଯୋଗ ଜଣାଯାଇଥିଲେ ମଧ୍ଯ କେହି ଖାତିର କରୁନାହାନ୍ତି । ଫଳରେ ନିରୁପାୟ ହୋଇ ଗ୍ରାମର ମହିଳା ପୁରୁଷମାନେ ଖାଲି ହାଣ୍ଡି ମାଠିଆଧରି ରାଜରାସ୍ତାକୁ ଆସି ଟାୟାର ଜାଳି ଆସିକା ହୁମା ମୁଖ୍ୟ ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ଯାହାଦ୍ୱାରା ସକାଳ ୭ଟାରୁ ସାଢେ଼୧୦ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡିମୋଟର ଅଟକିରହିଥିଲା ।

# କେସିଙ୍ଗାରେ ରାଷ୍ଟ୍ରୀୟ ଲୋକ ଅଦାଲତ



**କେସିଙ୍ଗା,୯।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅଧ୍ୟକ୍ଷା ଦୀପ୍ତି ସେଠଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଲୋକ ଅଦାଲତରେ ଦୁଇଟି ଚେକ ବାଉନ୍ସ ମାମଲାରେ ୮ ଲକ୍ଷ ୩୪ହଜାର ୯୨୨ଟଙ୍କା ଆଦାୟ ହୋଇଥିଲା। ଗୋଟିଏ ଟ୍ରାଫିକ ଚାଲାଣ ମାମଲାରେ ବିଚାର କରାଯାଇ ୧ହଜାର ୬୦୦ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରାକ ବ୍ୟାଙ୍କ ଜନିତ ମୋକଦ୍ଦମା ବାବଦରେ ୨୫ଟି ମାମଲାରେ ୧ଲକ୍ଷ ୭୮ହଜାର ୩୦୦ ଋଣ ଖିଲାପି ଟଙ୍କା ଆଦାୟ କରାଯାଇଥିଲା। କେସିଙ୍ଗା ତହସିଲ କାର୍ଯ୍ୟାଳୟ ଅନୁଷ୍ଠିତ ଏହି ଲୋକ ଆଦାଲତରେ ୧୦୦ଟି ମାମଲାରେ ୫ଲକ୍ଷ ୯୬ହଜାର ୧୨୫ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଇନଜୀବୀ, ଅଦାଲତର ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# ସର୍ବସାଧାରଣ ପୋଖରୀ ଜବରଦଖଲ, ଆନ୍ଦୋଳନ ନିଷ୍ପତ୍ତି



**ନୂଆପଡ଼ା,୯।୫(ସଂଚାର ବ୍ୟୁରୋ):** ନୂଆପଡ଼ା ସଦର ବ୍ଲକ ଚୁଲାଭାଟ ପଞ୍ଚାୟତ ଭର୍ଏଁଷାଦାଦର ଗାଁରେ ଥିବା ସର୍ବସାଧାରଣ ପୋଖରୀକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଜିଲା ପ୍ରଶାସନକୁ ଅନେକ ଥର ଲିଖିତ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶନିବାର ଗାଁରେ ସଭା କରି ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଭର୍ଏଁଷାଦାଦର ଗାଁର ଦାଦରପଡା, ବରପଦରପଡା, ସେମିଲିଆପଡା ଓ କେନ୍ଦୁପଡାରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ଥିବାବେଳେ ୭ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ଲୋକଙ୍କ ସୁବିଧା ପାଇଁ ଗ୍ରାମରେ ୧୯୮୭ ମସିହାରେ ୧୧ ଏକର ୫୫ ଡେସିମିଲ ପରିମିତ ସ୍ଥାନରେ ଏକ ସର୍ବସାଧାରଣ ପୋଖରୀ ରାମେଶ୍ୱର ପ୍ରୋଜେକ୍ଟ କୁସୁମକଟା ନିର୍ମାଣ ହୋଇଥିଲା। ଏହି ପୋଖରୀ ପାଣିକୁ ୪ ପଡାର ଲୋକେ ଦୈନିକ ବ୍ୟବହାର କରୁଥିବାବେଳେ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ପାଣି ପିଇ ତୃଷା ମେଣ୍ଟାଉଥିଲେ। ବର୍ତ୍ତମାନ ପୋଖରୀ ପାଣି ଶୁଖି ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମରେ ପାଇପ୍ ବିଛାଯିବାର ୩-୪ ବର୍ଷ ବିତିଯାଇଥିଲେ ମଧ୍ୟ ଜଳ ଯୋଗାଣ ହୋଇନାହିଁ। ଏପରିସ୍ଥଳେ ଲୋକେ ନଈନାଳରେ ବାଲିକୂଅ କରି ଦୂଷିତ ପାଣି ବ୍ୟବହାର କରୁଛନ୍ତି। ସେପଟେ ପୋଖରୀର କିଛି ଅଂଶକୁ ଗାଁର କେତେଜଣ ବ୍ୟକ୍ତି ପୋତି ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଗ୍ରାମବାସୀ ଅନେକଥର ସଭା କରି ମନାକଲା ପରେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଏହାର ସମାଧାନ ପାଇଁ ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

# ୩୦ କେଜି ଭାଙ୍ଗ ଜବତ, ଜଣେ ଗିରଫ

**ଝାରସୁଗୁଡା,୯।୫(ସଂଚାର ବ୍ୟୁରୋ):** ଝାରସୁଗୁଡା ଅବକାରୀ ବିଭାଗ ପକ୍ଷରୁ ଏକ ବିଶେଷ ଚଢ଼ଉରେ ୩୦ କେଜି ଭାଙ୍ଗ ଜବତ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପ୍ରମୋଦ ଶ୍ରୀବାସ। ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଅବକାରୀ ଟିମ୍ ଦ୍ୱାରା ଝାରସୁଗୁଡା ଟାଉନ ଥାନା ଅଞ୍ଚଳର ଝଣ୍ଡାଛକ ପରଦେଶୀପଡ଼ା ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୩୦ କେଜି ଭାଙ୍ଗ ଜବତ ହୋଇଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ଅବକାରୀ ବିଭାଗ ତଦନ୍ତ ଜାରି ରଖିଛି। ଏଥିସହ ଆଗାମୀ ଦିନରେ ମାଦକ ଦ୍ରବ୍ୟ ବିରୋଧୀ ଚଢ଼ଉକୁ ଆହୁରି କଡାକଡି କରାଯିବ ବୋଲି ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି।

# ଭାଲୁ ଆକ୍ରମଣରେ ୨ଜଣ ଗୁରୁତର

**ବଲାଙ୍ଗିର,୯।୫(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ କୁଟନିଝରଣ ଗାଁ ନିକଟସ୍ଥ ଜଙ୍ଗଲରେ ଭାଲୁ ଆକ୍ରମଣରେ ୨ଜଣ ଯୁବକ ଗୁରୁତର ହୋଇଛନ୍ତି।ସେମାନେ ହେଲେ ସ୍ଥାନୀୟ କୁଟନିଝରଣ ଗାଁ ର କର ନାଗ(୩୪) ଏବଂ ଡୋଶୀ ରାଣୀସିଲେଟ ର ଜନ୍ମଜୟ ମାଝୀ (୩୫) ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗିର ଭିମ ଭୋଇ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି।

# ବରଯାତ୍ରୀ ଗାଡ଼ି ଓଲଟି ୮ ଆହତ

**ବାରିପଦା,୯।୫(ସଂଚାର ବ୍ୟୁରୋ):** ବରଯାତ୍ରୀଙ୍କୁ ନେଇ ଫେରୁଥିବା ବୋଲେରୋ ଗାଡ଼ିକୁ ଧକ୍କା ଦେଲା କଂଟେନର। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ନଣ୍ଡାଶୋଳ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। ଫଳରେ ବରଯାତ୍ରୀ ଗାଡ଼ି ଓଲଟି ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବାରିପଦା ମେଡିକାଲରେ ଭର୍ତି କରାଯାଇଛି। ସୂଚନା ଅନୁଯାୟୀ, ବରଯାତ୍ରୀ ମାନେ ବୋଲେରୋ ଗାଡ଼ିରେ ଫେରୁଥିବା ବେଳେ, ଏକ କଂଟେନର ପଛପଟୁ ଧକ୍କା ଦେଇଥିଲା। ଯାହାଦ୍ୱାରା ଭାରସାମ୍ୟ ହରାଇ ବୋଲେରୋଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ବେତନଟୀ ପୋଲିସ ପହଁଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

# ବଲାଙ୍ଗୀର ସିଭିଲ୍ କୋର୍ଟ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ବଲାଙ୍ଗିର,୯।୫(ସଂଚାର ବ୍ୟୁରୋ):** ୦୯.୦୫.୨୦୨୬ ଦିନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡ଼ା, ବଲାଙ୍ଗୀର ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ସିଭିଲ କୋର୍ଟ ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ର ମୂଳ ଉଦ୍ଦେଶ୍ୟ ଅଣ ସଂକ୍ରାମକ ରୋଗ ର ଚିହ୍ନଟ ସହ, ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିର ରେ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ।

# 'ଜୁଭେଣ୍ଟିକା' ସାଇବର ସଚେତନତା ଶିବିର



**ଲାଞ୍ଜିଗଡ଼,୯।୫(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ଥାନା ପରିସର ଠାରେ ୟୁନିସେଫ୍ ଓ ଓଡିଶା ପୁଲିସ ମିଳିତ ଅନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ଦ୍ୱାରା ପରିଚାଳିତ 'ଜୁଭେଣ୍ଟିକା' ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁଲିସ ମହା ନିର୍ଦ୍ଦେଶକ (ଡିଜି) ଯୋଗେଶ ବାହାଦୂର ଖୁରାନିଆ ଆଭାସୀ ଭିଡିଓ ମାଧ୍ୟମରେ ଶୁଭାରମ୍ଭ କରିଥିବାବେଳେ ଯୁବତୀ ମାନଙ୍କୁ ସଚେତନତା କରିଥିଲେ। ଏଥିରେ ପିଲାମାନଙ୍କୁ ଇଣ୍ଟରନେଟ୍ ସୁରକ୍ଷା ବିଷୟରେ ସଚେତନ କରିବା, ସାଇବର ବୁଲିଂ, ଅନଲାଇନ୍ ଠକେଇ ଓ ଅଶ୍ଳୀଳ ବିଷୟବସ୍ତୁ ଠାରୁ ସୁରକ୍ଷା ଦେବା, ସୋସିଆଲ୍ ମିଡିଆର ସଠିକ୍ ବ୍ୟବହାର ଶିଖାଇବା, ପିଲାମାନଙ୍କ ଡିଜିଟାଲ୍ ଅଧିକାର ଓ ଗୋପନୀୟ ରକ୍ଷା କରିବା, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ସୁରକ୍ଷା ବିଷୟରେ ଜଣାଇବା ପିଲାମାନଙ୍କ ସହ ଜଡିତ ସାଇବର ଅପରାଧ ରୋକିବାରେ ପୋଲିସକୁ ପ୍ରଶିକ୍ଷଣ ଦେବା, ସାଇବର ଅପରାଧ ଘଟିଲେ କେମିତି ଅଭିଯୋଗ କରିବେ ସେଥିପାଇଁ ସହଯୋଗ କରିବା।ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲ, ଏଏସଆଇ ବଳଭଦ୍ର ଗୌଡ଼, ଏ ଏସ ଆଇ ମୋହନ ପରଜା, ଟାଉନ ହାବିଲଦାର ନରସିଂହ ଦାଶ ଓ ଲାଞ୍ଜିଗଡ଼ ଥାନର ସମସ୍ତ କର୍ମ କର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ପଞ୍ଚାୟତ, ଛତ୍ରପୁର ପଞ୍ଚାୟତ, ଜଗନ୍ନାଥପୁର ପଞ୍ଚାୟତ, ବସନ୍ତପଡା ପଞ୍ଚାୟତ ଅଙ୍ଗନବାଡି କର୍ମୀ ସମେତ ପ୍ରତେକ ପଞ୍ଚାୟତର କିଶୋରୀ ଝିଅମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।ସେହିପରି ବିଶ୍ୱନାଥପୁର ଥାନା ଏବଂ ବିଜେପୁର ଥାନାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶୀତଳା ପୂଜାରେ ମା'ମାନଙ୍କୁ ସମ୍ମାନିତ

**ବୈଶିଙ୍ଗା,୯।୫(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ହାତୀଝୁରୀ ପଞ୍ଚାୟତର ବଗଲପୁର ଗ୍ରାମରେ ମାଆ ଶୀତଳା ଠାକୁରାଣୀ ଙ୍କ ପାଞ୍ଚ ଦିନ ବ୍ୟାପି ଶହେ ତମ ବାର୍ଷିକ ପୂଜା ଗତ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ବିଶେଷ କରି ଗ୍ରାମର ମହିଳାମାନେ ପୂଜାର୍ଚ୍ଚନା ରେ ସହଯୋଗ କରି ସର୍ବାଙ୍ଗ ସୁନ୍ଦର ଭାବେ ପ୍ରତିପାଦିତ କରିଥିଲେ। ପ୍ରଥମ ଦିବସରେ ଘଟୋତ୍ତଳନ, ପୂଜା ଦ୍ୱିତୀୟ ଦିନରେ ବଡପୂଜା, ନବମୀ ପୂଜା ପର ଦିନ ସମାପିତ ହୋଇଥିଲା। ସୁନ୍ଦର ସାଜ ସଜ୍ଜା ସାଙ୍ଗକୁ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠିଥିଲା। ଶେଷ ସନ୍ଧ୍ୟାରେ ବାଲିଆପାଳ ର 'ସ୍ୱେଷ୍ଟର୍ଣ୍ଣ ଓଡ଼ିଶା ଅପେରା ' ପକ୍ଷରୁ 'ଯେତେ କାନ୍ଦିଲେବି ଲୁହ ଝରେନି ' ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଶହ ଶହ ଦର୍ଶକ ମନ ଭରି ଉପଭୋଗ କରିଥିଲେ। ଅପେରା ପାର୍ଟି ପକ୍ଷରୁ ଶୀତଳା ପୂଜାର ଶହେ ବର୍ଷ ପୂର୍ତ୍ତୀ ଉପଲକ୍ଷେ ମହିଳା ମାନଙ୍କୁ ସମ୍ମାନୀତ କରାଯାଇଥିଲା। ସେହି ମହିଳାମାନେ ହେଲେ ଲକ୍ଷ୍ମୀ ମଣୀ ମହାନ୍ତ, ଝୁନୁ ଦେହୁରୀ, ପବିତ୍ରା ଦେହୁରୀ, ରଞ୍ଜିତା ଦେହୁରୀ, ଶଙ୍କରୀ ଦେହୁରୀ, ଅଙ୍ଗି ବେହେରା, ଚୁମୁକି ପାତ୍ର ପ୍ରମୁଖ ସମ୍ମାନୀତ ହୋଇଥିଲେ। ଏହି ପୂଜା କମିଟୀ ରେ କେବଳ ମହିଳା ମାନେ ଦୀର୍ଘ ବର୍ଷ ଧରି ମାଆ ଶୀତଳା ଙ୍କ ବାର୍ଷିକ ପୂଜା କରିଆସୁଥିବାରୁ ସମସ୍ତେ କୃତଜ୍ଞତା ଜଣାଇଛନ୍ତି।

# ଭୂମିଜ ଭାଷାକୁ ସରକାରୀ ମାନ୍ୟତା ଦେବାକୁ ଦାବି



**ବୈଶିଙ୍ଗା,୯।୫(ସଂଚାର ବ୍ୟୁରୋ):** ଭାରତୀୟ ଆଦିବାସୀ ଭୂମିକ ସମାଜ ଓଡ଼ିଶା ତରଫରୁ ଚାରି ଦଫା ଦାବିକୁ ସରକାର ଗ୍ରହଣ କରିଥିଲେ ମଧ୍ୟ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଦୀର୍ଘ ବର୍ଷ ଧରି ଗଡ଼େଇ ଗଡ଼େଇ ଚାଲିଛନ୍ତି। ଆଗାମୀ ଦିନରେ ସରକାର ଦାବି ନ ମାନିଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବା ସହିତ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାର ସିଦ୍ଧାନ୍ତ ନିଆଯାଇଛି। ଚାରି ଦଫା ଦାବି ଗୁଡ଼ିକ ମଧ୍ୟରେ ଭୂମିକ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଭୂମିଜ ଭାଷାକୁ ଅଷ୍ଟମ ଅନୁ ସୂଚୀରେ ସାମିଲ କରିବା, ଭୂମିଜ ସହିଦଙ୍କୁ ସମ୍ମାନ ଦେବା ସହ ଚୁହାଳ ବିଦ୍ରୋହ କୁ ଭୂମିଜ ବିଦ୍ରୋହର ମାନ୍ୟତା ଦେବା, ଭୂମିକ ସମାଜର ରଘୁନାଥ ସିଂଙ୍କୁ ମାନ୍ୟତା ଦେବା ଆଦି ସାମିଲ ଥିବାର ଜଣାଯାଇଛି। କେନ୍ଦ୍ରୀୟ କମିଟିର ପୂର୍ବତନ ଅଧ୍ୟକ୍ଷ ପାଇକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କମିଟି ସଦସ୍ୟା ଗୀତାମଣୀ ସିଂ, ମୟୂରଭଞ୍ଜ ଜିଲ୍ଲା କମିଟି ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ସିଂ, ପୂର୍ବତନ ମହିଷାଶୋଳ ସରପଞ୍ଚ ତ୍ରୀଲୋଚନ ସିଂ, ବୈଦିପୁର ୱାର୍ଡସଭ୍ୟ ଚନ୍ଦ୍ର ମୋହନ ସିଂ, ନୀଳଗିରି ବ୍ଲକ ଅଧକ୍ଷ ନରୋତ୍ତମ ସିଂ ସମାଜସେବୀ ମାନୁଲାଲ ସର୍ଦ୍ଦାର, ସନିଆ ସିଂ, ଭଞ୍ଜ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଙ୍ଗଳୁ ସିଂ, କହ୍ନେଇ ସିଂ, ଓ ଗଣେଶ୍ୱର ସିଂ, ସୁରେନ୍ଦ୍ର ସିଂ, ଦୀଲ୍ଲୀପ ସିଂ, ଅନୁ ସିଂ, ହେମନ୍ତ ସିଂ, ତରଙ୍ଗିଣି ସିଂ, ଦୀନେଶ ସିଂ, ରଥିଆ ସିଂ, ବାଙ୍ଗୁରୁ ସିଂ, ବିଦୁ ସିଂ, ରାଜୁ ସିଂ ଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ନିକଟରେ ବିଧାନସଭାର ଭୂମିଜ ଭାଷାକୁ ମାନ୍ୟତା ଦିଆଯାଇଛି କହି ଏ ଜାତି ପ୍ରତି ଘୋର ଅପମାନ କରାଯାଇଛି ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ରାଜ୍ୟ ମୂଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଜେପିର ନୂଆ ସରକାରଙ୍କ ମଙ୍ଗ ଧରିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥି ପ୍ରତି ଦୃଷ୍ଟି ଦେବେ ବୋଲି ଆଶା ବାନ୍ଧିଛନ୍ତି।

# ରାସ୍ତା ମଝିରେ ବେଆଇନ ପାର୍କିଂ ବନ୍ଦ ଦାବି

**ନୂଆପଡ଼ା,୯।୫(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲାର ଖଡିଆଲ ସହରରେ ଦିନକୁ ଦିନ ପାର୍କିଂ ସମସ୍ୟା ଲାଗି ରହିଥିବା ବେଳେ ସମସ୍ୟାର ସମାଧାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ରୂପ ଧାରଣ କରିଛି। ସୂଚନା ଅନୁଯାୟୀ, ଖଡିଆଳ ହେଉଛି ନୂଆପଡ଼ା ଜିଲ୍ଲାର ବୃହତମ ସହର। ଏହି ସହର ଉପରେ ନୂଆପଡ଼ା ଜିଲ୍ଲାର ଲୋକେ ନିର୍ଭର କରୁଥିବା ବେଳେ ଜନସଂଖ୍ୟା ଏବଂ ଯାନବାହାନ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଉଛି। ହେଲେ ପାର୍କିଂର କୌଣସି ସୁବିଧା ନଥିବାରୁ ଯାନବାହାନ ଚାଳକମାନେ ଜାତୀୟ ରାଜପଥର ମଧ୍ୟ ଭାଗରେ ଗାଡି ସବୁ ପାର୍କିଂ କରୁଛନ୍ତି। ବିଶେଷକରି ୪ ଚକିଆ ଯାନ ସବୁ ପାର୍କିଂ ହେଉଥିବାରୁ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋଟିଏ ପାର୍ଶ୍ୱରୁ ଗାଡି କ୍ରସ୍ କଲା ବେଳେ ଅନ୍ୟପଟ ଗାଡି ସହିତ ଧକ୍କା ଖାଇବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ରାଣିପୁର ପେଟ୍ରୋଲ ପମ୍ପର ଉଭୟ ପାର୍ଶ୍ୱରେ ଭାରୀଯାନ ସବୁ ରହୁଥିବାରୁ ପେଟ୍ରୋଲ ଭରି ମୁଖ୍ୟ ରାସ୍ତାକୁ ଆସିବା ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ପେଟ୍ରୋଲ ପମ୍ପର କର୍ମକର୍ତ୍ତାଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ଯାତ୍ରୀଙ୍କ ଜୀବନ ନିରାପଦ ହୋଇପାରିବ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

# କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୫୭ ମାମଲାର ଫଇସଲା

**ଦିଗପହଣ୍ଡି,୯।୫(ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷ ଙ୍କ ଆନୁକୂଲ୍ୟରେ ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ଯକ୍ଷା ତଥା ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀଙ୍କ ଉପସ୍ଥିତିରେ ୫୬ ଟି ଫୌଜଦାରୀ ମାମଲା ଏବଂ ଗୋଟିଏ ଦେୱାନି ମାମଲାର ଫଇସଲା କରାଯାଇଥିଲା। ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥି, ଶିବରାମ ସାହୁ ,ଅଞ୍ଜଳି ମହାରଣା, ପ୍ରଦୀପ କୁମାର ପୁରୋହିତ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ରୁଦ୍ର ପ୍ରସାଦ ତାଣ୍ଡିଆ,ପିଲଟୁ ହେମ୍ବ୍ରମ , ପପୁନ୍ ମହାରଣା, ଆକାଶ କୁମାର ପାଢ଼ୀ, କାଳିଆ ନାୟକଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ରହି ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ଥାନାରେ ଜୁଭେଣ୍ଟିକା ସଚେତନତା



**ସୁବର୍ଣ୍ଣପୁର,୯।୫(ସଂଚାର ବ୍ୟୁରୋ):** ଓଡ଼ିଶା ପୋଲିସ୍ ସଂଗଠନ ଓ ୟୁନିସେଫ ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଦିନ ସୋନପୁର ସଦର ପୋଲିସ ଥାନା ପରିସରରେ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଲା ଯୁବପିଢି ଙ୍କୁ ସାଇବର ସୁରକ୍ଷା ଓ ସାମାଜିକ ଗଣମାଧ୍ୟମ ଉପରେ ସଚେତନତା କରିବା । କିଶୋର ବାଳକ ବାଳିକା ଓ ମହିଳାଙ୍କ ଉପରେ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ପୋଲିସ ତଦନ୍ତ ବିଭାଗ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ ଡ. ଯୋଗେଶ ବାହାଦୁର ଖୁରାନିଆ ଆଭାସୀ ମାଧ୍ଯମରେ ଉଦ୍‌ଘାଟନ କରିବା ସହ ବିଭିନ୍ନ ଜିଲାର କିଶୋରୀ କିଶୋର ମାନଙ୍କ ସହ ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋନପୁର ଥାନା ଅଧିକାରୀ ଶ୍ରୀ ଯାଦବ ବାଗ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସ୍‌ପି ରେଣୁକା ସୁନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ସାମାଜିକ କର୍ମୀ ତଥା (ୟୁନିସେଫ୍) ପରାମର୍ଶଦାତା ଘାସିରାମ ପଣ୍ଡା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଶୋରୀ କିଶୋର, ଅଙ୍ଗନୱାଡ଼ି କର୍ମୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ନିମ୍ନ ମାନର କାମ ପାଇଁ ରଙ୍ଗେଇରେ ଉତ୍ତେଜନା



## ଗ୍ରାମବାସୀ କାମ ତଦାରଖ କହିବାରୁ ଯନ୍ତ୍ରୀ ଦେଲେ ଥାନା ଧମକ

**ତିର୍ତ୍ତୋଲ,୯।୫(ସଂଚାର ବ୍ୟୁରୋ):** ବ୍ଲକ୍ ଅନ୍ତର୍ଗତ ଗରାମ ପଞ୍ଚାୟତ ରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ହେଉଥିବା ଗ୍ରାମରେ ରାସ୍ତା କାମକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଯନ୍ତ୍ରୀ ଙ୍କ ମଧ୍ୟରେ କଥା କଟାକଟି ହେବା ଦ୍ୱାରା କେଶ୍ ଯାଇଁ ତିର୍ତ୍ତୋଲ ଥାନାରେ ଯନ୍ତ୍ରୀ ଙ୍କ ତରଫରୁ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗତ ୩ଦିନ ତଳେ ଗରାମ ପଞ୍ଚାୟତ ର ରଂଙ୍କେଇ ଗ୍ରାମରେ ଝାଟୁ ବେହେରା ଘର ଠାରୁ ହଂଶୁରା ନଦୀ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଢଳାଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସେଥିରେ ବ୍ୟବହୃତ ହେଉଥିବା 'ସାଗର ସିମେଣ୍ଟ', ଅଢ଼େଇ ଇଞ୍ଚ ର ମେଣ୍ଟାଲ ଢଳାଇ ଓ ଦେଢ଼ ଇଞ୍ଚ ର ଗୋଡ଼ି ଢଳାଇ କାମ କରାଇବାକୁ ନେଇ ସେହି ଗ୍ରାମର ଲୋକ ଙ୍କ ସହିତ ଜଣେ ଶାସକ ଦଳର ଆଗ ଧାଡ଼ିର ସଦସ୍ୟ ରମେଶ ନାୟକ ଅଭିଯୋଗ କରିଥିଲେ, ଇନ୍ତୁ ଯନ୍ତ୍ରୀ ଏହାକୁ କାମ ଠିକ୍ ଠାକ୍ ହେଉଛି କହି ଆଡ଼େଇ ଦେଇଥିଲେ, ଯେହେତୁ ଯନ୍ତ୍ରୀଙ୍କ ନାମରେ କାମ ଅଛି ରମେଶ ଙ୍କ ସହିତ ଗ୍ରାମବାସି କାମର ଏଷ୍ଟିମେଣ୍ଟ ଦେଖାଇବାକୁ ଦାବି କରିଥିବା ବେଳେ ଯନ୍ତ୍ରୀ ରାଗିଯାଇ ଗ୍ରାମ ବାସୀଙ୍କ ସମେତ ରମେଶ ଙ୍କୁ ଥାନା ର ଧମକ ଦେଇଥିଲେ ! ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ପରେ ପରେ ଯନ୍ତ୍ରୀ ଏହି ବିବାଦରେ ମଣ୍ଡଳ ଉନ୍ନୟନ ଅଧିକାରୀ ଙ୍କୁ ଜଣାଇବା ପରେ ଅଧିକାରୀ ଚତୁରତାର ସହିତ ନିଜେ ଖସିଯିବାକୁ ଉଦ୍ୟମ କରିଥିଲେ ! ପରେ ମହିଳା ଯନ୍ତ୍ରୀ ଜଣକ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ରମେଶ ଏହି ବାବଦରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏହି ଡବଲ ଇଞ୍ଜିନ ସରକାର ରେ ସାଧାରଣ ଲୋକଙ୍କ ସରକାର କୁହାଯାଉଥିବା ସରକାର ରେ ତାଙ୍କ ଅଭିଯୋଗ କୁ ଏହି ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ହୋଇନଥିବା ଜଣାପଡ଼ିଛି। ରଙ୍ଗେଇ ଗ୍ରାମରେ ଏଭଳି ନିମ୍ନ ମାନର କାମକୁ ନେଇ ଗ୍ରାମବାସି ମାନେ ଆସନ୍ତା ସୋମବାର ମୂଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷଠରେ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ନିବେଦନ କରିବା ସହିତ, ଏହାର ଏକ କିତା ରାଜ୍ୟ କ୍ୱାଲିଟୀ କଣ୍ଟ୍ରୋଲ ବିଭାଗ, ଏକ କିତା ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଓ ସ୍ଥାନୀୟ ଜିଲ୍ଲାପାଳ ଙ୍କୁ ଦେବେ ବୋଲି ଜଣା ପଡ଼ିଛି। ଏଠି ସାଧାରଣ ରେ ପ୍ରଶ୍ନ ଉଠୁଛି ଯେ ଯଦି ଜଣେ ଯିଏ ଦୁର୍ନୀତି କରୁଛି ତାକୁ ବାରଣ ଯଦି କରାଯାଉଅଛି ତାହାଲେ ସେ ଧମକ ଦେବା ଓ ପୋଲିସ୍ ର ଭୟ ଦେଖାଇବା କେତେଦୂର ଯୁକ୍ତିଯୁକ୍ତ ଯାହାକୁ ନେଇ ସାଧାରଣ ରେ ଚର୍ଚ୍ଚା ହେଉଛି। ଦେଖାଯାଉ ଆଗାମୀ ଦିନର ଏହି କାମ ଉପରେ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ ପରେ ରାଜ୍ୟ କ୍ୱାଲିଟୀ କଣ୍ଟ୍ରୋଲ ଓ ଦୁର୍ନୀତି ନିବାରଣ ବିଭାଗ କିଭଳି ଭାବରେ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।